# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ପଞ୍ଚମ ସଂଖ୍ୟା ୧ ନଭେମ୍ବର ୨୦୨୨



https://epatrika.cspursahityasansad.com/

Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Email : epatrika.cspursahityasansad@gmail.com

Website: www.cspursahityasansad.com

# ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦ

# ଇପତ୍ରିକା

ପଞ୍ଚମ ସଂଖ୍ୟା
୦୧ ନଭେମ୍ବର ୨୦୨୨

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



## ৺ ଅଧ୍ୟାପିକା ନିରୁପମା ଆଚାର୍ଯ୍ୟ

ତିରୋଧାନ : ୩୦.୧୦. ୨୦୨୨

ବିଶିଷ୍ଟ ସାହିତ୍ୟିକା, କବୀ ଅଧ୍ୟାପିକା ନିରୁପମା ଆଚାର୍ଯ୍ୟଙ୍କ ବିୟୋଗ ରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତଥା ମାସିକ ଡିଜିଟାଲ୍ ପତ୍ରିକା 'ଇ-ପତ୍ରିକା' ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

# ନିରୁଅପାଙ୍କୁ ଚିଠିଟିଏ



ନିରୁଅପା,

ହଠାତ ଆଜି ଠାରୁ ତୁମର ଠିକଣା ବଦଳି ଗଲା ।ଏ ଠିକଣାରେ ଚିଠି କେବେ ପହଞ୍ଚେ ନାହିଁ, ଏ ବାବଦରେ ସଚେତନ ଥାଇ ମଧ୍ୟ ଛାତି ଭିତରେ ଛଟପଟ ହେଉଥିବା କେଇପଦ କଥା ତମ ପାଇଁ ବଖାଣି ନ ଦେଲେ ବୋଧହୁଏ ମୁଁ ତତଲା ବାଲିରେ ଛଟପଟ ହେଉଥିବି ।

ନିରୁଅପା ମନେ ଅଛି ନା ତୁମର ଆମ ପ୍ରଥମ ସାକ୍ଷାତ ଆଉ ପରିଚୟର କଥା ।ପ୍ରାବନ୍ଧିକ ତଥା ସ୍ତମ୍ଭକାର ବୈକୁଣ୍ଠ ମିଶ୍ରଙ୍କ ପ୍ରବନ୍ଧ ପୁସ୍ତକର ଲୋକାପର୍ଣ ଉତ୍ସବ ଅନୁଷ୍ଠିତ ହେଉଥିଲା ବୈକୁଣ୍ଠ ବାବୁ ଙ୍କର ଗାଆଁରେ । ଏକ ମନ୍ଦିର ପରିସରରେ। ଏହି ପୁସ୍ତକର ପ୍ରକାଶକ ଥିଲା ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ। ବୈକୁଣ୍ଠ ବାବୁଙ୍କ ଅନୁରୋଧ କ୍ରମେ ଜଗତସିଂହପୁର ଜିଲ୍ଲାର ସେହି ଗାଆଁକୁ ଡକ୍ଟର ଦିଗରାଜ ବ୍ରହ୍ମା , ସ୍ନେହଲତା ପୁଷ୍ଟି ଏବଂ ମୁଁ ଯୋଗ ଦେଇ ଥିଲୁ ।ଆମେ ଚାରିଜଣ ମଧ୍ୟ ଫଟୋ ଉଠାଇ ଥିଲୁ। ଡକ୍ଟର ଦିଗରାଜ ବ୍ରହ୍ମା ଆପଣଙ୍କ ସହିତ ପରିଚୟ କରାଇ ଦେଇଥିଲେ। ତାପରଠୁ ମୁଁ ହୋଇ ଉଠିଥିଲି ବଡଭାଇ ଆଉ ଅଧ୍ୟାପିକା ନିରୁପମା ଆପଣରୁ ତୁମେ ପାହାଚକୁ ଉନ୍ନିତ ହୋଇ ଥିଲେ। ଏହା ପରଠାରୁ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ଆସରରେ ଯୋଗ ଦେବା, ବହି ପ୍ରକାଶନ କରିବା, ଏହି ପୁସ୍ତକକୁ ଆନୁଷ୍ଠାନିକ ଭାବରେ ଲୋକାର୍ପିତ କରିବା ଇତ୍ୟାଦି ରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ଉଠିଲ। ପରବର୍ତ୍ତୀ ସମୟରେ ସଂସଦର ମୁଖପତ୍ର "ଚିହ୍ନ"ର ସଂପାଦନା ମଣ୍ଡଳୀ ର ଦାୟିତ୍ୱ କୁ ଆଦରି ନେଲ। ପୁନଶ୍ଚ କରୋନା ମହାମାରୀ ସମୟରେ ଯେଉଁ ବ୍ୟଥିତ ଦୃଶ୍ୟମାନ ଦେଖିବାକୁ ମିଳିଲା ସେତେବେଳେ ମୁଁ ପ୍ରସ୍ତାବ ଦେଲି ଯେ ସଂସଦ ପକ୍ଷରୁ ଏକ ଗାଆଁ ମାଟି ସଂକଳନ (କବିତା) ଭାଇ ଭଉଣୀ ଙ୍କ ଯୁଗ୍ମ ସଂପାଦନାର ପ୍ରକାଶ କରିବା । ସଂକଳନ ପ୍ରକାଶ ର କାରଣ ହିସାବରେ କହିଥିଲି ସହର ମାଟିରେ ମଣିଷ ପଣିଆ ର ଚାରା ଡେଣା ମେଳାଇ ପାରେନାହିଁ ,କିନ୍ତୁ ଗାଆଁ ମାଟି କେତେ ଉଦାର ସମସ୍ତଙ୍କୁ କିପରି ଆଦରି ନେଉଛି । ଗାଆଁ ମାଟିର ଏହି ବିଶାଳ ହୃଦୟକୁ ନେଇ ସଂକଳନର ଯୋଜନା କୁ ସେ ପ୍ରଶଂସା କରି ଏଥିରେ ସାମିଲ ହେଲେ ।ଏହାର ମୁଖବନ୍ଧ ସେ ଲେଖିଲେ ,ଯାହା ଅତି ଚମତ୍କାର ହୋଇପୁସ୍ତକର ଗୁଣାବତ୍ତାକୁ ବୃଦ୍ଧି କରାଇଛି। ଆହୁରି ବହୁତ ଯୋଜନା ବାବଦରେ ଆମେ ଆଲୋଚନା କରିଥିଲୁ ଆଗାମୀ ଦିନରେ କାର୍ଯ୍ୟକାରୀ କରିବା ପାଇଁ ।ତାହା ଅଧୁରା ହୋଇ ରହି ଗଲା ।ବୋଧହୁଏ ଅଧୁରା ହୋଇ ରହିଯିବ ତୁମ ପାଣ୍ଡୁଲିପି କୁ ନେଇ ପୁସ୍ତକ ପ୍ରକାଶନର ଯୋଜନା। ନିରୁଅପା ,ତମେ ବାରମ୍ବାର ମୋତେ କହୁଥିଲ ନିରୁ ନ ଡାକି ଚିନୁ ଡାକିବା ପାଇଁ। ମୁଁ ମଜାରେ ବି କେତେବେଳେ ନିରୁଚିନୁ ଅପା ,ବା ଅଧ୍ୟାପିକା ଅପା ଡାକୁଥିଲି। ତମେ ଏସବୁକୁ ଖୁବ ସହଜରେ ଗ୍ରହଣ କରି ନେଉଥିଲ।

ନିରୁଅପା ତମେ ଫୋନ କରିବାର ନିର୍ଦ୍ଦିଷ୍ଟ ସମୟ ନଥାଏ ।ପଢୁପଢୁ ବଖ ଲେଖୁଲେଖୁ କେଉଁଠି ଝୁଣ୍ଟିଲେ ମୋ ଫୋନ ବାଜି ଉଠୁଥିଲା। ଯେମିତି ରଙ୍ଗୀବୋଉ ଶତକ ସ୍ତବକ ପଢୁ ପଢୁ ରାତିର ଗଭୀରତା କୁ ବିଚାର ନକରି ପଚାରିଲ -କବିତା ବନିତା କବି ତା ପିତା ନି ପ୍ରେମିକ। ପିତା ହେବା ଭଲ ନା ପ୍ରେମିକ ?ଏ ପ୍ରଶ୍ନରେ ମୁଁ ହତବାକ୍ ହୋଇ ଉଠିଥିଲି। ସେମିତି କେଇମାସ ତଳେ ଫୋନ କରି କହିଲ -ଭାଇ ,ମୁଁ ଦେବୀ ଦର୍ଶନ କଲି। ଏହାର ଅର୍ଥ ମୁଁ ବୁଝି ନ ପାରିବାରୁ ତମେ ବୁଝାଇ କହିଲ ଦେବୀ ବିଜୟଲକ୍ଷ୍ମୀ ଙ୍କୁ ବହୁ ଦିନ ପରେ ଦେଖିଲି। ଦେବୀ ଙ୍କର ଆଶୀର୍ବାଦ ଏଥର ପାଇଛି।ଆଗରୁ କାହିଁକି ଆସୁନଥିଲେ ଆସର? ତମ କଥାରେ ମୁଁ ବେଦମ ହସିଲି। ପ୍ରତି ଦୁଇ ଚାରିଦିନ ବ୍ୟବଧାନରେ ଫୋନ କରିବା ତମର କାମ ଥିଲା ,ଆଉ ଅପେକ୍ଷା କରି ଥାଏ ତମ ଫୋନକୁ। ପ୍ରାୟ ମାସକ ପୂର୍ବରୁ ତମେ କହିଲ ମୋର ଆଉ ବେଶି ଦିନ ନୁହେଁ।ଏମିତି ଖରାପ କଥା କହନ୍ତି ନାହିଁ ବୋଲି ତାଗିଦ କଲି । ସେ କହିଲେ କଣ ଭାବୁଛ କି ମୁଁ ମୃତ୍ୟୁ କୁ ଡରୁଛି ? ଡରୁନାହିଁ। ବାୟୋପସି ହେବା ପାଇଁ ଯାଇଛି।ସାନଭାଇ

ବାବୁ ମୋ ପାଇଁ ରାତିକୁ ଦିନ କରି ଲାଗିଛି।ଏପରି କଥା ତାଙ୍କ ମୁହଁରୁ ଶୁଣି  ନିଜକୁ ସଂକୁଚିତ ଲାଗିଲେ ବି ମନୋବଳ ବୃଦ୍ଧି ପାଇଁ କହିଥିଲି। ଦିଗରାଜ ସାରଙ୍କୁ ଏକଥା ନକହିବା ପାଇଁ ଅନୁରୋଧ କରିଥିଲ।ତାକୁ ବି ପାଳନ କରିଛି ।କିନ୍ତୁ ତମ ଠିକଣା ବଦଳ କଥା ସକାଳେ ଶୁଣି ତାଙ୍କୁ କହିଥିଲି।ସେ ହତବାକ୍ ହୋଇ ଉଠିଥିଲେ। ସାନଭାଇ ବାବୁ ଙ୍କୁ କେଉଁ ଷ୍ଟେଜ ବୋଲି ପଚାରିବାରୁ ଡାକ୍ତର ୪ର୍ଥ ଷ୍ଟେଜ ବୋଲି ସୂଚନା ଦେବା ପରେ ସରୋଜ ବାବୁଙ୍କୁ ଧରି କେଇଦିନ ତଳେ ଆଳାପ/ସାକ୍ଷାତକାର ର ସୁଟିଂ କରାଇଥିଲି।ତମେ ସନ୍ଦେହ ଦୃଷ୍ଟିରେ କିଛି ପ୍ରଶ୍ନ କଲେ ବି ଆମେ ତମ ମୁହଁରେ ହସ ଦେଖିବାକୁ ଚାହିଁଥିଲୁ ଏବଂ ସଫଳ ହେଲୁ ।

ଅପା ତମେ ଠିକଣା ବଦଲାଇଲେ ବି ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ପ୍ରଚେଷ୍ଟା କରିବ ତମ ଅପ୍ରକାଶିତ ବହିକୁ ପ୍ରକାଶ କରିବା ପାଇଁ। ଆହୁରି ପ୍ରଚେଷ୍ଟା କରିବ ଏଭଳି ହଠାତ ପ୍ରକୃତିର ନିୟମରେ ଠିକଣା ବଦଳାଇ ଦେଉଥିବା ସତୀର୍ଥ ମାନଙ୍କ ପାଇଁ ଆବଶ୍ୟକ ସ୍ଥଳେ ଏକ ପାଣ୍ଠି ସୃଷ୍ଟି କରି ଅପୂରଣୀୟ କାମକୁ ପୂର୍ଣ୍ଣ ରୂପ ଦେବା ପାଇଁ।

ଅପା ଆଖିର ସେପାଖରେ ଥାଇ ଶୁଭେଚ୍ଛା ବରଷିବାକୁ ଭୁଲିବ ନାହିଁ।

ଇତି
ତମର ଭାଇ ବସନ୍ତ

■■■

## ଅଧ୍ୟାପିକା ନିରୁପମା ଆଚାର୍ଯ୍ୟଙ୍କ ସହ ଆଳାପ / ସାକ୍ଷାତକାର ସମୟର କିଛି ଫୋଟୋ ଚିତ୍ର

୨୩.୧୦.୨୦୨୨ (ରବିବାର)









# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ରେ ବିତିଥିବା ଅଧ୍ୟାପିକା ନିରୁପମା ଆଚାର୍ଯ୍ୟଙ୍କ କିଛି ସ୍ମୃତି





























# ଶେଷ ନିଦ୍ରାରେ ଅଧ୍ୟାପିକା ନିରୁପମା ଆଚାର୍ଯ୍ୟ

୩୦.୧୦.୨୦୨୨ (ରବିବାର)



# ଅଧ୍ୟାପିକା ନିରୁପମା ଆଚାର୍ଯ୍ୟଙ୍କ ଅନ୍ତିମ ଦର୍ଶନ ସହ ପୁଷ୍ପାର୍ଘ୍ୟ ପ୍ରଦାନ

୩୦.୧୦.୨୦୨୨ (ରବିବାର)







ବସନ୍ତ ମାଝି
ମୁଖ୍ୟ ସମ୍ପାଦକ

ସରୋଜ କୁମାର ଶତପଥୀ
ସମ୍ପାଦକ

# ସମ୍ପାଦକୀୟ

ବାସ୍ତବତା ଏବଂ ଜ୍ଞାନ ମଧ୍ୟରେ ଏକ ସଂଘାତମୟ ସମ୍ପର୍କ ରହିଛ ଆସିଛି । ଜ୍ଞାନ ବସ୍ତୁଗତ ଜଗତକୁ ସମୃଦ୍ଧ ତଥା ଜଟିଳ ମଧ୍ୟ କରି ଚାଲିଛି । ବୈଜ୍ଞାନିକ ଚେତନା ଓ ଅନୁସନ୍ଧାନ ଏହି ସଂଘାତକୁ ଦୂର କରିବାରେ ସହାୟକ ହୋଇଥାଏ । ଆମ ସମାଜରେ କିଛି ଲୋକ ଅଛନ୍ତି ଯେଉଁମାନେ ଜ୍ଞାନକୁ ବିଶ୍ୱାସ ସ୍ତରକୁ ନେଇଯାଆନ୍ତି ଏବଂ ସା - ହିତ୍ୟାନୁସନ୍ଧାନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିରୋଧ କରିଥାଆନ୍ତି । ଏହା ଫଳରେ ସଂସ୍କୃତି ବାଧାପ୍ରାପ୍ତ ହୁଏ ଏବଂ ବିଶ୍ୱାସ ବଳଶାଳୀ ତଥା ଗଣସଂସ୍କୃତି କ୍ରମଶଃ ଦୁର୍ବଳ ହୁଏ । ଗଣ ସଂସ୍କୃତି ଦୁର୍ବଳ ହେଲେ ଆଗ୍ରାସୀ ଗଣ ମାଧ୍ୟମ ତଥା ସେମାନଙ୍କ ପ୍ରବାହରେ ଜନ ସମୁଦାୟ ଭାସି ଯାଆନ୍ତି ଏବଂ ଏକ ଅଦ୍ଭୁତ ଧରଣର ସଂସ୍କୃତି ଜନ୍ମ ନେଇଥାଏ ।

ଏହିସତ୍ୟକୁ'ଇ-ପତ୍ରିକା'ରଲେଖକ/ଲେଖିକାମାନଙ୍କୁହୃଦୟଙ୍ଗମକରିବାକୁପଡ଼ିବ ।ନୂତନଆଙ୍ଗିକତାରସୃଷ୍ଟି ଏବଂ ଏହାକୁ ଆଧାର କରି ସାହିତ୍ୟ ସର୍ଜନା କଲେ ସାଂସ୍କୃତିକ ଆନ୍ଦୋଳନ ବଳଶାଳୀ ହେବ । ସୃଷ୍ଟିଶୀଳ ଉଦ୍ଭାବନରେ ଲେଖକମାନେ ବ୍ରତୀ ହୁଅନ୍ତୁ । ଏହି କାମନା ବା ଏହି ଦାୟିତ୍ୱ ଆମ ତରଫରୁ ଆପଣ ମାନଙ୍କୁ ସମର୍ପି ଦେଉଛୁ ।

ଇତି ମଧ୍ୟରେ ଆମ 'ଇ-ପତ୍ରିକା' ପଞ୍ଚମ ମାସରେ ପାଦ ଥାପିଛି ।ରାଜ୍ୟ ଭିତରେ ତଥା ବାହାରେ ଏହାର ଲୋକପ୍ରିୟତା ବେଶ୍ ବୃଦ୍ଧିପାଇଛିଏବଂ ଏହାର କଳେବରର ମଧ୍ୟ ଶ୍ରୀବୃଦ୍ଧି ଘଟିଛି ଆପଣମାନଙ୍କ ସହଚର୍ଯ୍ୟାରେ । ଏହି ସହଯୋଗ ବଜାୟ ରହିଲେ 'ଇ-ପତ୍ରିକା'ର ଚଲାପଥ ନିଶ୍ଚେ କୁସୁମିତ ହେବ ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**

■■■




# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ନିରୁଅପାଙ୍କୁ ଚିଠିଟିଏ | ବସନ୍ତ ମାଝି | ୦୪ |
| ୨. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୮ |
| | **ବ୍ୟାକରଣ ବିଭାଗ** | | |
| ୩. | ବର୍ଣ୍ଣ | ଡ. ଦେବାଶିଷ ମହାପାତ୍ର | ୧୨ |
| | **ଗଦ୍ୟ ବିଭାଗ** | | |
| ୪. | ମସ୍ତକରେ ଚାନ୍ଦ ଗଳାରେ ନାଗ | ଝୁନ ହୋତା | ୧୬ |
| ୫. | ପ୍ରଭାସ ଯଜ୍ଞ | ଡ. ସୁଜିତ ନାଥ | ୧୮ |
| ୬. | ଅନଭିଜ୍ଞ | ସୁମନୀକା ମିଶ୍ର | ୨୩ |
| ୭. | ଶ୍ରୀ ଜଗନ୍ନାଥଙ୍କ ଦପ୍ତର ଓ ସୂଚନା ଅଧିକାର | ବିରଞ୍ଚି ମିଶ୍ର | ୨୫ |
| ୮. | ବଡ଼ ବିଚିତ୍ର ଏ ଫକୀର | ମନୋଜ ମହାପାତ୍ର | ୨୬ |
| ୯. | ଅନ୍ତ ଭଲ ତ ସବୁ ଭଲ | ଡା. ଘନଶ୍ୟାମ ଜୈନ | ୨୯ |
| ୧୦. | ମୁଁଛ ନେହିଁ ତୋ କୁଛ ନେହିଁ | ଛନ୍ଦା ମିଶ୍ର | ୩୨ |
| ୧୧. | ଶବ୍ଦବ୍ରହ୍ମ ମନ୍ତ୍ର ଏକ ବିଜ୍ଞାନ | ମୀନୁ ହୋତା | ୩୪ |
| ୧୨. | ହାଏ ପୁତ୍ର ! | ଅଧ୍ୟାପକ ଅଜୟ ପଟ୍ଟନାୟକ | ୩୫ |
| ୧୩. | ଅଛିଣ୍ଡା ପ୍ରଶ୍ନ | ଯଶୋବନ୍ତ ସେଠୀ | ୩୮ |
| ୧୪. | ଯା ଦେବୀ ସର୍ବଭୂତେଷୁ | ଆଶୁତୋଷ ଧଳ | ୩୯ |
| ୧୫. | ବିବେକୀ ବୋକା | ଶଶାଙ୍କ ଶେଖର ମିଶ୍ର | ୪୧ |
| ୧୬. | ରୁଦ୍ରାକ୍ଷ | ଅଞ୍ଜଳି ଆଚାର୍ଯ୍ୟ | ୪୨ |
| ୧୭. | ସହଯାତ୍ରୀ | ସୌମ୍ୟା ସାରସ୍ୱତା ପଣ୍ଡା | ୪୫ |
| ୧୮. | ମାତୃଭାଷା: ହୃଦୟରେ ଭରିଦିଏ ଜାତିର ସ୍ୱାଭିମାନ | ରଶ୍ମି ସାମଲ | ୪୬ |
| ୧୯. | ବିପ୍ଳବୀ ବାଜି ରାଉତ: ଲାଲ ସଲାମ | ଚିତ୍ତ ରଞ୍ଜନ ନନ୍ଦ | ୪୮ |
| ୨୦. | ଭକ୍ତି ରୂପେଣ ସଂସ୍ଥିତା | ଶ୍ରୀ କୁଞ୍ଜବିହାରୀ ସାହୁ | ୫୧ |
| ୨୧. | ଆମ ଫୁଲ ଅଗଣା | ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୫୩ |
| | **ପଦ୍ୟ ବିଭାଗ** | | |
| ୨୨. | ତମ ଦାତାପଣ ଜଣା ପଡ଼ିଲା | ଶ୍ରୀଯୁକ୍ତ ସତ୍ୟନାଶ | ୫୫ |
| ୨୩. | ଏକାନ୍ତ ବ୍ୟକ୍ତିଗତ | ବିଭୂତି ଭୂଷଣ ମହାପାତ୍ର | ୫୬ |
| ୨୪. | ପ୍ରେମ | ପ୍ରମୋଦ କୁମାର ମହାପାତ୍ର | ୫୭ |
| ୨୫. | ଜୀବନର ପ୍ରତିଶ୍ରୁତି | ବିପିନ୍ ମହାନ୍ତି | ୫୮ |
| ୨୬ | ଜଣେ ସପ୍ନ ବିକାଳିର ବିୟୋଗ | ବସନ୍ତ ମାଝି | ୫୯ |
| ୨୭. | ଆକର୍ଷଣ | ପ୍ରଫେସର ବୀଣାପାଣି ତ୍ରିପାଠୀ | ୬୦ |
| ୨୮. | ଦୁଇଟି କବିତା | ଡ. ଅଶୋକ ମହାନ୍ତି | ୬୧ |
| ୨୯. | କେହି ନୁହେଁ କାହାପରି | ବିଦ୍ୟାଧର ଗୁରୁ | ୬୨ |
| ୩୦. | ଦୋଛକି | ମୋହନ ମଜୀଠିଆ | ୬୩ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୧. | ସ୍ମୃତି | ସରୋଜ କୁମାର ଶତପଥୀ | ୬୪ |
| ୩୨. | ବୋଉ | ସ୍ୱର୍ଣ୍ଣଲତା ମହାପାତ୍ର | ୬୫ |
| ୩୩. | ବର୍ତ୍ତମାନ | ମନୋରମା ମିଶ୍ର | ୬୬ |
| ୩୪. | ଉତ୍କଳମଣି | ମୌସୁମୀ ଶୁକ୍ଳା | ୬୭ |
| ୩୫. | ଉଦିତ ଚେତନା | ଗୀତା ପଟ୍ଟନାୟକ | ୬୮ |
| ୩୬. | ବାଜି ରାଉତ | କବିତା ନାୟକ | ୬୯ |
| ୩୭. | ଚିତ୍ରିତ ଛବି | ଡ. ପ୍ରବୀଣା ପରିଡ଼ା | ୭୦ |
| ୩୮. | ଆତ୍ମ ପ୍ରତାରଣା | ଯଦୁନାଥ ଜେନା | ୭୧ |
| ୩୯. | ସାଥୀ ହୋଇ ରହିବାରେ ଜନ୍ମ ଜନ୍ମାନ୍ତର | ନୀଳମଣି ଚାନ୍ଦ | ୭୨ |
| ୪୦. | କବିର ଭାବନା | ପ୍ରଭାତୀ କୁମାରୀ ମିଶ୍ର | ୭୩ |
| ୪୧. | ଗୋଧୂଳି ର ବର୍ଣ୍ଣବିଭା | ମାନଗୋବିନ୍ଦ ବାରିକ | ୭୪ |
| ୪୨. | ମା' ଜଗତ ଜନନୀ | ରଞ୍ଜିତା ତ୍ରିପାଠୀ | ୭୫ |
| ୪୩. | ପାର୍ବଣେ ନବଦୁର୍ଗା | ନିକୁଞ୍ଜ କୁମାର ଘୋଷ | ୭୬ |
| ୪୪. | ମଶାଣିର କ୍ଷୁଧା | ସିଦ୍ଧାର୍ଥ କୁମାର ମହାପାତ୍ର | ୭୭ |
| ୪୫. | ଜନନୀ | ପଞ୍ଚାନନ ତାଣ୍ଡି | ୭୮ |
| ୪୬. | ଲୁହ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୭୯ |
| ୪୭. | ତିନୋଟି କବିତା | ଭିକାରୀ ଚରଣ ମିଶ୍ର | ୮୦ |
| ୪୮. | ବିଶ୍ୱାସ | ପ୍ରଭାତ କୁମାର ମିଶ୍ର | ୮୧ |
| ୪୯. | ସମ୍ପର୍କ | ଯଜ୍ଞଦତ୍ତ ସାମନ୍ତରାୟ | ୮୨ |
| ୫୦. | ବୁଆ(କୋଶଲୀ) | ଯୋଗେଶ ମିଶ୍ର | ୮୩ |
| ୫୧. | ଘାଟ୍ (କୋଶଲୀ) | ନୀରଜ ଦାଶ ଶର୍ମା | ୮୪ |
| ୫୨. | ସରକାରୀ ଜୁଏଁ (କୋଶଲୀ) | ଅନୀଲ୍ ସାହୁ | ୮୮ |
| ୫୩. | ଖେଳ ଅନନ୍ତ କାଳ | ତୁଳସୀଦାସ ମିଶ୍ର | ୮୬ |
| ୫୪. | ଗୁରୁକୃପା | **ମଧୁସୂଦନ ନାଗ** | ୮୭ |
| ୫୫. | ନିଜର ଉପରେ ନଜର | ବାଲ୍ମୀକି ପାତ୍ର | ୮୮ |
| ୫୬. | ସାଗର ବେଳାରେ | ଶ୍ରୀମତୀ ବସନ୍ତ ମିଶ୍ର | ୮୯ |
| ୫୭. | ଏଇ ତ' ଜୀବନ | କରିସ୍ମା ତ୍ରିପାଠୀ | ୯୦ |
| ୫୮. | ଶ୍ରାବଣୀ କନ୍ୟା | ପୁଷ୍ପଲତା ମିଶ୍ର | ୯୧ |
| ୫୯. | କିଛି ଫରକ ପଡୁନି | ନିହାରୀକା ରାୟ ବରାଳ | ୯୨ |
| ୬୦. | ଆଳାପ | ଅପରାଜିତା | ୯୩ |
| ୬୧. | ମୁଁ ଗୋଟିଏ ପଥର | ଜାହ୍ନବୀ ଚୌଧୁରୀ | ୯୪ |
| ୬୨. | କଳା ସୁନ୍ଦର | ବିନୋଦିନୀ ଗଉଡ଼ | ୯୫ |
| ୬୩. | ଅଂଶୀ | ପ୍ରଜ୍ଞା ମହାନ୍ତି | ୯୬ |
| ୬୪. | ମୁଁ ଶ୍ରମଜୀବୀ | ପଦ୍ମାଳୟା ସାମଲ | ୯୭ |
| ୬୫. | କାନ୍ଦିବୁ ଏକା ଏକା | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୯୮ |
| ୬୬. | ଇ - ପତ୍ରିକା ର ଅକ୍ଟୋବର ସଂଖ୍ୟା ଓ ସଂସଦର ୪୪ତମ ଅଧିବେଶନର କିଛି ସ୍ମୃତି | | ୯୯ |

# ବ୍ୟାକରଣ ବିଭାଗ



# ବର୍ଣ୍ଣ

ଡ. ଦେବାଶିଷ ମହାପାତ୍ର



ଭାବକୁ ପ୍ରକାଶ କରିବା ପାଇଁ ଆମେ ଭାଷାର ବ୍ୟବହାର କାରିଥାଉ । ସେଥିପାଇଁ ତ କୁହାଯାଏ, ଭାଷା ହେଉଛି ଯୋଗାଯୋଗର ମାଧ୍ୟମ । ତେବେ ଭାଷାକୁ ବ୍ୟକ୍ତ କରିବା ପାଇଁ ଆମେ କେତେ ପ୍ରକାଶ ସଙ୍କେତ ବ୍ୟବହାର କାରିଥାଉ । ଏହାକୁ ଆମେ ବର୍ଣ୍ଣ ବା ଅକ୍ଷର ବା ଲିପି କହୁ । ଅନ୍ୟ ଭାଷାରେ କହିଲେ ମୁଖ ନିସୃତ ଧ୍ୱନି ହିଁ ଭାଷାରେ ବ୍ୟବହୃତ ବର୍ଣ୍ଣ । ଧ୍ୱନିର ସ୍ୱରୂପ ରୂପକ ଅଦୃଶ୍ୟ, କିନ୍ତୁ ଶ୍ରାବ୍ୟ । ଶ୍ରାବ୍ୟ ବର୍ଣ୍ଣ ଅକ୍ଷର ସଙ୍କେତ ଦ୍ୱାରା ଲିଖିତ ରୂପରେ ବର୍ଣ୍ଣମାଳାରେ ସ୍ଥାନିତ । ବର୍ଣ୍ଣସମୂହର ସମଷ୍ଟିରୁ ବର୍ଣ୍ଣମାଳା ଗଠିତ । ବିଭିନ୍ନ ଭାଷାରେ ବିଭିନ୍ନ ସଂଖ୍ୟକ ବର୍ଣ୍ଣ ଅଛି । ସେମାନଙ୍କ ଆକାର ଓ ଉଚ୍ଚାରଣ ମଧ୍ୟ ଭିନ୍ନ ଭିନ୍ନ । ବର୍ଣ୍ଣମାନଙ୍କୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଏ - ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ । ଅନ୍ୟ ବର୍ଣ୍ଣର ସାହାଯ୍ୟ ନ ନେଇ ଯେଉଁ ବର୍ଣ୍ଣ ଉଚ୍ଚାରିତ ହୁଏ, ତାହା ସ୍ୱରବର୍ଣ୍ଣ ଏବଂ ଯେଉଁ ବର୍ଣ୍ଣ ସ୍ୱରବର୍ଣ୍ଣର ସାହାଯ୍ୟ ବିନା ଉଚ୍ଚାରିତ ହୋଇପାରେ ନାହିଁ, ତାହା ବ୍ୟଞ୍ଜନବର୍ଣ୍ଣ । ଓଡ଼ିଆ ଭାଷାରେ ଅ,ଆ,ଇ,ଈ,ଉ,ଊ,ଋ,ଏ,ଐ,ଓ,ଔ ଏଗାରଟି ସ୍ୱରବର୍ଣ୍ଣ । ଉଚ୍ଚାରଣ ଅନୁସାରେ ସ୍ୱରବର୍ଣ୍ଣ ମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ- ଅ,ଇ ହ୍ରସସ୍ୱର ଓ  ଆ,ଈ,ଊ,ଏ,ଐ,ଓ,ଔ ୭ଟି ଦୀର୍ଘସ୍ୱର, ଐ ଓ ଔ କୁ ମିଶ୍ରସ୍ୱର କୁହାଯାଏ ।

ବିଭିନ୍ନ ଭାଷାରେ ଉଚ୍ଚାରିତ ଧ୍ୱନିଗୁଡ଼ିକୁ ଲେଖିବା ପାଇଁ ବିଭିନ୍ନ ସଙ୍କେତ ସୃଷ୍ଟି କରାଯାଇଛି, ଏହି ଧ୍ୱନି ସଙ୍କେତଗୁଡ଼ିକୁ ଆମେ ବର୍ଣ୍ଣ ବା ଲିପି କହିଥାଉ । ବର୍ଣ୍ଣ ଦ୍ୱାରା ଲିପିଗୁଡ଼ିକ ବର୍ଣ୍ଣିତ ହୋଇଥାଏ । ବର୍ଣ୍ଣକୁ ତେଣୁ ଲିପିର ଲିଖିତ ରୂପ କୁହାଯାଇପାରେ । ଉଚ୍ଚାରଣ ପଦ୍ଧତି ଅନୁସାରେ ବର୍ଣ୍ଣଗୁଡ଼ିକ ବର୍ଣ୍ଣମାଳାରେ ସଜା ଯାଇଥାଏ ।

## ଆମ ସ୍ୱର ବର୍ଣ୍ଣ

ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ

ଧ୍ୱନୀ ବିଜ୍ଞାନ ଦୃଷଟିରୁ ଦେଖିଲେ ଆମ ଭାଷାରେ ଅ, ଆ, ଇ, ଉ, ଏ, ଓ - ସୁଦାୟ ୬ଟି ସ୍ୱରଧ୍ୱନି ।

## ଆମ ବ୍ୟଞ୍ଜନ ବର୍ଣ୍ଣ

କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ୟ, ର, ଳ, ଲ, ୱ, ଶ, ଷ, ସ, ହ ।

## ବ୍ୟଞ୍ଜନ ବର୍ଣ୍ଣ

### ବର୍ଗ୍ୟ

 କ, ଖ, ଗ, ଘ, ଙ,
ଚ, ଛ, ଜ, ଝ, ଞ,
ଟ, ଠ, ଡ, ଢ, ଣ,
ତ, ଥ, ଦ, ଧ, ନ,
ପ, ଫ, ବ, ଭ, ମ,

### ଅବର୍ଗ୍ୟ

ଯ, ୟ, ର, ଳ, ଲ, ୱ, ଶ, ଷ, ସ, ହ

ବର୍ଣ୍ଣର ଅର୍ଥ ଅକ୍ଷର । ଆମେ କହୁ, ବର୍ଣ୍ଣଜ୍ଞାନ ଅକ୍ଷର ପରିଚୟ । ବର୍ଣ୍ଣମାଳା ଭାଷାରେ ବ୍ୟବହାର ହେଉଥିବା ଅକ୍ଷର ସମୂହ ବା ଅକ୍ଷରମାଳା, ବର୍ଣ୍ଣମାଳାର ଲିଖନରୂପ ବର୍ଣ୍ଣଲିପି । ଧ୍ୱନିମାନଙ୍କର ଲିଖିତ ରୂପ ବର୍ଣ୍ଣ । ବର୍ଣ୍ଣର ଅନ୍ୟନାମ ଅକ୍ଷର ।

# ଓଡ଼ିଆ ବର୍ଣ୍ଣମାଳା

କ - କଣ୍ଠ୍ୟ ସ୍ପର୍ଶ ଅଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଖ - କଣ୍ଠ୍ୟ ସ୍ପର୍ଶ ଅଘୋଷ ମହାପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଗ - କଣ୍ଠ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଘ - କଣ୍ଠ୍ୟ ସ୍ପର୍ଶ ସଘୋଷ ମହାପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଙ - କଣ୍ଠ୍ୟ ସ୍ପର୍ଶ ସଘୋଷ ଅଳ୍ପପ୍ରାଣ ନାସିକ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ଚ - ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ଅଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଛ - ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ଅଘୋଷ ମହାପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଜ - ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ସଘୋଷ ଅଳ୍ପପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଝ - ତାଲବ୍ୟ ସ୍ପର୍ଶ-ସଂଘର୍ଷୀ ସଘୋଷ ମହାପ୍ରାଣ ନିରୁନାସିକ ବ୍ୟଞ୍ଜନ ବର୍ଣ୍ଣ ।
ଞ - ନାସିକ୍ୟ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣ ।

ଟ - ଅଘୋଷ ଅଳ୍ପପ୍ରାଣ ମୂର୍ଦ୍ଧନ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଠ - ଅଘୋଷ ମହାପ୍ରାଣ ମୂର୍ଦ୍ଧନ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଡ - ସଘୋଷ ଅଳ୍ପପ୍ରାଣ ଉତ୍କ୍ଷିପ୍ତ ମୂର୍ଦ୍ଧନ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଢ - ସଘୋଷ ମହାପ୍ରାଣ ଉତ୍କ୍ଷିପ୍ତ ମୂର୍ଦ୍ଧନ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଣ - ନାସିକ୍ୟ ମୂର୍ଦ୍ଧନ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ତ - ଅଘୋଷ ଅଳ୍ପପ୍ରାଣ ଦନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଥ - ଅଘୋଷ ମହାପ୍ରାଣ ଦନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଦ - ସଘୋଷ ଅଳ୍ପପ୍ରାଣ ଦନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଧ - ସଘୋଷ ମହାପ୍ରାଣ ଦନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ନ - ନାସିକ୍ୟ ବର୍ତ୍ସ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ପ - ଅଘୋଷ ଅଳ୍ପପ୍ରାଣ ଓଷ୍ଠ୍ୟ ସ୍ପର୍ଶ ବ୍ୟଞ୍ଜନ ବର୍ଣ୍ଣ ।
ଫ - ଅଘୋଷ ମହାପ୍ରାଣ ଓଷ୍ଠ୍ୟ ସ୍ପର୍ଶ ବ୍ୟଞ୍ଜନ ବର୍ଣ୍ଣ ।
ବ - ସଘୋଷ ଅଳ୍ପପ୍ରାଣ ଓଷ୍ଠ୍ୟ ସ୍ପର୍ଶ ବ୍ୟଞ୍ଜନ ବର୍ଣ୍ଣ ।
ଭ - ସଘୋଷ ମହାପ୍ରାଣ ଓଷ୍ଠ୍ୟ ସ୍ପର୍ଶ ବ୍ୟଞ୍ଜନ ବର୍ଣ୍ଣ ।
ମ - ଓଷ୍ଠ୍ୟ ନାସିକ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ଯ - (ଅନ୍ୟନାମ ଅନ୍ତଃସ୍ଥ ବା ଅବର୍ଗ୍ୟ ଯ) ସଘୋଷ ଅଳ୍ପପ୍ରାଣ ତାଲବ୍ୟ ସ୍ପଶ ସଂଘର୍ଷୀ ବ୍ୟଞ୍ଜନ ବର୍ଣ୍ଣ ।
ର - ସଘୋଷ ବର୍ତ୍ସ୍ୟ ଲୋଡ଼ିତ ବର୍ଣ୍ଣ ।
ୟ - ସଘୋଷ ତାଲବ୍ୟ ଅର୍ଦ୍ଧସ୍ୱର ବର୍ଣ୍ଣ ।
ଲ - ସଘୋଷ ବର୍ତ୍ସ୍ୟ  ପାର୍ଶ୍ୱିକ ବ୍ୟଞ୍ଜନ ବର୍ଣ୍ଣ ।
ଳ - ସଘୋଷ ମୂର୍ଦ୍ଧନ୍ୟ ପାର୍ଶ୍ୱିକ ବ୍ୟଞ୍ଜନ ବର୍ଣ୍ଣ ।
ୱ - ଅବର୍ଗ୍ୟ ଅର୍ଦ୍ଧବ୍ୟଞ୍ଜନ ବା ଅର୍ଦ୍ଧସ୍ୱର ବର୍ଣ୍ଣ ।

ଶ – ମହାପ୍ରାଣ ତାଲବ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ଷ – ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ।
ସ – ଅଘୋଷ ବର୍ତ୍ସ୍ୟ ସଂଘର୍ଷୀ ବ୍ୟଞ୍ଜନ ବର୍ଣ୍ଣ ।
ହ – ସଘୋଷ କାକଲ୍ୟ ସଂଘର୍ଷୀ ବ୍ୟଞ୍ଜନ ବର୍ଣ୍ଣ ।
କ୍ଷ – ସଂଯୁକ୍ତ ବର୍ଣ୍ଣ ।

ଓଡ଼ିଆରେ ଅବର୍ଗ୍ୟ ବ୍ୟଞ୍ଜନ ଭାବେ ଶ,ଷ,ସ ତିନୋଟି ଅକ୍ଷରର ବ୍ୟବହାର ବର୍ଣ୍ଣମାଳାରେ ସ୍ଥାନିତ । ଶ ଓ ଷ ଭାବରେ ଉଚ୍ଚାରିତ ହୋଇ ବର୍ଣ୍ଣମାଳାରେ ସ୍ଥାନ ପାଇଥିଲେ ମଧ୍ୟ ଏହି ଦୁଇଟି ଧ୍ୱନିର ଉଚ୍ଚାରଣ ଓଡ଼ିଆରେ ସ୍ୱତନ୍ତ୍ର ଭାବେ ଉଚ୍ଚାରିତ ହୋଇ ନଥାଏ ।

ଆମ ବର୍ଣ୍ଣମାଳାରେ ସ୍ଥାନ ପାଇଥିବା ପୂର୍ଣ୍ଣାକ୍ଷର ବିଶିଷ୍ଟ ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ ଦୁଇ ଭାଗରେ ବିଭକ୍ତ । ଯଥା : ବର୍ଗ୍ୟ ବର୍ଣ୍ଣ ଓ ଅବର୍ଗ୍ୟ ବର୍ଣ୍ଣ । ବର୍ଗ୍ୟ ବର୍ଣ୍ଣଗୁଡ଼ିକ ଉଚ୍ଚାରଣ ଅନୁସାରେ ୫ପ୍ରକାରର । ଏହାକୁ ଆମେ ସଂକ୍ଷେପରେ କ,ଚ,ଟ,ତ,ପ କହିଥାଉ । ଯାହାକି : (୧) କଣ୍ଠ୍ୟ, (୨) ତାଲବ୍ୟ,
(୩) ମୂର୍ଦ୍ଧନ୍ୟ, (୪) ଦନ୍ତ୍ୟ, (୫) ଓଷ୍ଠ୍ୟ । ଏ ସଂଖ୍ୟା ମିଶାଇଲେ ବ୍ୟଞ୍ଜନ ବର୍ଣ୍ଣ ସଂଖ୍ୟା ୨୫ । ଏହା ମଧ୍ୟ ଅଘୋଷ, ସଘୋଷ, ଅଳ୍ପପ୍ରାଣ ଓ ମହାପ୍ରାଣ ରେ ବିଭକ୍ତ । ବ୍ୟଞ୍ଜନ ବର୍ଣ୍ଣର ଦ୍ୱିତୀୟ ଭାଗ – ଅବର୍ଗ୍ୟ ବ୍ୟଞ୍ଜନ । ଏହା ବିଷୟରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରଥମ ଖଣ୍ଡ ୪୪୦ ପୃଷ୍ଠାରେ କୁହାଯାଇଛି ଯେ, "ଯେଉଁ ବ୍ୟଞ୍ଜନଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ପାଞ୍ଚବର୍ଗର ଅନ୍ତର୍ଗତ ନୁହେଁ ସେଗୁଡ଼ିକ ଅବର୍ଗ୍ୟ । " ବର୍ଗ୍ୟ ବର୍ଣ୍ଣଗୁଡ଼ିକର ପାଞ୍ଚଟି ଭାଗ 'କ' ବର୍ଗ, 'ଚ' ବର୍ଗ, 'ଟ' ବର୍ଗ, 'ତ' ବର୍ଗ, 'ପ' ବର୍ଗ ରେ ନାସିକ୍ୟ ବ୍ୟଞ୍ଜନ ସହିତ ବର୍ଗ୍ୟ ଶ୍ରେଣୀଭୁକ୍ତ ହୋଇଥିବାବେଳେ ବର୍ଣ୍ଣମାଳା ଅନ୍ତର୍ଗତ ଅନ୍ୟାନ୍ୟ ବ୍ୟଞ୍ଜନବର୍ଣ୍ଣ ଗୁଡ଼ିକ ଅବର୍ଗ୍ୟ ଶ୍ରେଣୀ ଅନ୍ତର୍ଗତ । ସେଗୁଡ଼ିକ ହେଲା – ଯ,ୟ,ର,ଳ,ଲ,ଶ,ଷ,ସ,ହ,ଡ଼,ଢ଼, ଂ, ଃ, ଁ । ଅବର୍ଗ୍ୟ ବ୍ୟଞ୍ଜନଗୁଡ଼ିକୁ ଅଯୋଗବାହ ବ୍ୟଞ୍ଜନ ଭାବରେ ମଧ୍ୟ ଶ୍ରେଣୀଭୁକ୍ତ କରାଯାଇଥାଏ । ଅନୁସ୍ୱାର, ବିସର୍ଗ ଓ ଚନ୍ଦ୍ରବିନ୍ଦୁ ଆମେ ସ୍ୱତନ୍ତ୍ର ଭାବେ ଉଚ୍ଚାରଣ କରି ନଥାଉ । ସ୍ୱର କିମ୍ବା ବ୍ୟଞ୍ଜନ ବର୍ଣ୍ଣ ସହିତ ଯୋଗହେଲେ ଯାଇ ଉଚ୍ଚାରିତ ହୋଇପାରନ୍ତି । ଯେମିତିକି ଅନୁସ୍ୱାର- ଅଂଶ, କଂସ, ବଂଶୀ, ହିଂସା, କାଂସ୍ୟ । ଚନ୍ଦ୍ରବିନ୍ଦୁ- ଏଁ, କେଉଁ, କାହିଁକି, କଇଁ, ପାଇଁ । ବିସର୍ଗ- ଦୁଃଖ, ନିଃଶ୍ୱାସ, ଦୁଃସାହସ, ନିଃସହାୟ, ଦୁଃଖୀ ।

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ପ୍ରଥମ ଖଣ୍ଡ, ପୃଷ୍ଠା ୩୪୦ରେ କୁହାଯାଇଛି – "ଅନୁସ୍ୱାର ହେଉଛି ସ୍ୱରବର୍ଣ୍ଣ ପରେ ଥିବା ମ' ଅନୁନାସିକ ବିନ୍ଦୁ ଚିହ୍ନିତ ସ୍ୱର ଅଯୋଗବାହ ବର୍ଣ୍ଣ ।" ପାରମ୍ପାରିକ ବ୍ୟାକରଣରେ ଚନ୍ଦ୍ରବିନ୍ଦୁକୁ ଅନୁନାସିକ ବର୍ଣ୍ଣ ଭାବେ ବର୍ଣ୍ଣନା କରାଯାଇଛି । ସେହିଭଳି ଅନ୍ୟତମ ଅଯୋଗବାହ ବର୍ଣ୍ଣ ବିସର୍ଗ । ଅଯୋଗବାହ ଏକ ଅକ୍ଷର ମିଶ୍ରିତ ବର୍ଣ୍ଣ ଭାବରେ ଆମ ବର୍ଣ୍ଣମାଳାରେ ସ୍ଥାନ ପାଇଛି । ବର୍ଣ୍ଣର ଲିଖିତ ରୂପ ଅକ୍ଷର । ବର୍ଣ୍ଣଗୁଡ଼ିକ ଉଚ୍ଚାରଣ ପରେ ପରେ ଲୋପ ହୋଇଯାଏ । ବର୍ଣ୍ଣକୁ ଧରି ରଖେ ଅକ୍ଷର । ବର୍ଣ୍ଣର ସାମୂହିକ ସ୍ୱରୂପ ଲିପି । ବର୍ଣ୍ଣ ଆମ ଭାଷାର ସୌନ୍ଦର୍ଯ୍ୟ ।

ସୌଜନ୍ୟ: 'ବ୍ୟାକରଣ' ପୁସ୍ତକରୁ ସଂଗୃହୀତ

■■■

# ଗଦ୍ୟ ବିଭାଗ



# ମସ୍ତକରେ ଚାନ୍ଦ ଗଳାରେ ନାଗ



ଜ୍ଞାନ ହୋତା



ହିସାବରେ ବୁଢ଼ୀ ମୋର ଜେଜେ ମାଆ ହେବ । ବଡ଼ ମଜାଳିଆ ସ୍ୱଭାବର ମଣିଷ । ମଜାରେ ମଜାରେ ବଡ଼ ଗହନ କଥା ମାନ କହିଦିଏ । ମୁଁ ଜୁହାରଟେ ହଉ ହଉ ମତେ କହିଲା – ମଲା ଯାଏଁ ବଞ୍ଚିଥା' ।

ମନେ ମନେ ଭାବିଲି ମୁଁ – ବୁଢ଼ୀ କେଡ଼େ ବଡ଼ କଥାଟିଏ କହିଲା ! ସବୁ ଲୋକ ତ ଜୀବନ ଗଲେ ମରନ୍ତି । ଏ "ମଲା ଯାଏଁ ବଞ୍ଚିଥା" ର ମାନେ ପୁଣି କ'ଣ ? ଜୀବନରେ ରହିବା ଆଉ ବଞ୍ଚିଲା ଭଳି ବଞ୍ଚିବା ଭିତରେ ପୁଣି ଗୋଟେ ଫରକ୍ ଅଛି । ଜୀବନ ଥିବ ଏଣେ ନାଗଫାଶରେ ପଡ଼ି ଛଟପଟ ହେଉଥିବ । କି ଜୀବନ ସେ !

ମୋର ଚୁପ୍ ରହିବାର ଦେଖି ବୁଢ଼ୀ ପୁଣି ପଚାରିଲା – "ଆଉ କ'ଣ ଖବର ?" ମୁଁ ହସିଦେଇ ମୋର ସ୍ୱଭାବ-ସୁଲଭ ଭଙ୍ଗୀରେ ଉତ୍ତର ଦେଲି, "ଏ ରାଇଜରେ ଏବେ କିଛି ଖବର ନାଇଁ ଚ଼ବଳ ଗୋଟିଏ ଖବର- ନାଗ ଚାନ୍ଦ ।"

ବୁଢ଼ୀ ହସିଦେଇ କହିଲା, "ଯେ କି ନୂଆ ଖବର । କାଳେ କାଳେ ଚାନ୍ଦ ଉପରେ ଥାଇ ଆଲୁଅ ଦେଖାଏ ଆଉ ନାଗ ସେଇ ଆଲୁଅ ରେ ଖେଳେ ।"

ବୁଢ଼ୀର ଉତ୍ତର ଶୁଣି ମୁଁ ଆବାକାବା ହୋଇଗଲି । ବୁଢ଼ୀ ସବୁ ଜାଣିଚି । ଚାନ୍ଦ ଆଲୁଅ ଦେଖାଇବା କଥାଟା କେବଳ କହୁଚି । କ୍ୟାମେରା ରେ ଫଟୋ ଉଠେଇବା ଆଉ ଭିଡିଓ କରିବା କଥାଟି କହୁନାହିଁ । ନାଗର ଖେଳ କଥା ବି ସେ ପୂରା ଜାଣିଚି ନିଶ୍ଚୟ । ଏଥର ମୁହଁ ଖୋଲି ପଚାରି ଦେଲି – "ତା ମାନେ ଚାନ୍ଦ ଆଉ ନାଗ ମିଶିକି ଯାହା କରିଚନ୍ତି, ତତେ ସବୁ ଜଣା ? "

ବୁଢ଼ୀ କହିଲା "ଆରେ ପିଲା ଦିନୁ ଶାସ୍ତ୍ର ପୁରାଣ ପଢ଼ି ଆସିଚି । ଏତିକି କ'ଣ ଜାଣିନି ! ଦେବ ଦେବ ମହାଦେବଙ୍କ କଥା ଇଏ । ତାଙ୍କ ମସ୍ତକରେ ଚାନ୍ଦ ଆଉ ଗଳାରେ ନାଗ ଥାଏ ପରା । "

ମୁଁ ଜାଣିଗଲି । ବୁଢ଼ୀକି ସବୁ ଜଣା । ବୁଲେଇ ବଙ୍କେଇ ମତେ "ବ୍ରହ୍ମଜ୍ଞାନ" ଶୁଣଉଚି । ଆଉଟିକେ ପରଖିବା ପାଇଁ ପଚାରିଲି, "କହିଲୁ ତେବେ ଏଇ ନାଗ ପାଖରେ କ'ଣ କ'ଣ, ଆଉ କିଏ କିଏ ସବୁ ଅଛନ୍ତି ? "

ବୁଢ଼ୀ ହସି କହିଲା, "ହଇରେ ଷଣ୍ଢ । ମୋ'ଠୁ ଭାଗବତ ଶୁଣିବୁ ? ଶୁଣ୍ । ଶିବଙ୍କର ଆଉ ଗୋଟେ ନାଁ ପଶୁପତି / ପଶୁନାଥ । ନାଗ ସାଙ୍ଗରେ ଆହୁରି ଭଳି କି ଭଳି ଦୁର୍ବଳ/ ବଳବନ୍ତ ଜାତି ଜାତିକା ପଶୁପକ୍ଷୀ ସବୁଥିଲେ ।"

ଏଥର ମୋର ସମସ୍ତ ସନ୍ଦେହ ଦୂର ହେଲା । ମୁଁ ଦୃଢ଼ ନିଶ୍ଚିତ ହେଲି ଯେ ନାଗ ଚାନ୍ଦ ସମ୍ପର୍କିତ ସମସ୍ତ ତଥ୍ୟ ଏ ବୁଢ଼ୀକୁ ସବିଶେଷ ଜଣା । କେତେ ଟଙ୍କିଆ ଧଳାଘୋଡ଼ା, କେତେ ଡୋବରମ୍ୟାନ୍, କେତେ ଆଲ୍‌ସିସିଆନ୍ କୁକୁର ଅଛନ୍ତି, ସବୁ ଖବର ବୁଢ଼ୀକି ଜଣା । ବୁଢ଼ୀ ପକ୍ଷୀ ନାଆଁ ବି ଧରିଚି ମାନେ ସେ ଆମେରିକୀୟ ପକ୍ଷୀ ପୋଷା ଘଟଣାବି ଜାଣିଚି ନିଶ୍ଚୟ । ତଥାପି କୌତୁହଳବଶତଃ ପଚାରିଲି, "ସେ ପଶୁ ପକ୍ଷୀଙ୍କ ବିଷୟରେ ଟିକେ କହ !"

ବୁଢ଼ୀ ବ୍ରହ୍ମଜ୍ଞାନ ଶୁଣେଇଲା, "ଦେବଦେବ ମହାଦେବଙ୍କ ପତ୍ନୀ ପାର୍ବତୀ । ତାଙ୍କ ଦୁଇ ପୁଅ ଗଣେଶ ଓ କାର୍ତ୍ତିକ । ସମସ୍ତେ ଏକାଠି ।

ତାଙ୍କ ବାହନ ପଶୁପକ୍ଷୀଙ୍କ ଗୁଣ/ଚରିତ୍ର ଅଲଗା । ତଥାପି ଏକାଠି । ପାର୍ବତୀଙ୍କ ବାଘ ଶିବଙ୍କ ସାପକୁ କି ଶିବଙ୍କ ସାପ ଗଣେଶଙ୍କ ମୂଷାକୁ ଖାଏନି ।ସମସ୍ତେ ଜଣକୁ ମାନନ୍ତି । ସେ ହେଉଛନ୍ତି ସତ୍ୟ,ଶିବ, ସୁନ୍ଦର ।"

ଏବେ ମୁଁ ବୁଢ଼ୀକି କହିଲି – ଏତେ ଗୂଢ଼ ରହସ୍ୟ ମତେ କହନା । ସିଧା ସଳଖ ଏ ଅସତିଆ ମଣିଷଗୁଡ଼ା ଯେଉଁ ନାଗ ଚାନ୍ଦ ହାବୁଡ଼େ ପଡ଼ିଚନ୍ତି, ତାଙ୍କ କଥା କହ । ଏମାନେ କେହି ନୀଳକଣ୍ଠ ନୁହନ୍ତି, ଯେ ଜଗତହିତରେ ବିଷପାନ କରିଦେବେ । ଏମାନଙ୍କ ମନ ମସ୍ତିଷ୍କରେ ହିଁ ବିଷ ଭରି ରହିଚି । ଏମାନେ ଯାହାର ସାନ୍ନିଧ ଲାଭ କରୁଚନ୍ତି, ତାଙ୍କ କଥା ମତେ ବାହାନା ନ କରି ସିଧାସଳଖ କହ ।

ବୁଢ଼ୀ ଟିକିଏ ଭାବିଲା । ମତେ ଅନେଇଲା ଆଉ କହିଲା – "ଏମାନେ ଖାଲି କାମୁଡ଼ା କାମୁଡ଼ି ହେବେ । ଶିବଙ୍କ କୃପା ଅଲଗା । ଏ ଅସତିଆଙ୍କ ସାଙ୍ଗେ ଭାବ ରଖି କାହାର ଭଲଗତି ହେଇନି । ସତ କୁ ଛାଡ଼ିଦେଲେ ଚାନ୍ଦ ବି ଉଭାନ୍ ହେଇଯିବ ।ଆଉ ସେ ନାଗର ଖେଳ ଖତମ୍,ସେ କୋଉ ଗହୀରି ଭିତରେ ପଶିବ ।"

ଆଜି ବୁଢ଼ୀ ମତେ "ହାଟ ମଝିରେ ବ୍ରହ୍ମଜ୍ଞାନ"ପଢ଼େଇଦେଲା । ମୁଁ ବୁଝିଗଲି 'ଚାନ୍ଦ ଉଭାନ୍', ମାନେ ଜଗବନ୍ଧୁ ଚାନ୍ଦ ଫେରାର୍ । ଆଉ 'ନାଗ ଗହୀରି ଭିତରେ', ମାନେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲ୍‌ରେ ।

■■■

ଚହଟା, ବିଡ଼ାନାସୀ, କଟକ – ୧୪



# ପ୍ରଭାସ ଯଜ୍ଞ

ଡ. ସୁଜିତ ନାଥ

ପ୍ରଭାସ କ୍ଷେତ୍ର ରେ ଯଜ୍ଞ ଚାଲିଛି। ଅତିଥି ଅଭ୍ୟାଗତ, ସାଧୁସନ୍ଥ, ବେଦାନ୍ତି ବ୍ରାହ୍ମଣ ଙ୍କ ଠାରୁ ସାରା ଭାରତ ଭୁଖଣ୍ଡ ର ରାଜା ମହାରାଜା ସମସ୍ତ ଙ୍କ ସୁଖ ସୁବିଧା, ଅତିଥି ସତ୍କାର ନିଜେ ବୁଝୁଛନ୍ତି ସ୍ୱୟଂ ଦ୍ୱାରକାଧିଶ। କିଏ ଜଣେ ଖବର ଦେଲା, ଗୋପ ଗଉଡେ ଆସିଛନ୍ତି। ଚମକି ପଡିଲେ ଶ୍ରୀକୃଷ୍ଣ। ଅଜାଣତରେ ଛଳନା କରି ତରବର ହୋଇ ଚାଲି ଯାଉଥିଲେ ଅଷ୍ଟ-ପାଟବଂଶି ଙ୍କ ବିଶ୍ରାମ କକ୍ଷ ଆଡ଼କୁ।

ଉଦ୍ଧବ ଅଚାନକ ଦେଖା ହୋଇଗଲେ ; ପ୍ରଭୁ କଣ ପାରିବେ ଆପଣ ?

କଣ ଉଦ୍ଧବ ? ଦ୍ୱାରିକାଧିଶ ଙ୍କ ପ୍ରଶ୍ନ।

ଆପଣ କଣ ଜାଣିନାହାନ୍ତି ଯେ ମୋତେ ପଚାରୁଛନ୍ତି?  ମୋ ପାଇଁ ବି ଛଳନା ପ୍ରଭୁ!

ଅନ୍ତର୍ଯ୍ୟାମୀ, ଆପଣ ଙ୍କୁ ମୁଁ କଣ କହିବି ?

କୁହ, ତୁମ ମୁହଁ ରୁ ଶୁଣିବାକୁ ଚାହୁଁଛି।

ଅନିମନ୍ତ୍ରିତ ଅତିଥି ଆସି ଦ୍ୱାର ଦେଶରେ। ଖୋଜିଲେଣି ଆପଣଙ୍କୁ; କିଏ କହୁଛି, କୁଆଡେ ଗଲା ମୋ କାହ୍ନା, କିଏ ପଚାରୁଛି କୁଆଡେ ଯାଇଛି ମୋ ନୀଳମଣି, କିଏ କହୁଛି ଶ୍ୟାମ କୁଆଡେ ଗଲାକି। ଉଦ୍ଧବ କହିଲେ।

ଆଉ ମୋହନ, ମୋହନ କୁ କେହି ଖୋଜିନି?

ପୁଣି ନାଚ; ହେ ନଟ ନାଗର, ହେ ନାଟୁଆ  ଗିରିଧର, ହେ ରଙ୍ଗାଧର, ମୋତେ ବି ଆଜି ଅଭିମାନ କରିବାକୁ ଇଛା ହେଉଛି। ଇଛା ହେଉଛି, ଗୋପାଳ ଗୋଇଟେ ହୋଇ ଗାଳି କରି ପକାନ୍ତି ମନ ଭରି ଆପଣଙ୍କୁ। ମୋତେ ଗୋପ ଗୌଡୁଣି ଟେ କଲନି ? ନା, ମୁଁ ତାର ଯୋଗ୍ୟ ନୁହଁ ନା? ହଉ ପ୍ରଭୁ ଲୀଳାମୟ, ସବୁ ତମରି ଇଛା।

କିନ୍ତୁ ଯାଅ, ଚୁପ୍ କି। ମହାରାଣୀ ସତ୍ୟଭାମା ଜାଣିବା ଆଗରୁ ଦେଖା କରି ଆସ।

**

ହୋଟେଲ ଓବେରାଇ। ସହରର ସବୁଠୁଁ ବଡ ହୋଟେଲ  ଟା  ରଖିଛନ୍ତି ମୋହନ ବାବୁ ପୁଅ ସାତ୍ତ୍ୱିକ ର ବ୍ରତ ପାଇଁ। କେତେକେତେ ବଡ ଅଫିସର, ବ୍ୟବସାୟୀ, ସାମ୍ବାଦିକ, ଓକିଲ ଆସିଛନ୍ତି। ମନ୍ତ୍ରୀ ଙ୍କ ନିଜସ୍ୱ ସଚିବ ଆସି ଫୁଲ ତୋଡା ଦେଇ କି ଗଲେ, କହିଲେ, ସାର୍ ଆସି ପାରିବେନି, ଆପଣ ଜାଣିଛନ୍ତି ତ କେତେ ବ୍ୟସ୍ତ ଏବେ ସାର୍। ମୋତେ ପଠେଇଲେ। ସମ୍ଭ୍ରମତା ଓ କୃତଜ୍ଞତା ରେ ନଇଁ ଯାଉଛନ୍ତି ମୋହନ ବାବୁ, ସରକାର ଙ୍କ ଅବକାରୀ ସଚିବ। ଓଡ଼ିଶା ପ୍ରଶାସନିକ ସେବା ର ଅଧିକାରୀ ହୋଇ ବି ଏକ ପ୍ରମୁଖ ବିଭାଗର ସେ ସଚିବ। ତାଙ୍କ ବିଭାଗ ହିଁ ତ ସରକାର ଙ୍କୁ ବଞ୍ଚେଇଛି। ସର୍ବାଧିକ ରାଜସ୍ୱ। ହେଲେ ମୋହନ ବାବୁ ଭୁଲି ନାହାଁନ୍ତି, ତାଙ୍କ ପୁରୁଣା ବନ୍ଧୁ ମାନଙ୍କୁ। ଚାକିରି ସିଡି ରେ ପାହାଚ ପରେ ପାହାଚ ଚଢ଼ି କି ଆଜି ଏତେ ବଡ ପଦବୀ ରେ ସେ।

ସେ କଣ ଏକୁଟିଆ ଏ କାମ ରେ ବ୍ୟସ୍ତ, ସୁଗୃହିଣୀ ଭାବେ ସୁଜାତା ବି ସମାନ ଭାବେ ବୁଝିଛନ୍ତି।  ତାଙ୍କ ପୁରୁଣା ଅଫିସ ର ଖାସ ବିଶ୍ୱସ୍ତ, ବଡ ବାବୁ, ହରି, ଅଜୟ, ପିଣ୍ଟୁ ଏମାନେ ଅଛନ୍ତି କେବଳ ସାର୍ ଙ୍କୁ ଖବର କରିବେ। କେହି ଯେମିତି ଅଖିଆ ନ ଯାନ୍ତି, ଆତିଥେୟ ରେ ଅଭାବ ଅନୁଭବ ନ କରନ୍ତି, ଏସବୁ କୁ ନଜର ରଖିବେ। କୁଚିଣ୍ଡା ତହସିଲ ଅଫିସ ଠୁଁ ଭୁବନେଶ୍ୱର ସଚିବାଳୟ ପର୍ଯ୍ୟନ୍ତ, ଯାହା ସହ କାମ କରିଛନ୍ତି ମୋହନ ବାବୁ, କାହାକୁ ବି ଛାଡ଼ି ନାହାନ୍ତି, ସମସ୍ତେ ନିମନ୍ତ୍ରିତ।

ପୁରୁଣା ଡ୍ରାଇଭର ଅଜୟ ଆସି ଖବର ଦେଲା, ସାର୍, ସମ୍ବଲପୁର ରୁ ଦି ଜଣ ସାର୍ ମାଡମ୍ ଆସି ପହଂଚିଛନ୍ତି। ଆପଣଙ୍କୁ ଖୋଜୁଛନ୍ତି।

ଚମକି ପଡିଲେ ମୋହନ ବାବୁ। କପାଳ ରେ ଘର୍ମ ବିନ୍ଦୁ। ଅନ୍ୟ ମନସ୍କ ହୋଇଗଲେ , କିଛି କ୍ଷଣ।

କୁଆଡେ ଗଲେ ସେମାନେ? ଯା , ତାଙ୍କ ଖାଇବା ପିଇବା ଠିକ୍ ରେ ବୁଝ। ଯେମିତି କିଛି ଭୁଲ ନ ହୁଏ । ମୁଁ ଟିକେ ଏ ପାଖ କାମ ସାରି ଯାଉଛି। ଅଜୟ ଠିକ୍ ବୁଝି ପାରିଲା, ଯେ କିଏ ଜଣେ ସ୍ୱତନ୍ତ୍ର ଅତିଥି। ସେଥିପାଇଁ ତ ସାର୍ ଯତ୍ନଶୀଳ ହେବାକୁ କହିଲେ ।

**

ତଡିତ ବେଗ ରେ ଦଉଡି ଗଲେ ପ୍ରଭୁ। ବଳରାମ ବସିଥାନ୍ତି ଯଜ୍ଞବେଦୀ ରେ। ଦୂରରେ ଯଶୋମତି ମା। ମୁହଁ କୁ ଆଡ କରି ଠିଆ ହୋଇଥାନ୍ତି। ଏପଟେ କୃଷ୍ଣ ବି। ମାଆ ଓ ପୁଅ ଉଭୟଙ୍କର ଅଭିମାନ ପରସ୍ପରକୁ। କିଏ ଆଗ ବଢିବ ଆଗକୁ। ଆଉ ବେଶୀ ସମୟ କଣ ଏମିତି ରହିହେବ, ମାଆ ଦୌଡ଼ି ଯାଇ କୋଳ କରି ପକେଇଲେ । ନୀଳମଣି, ମୋ ଧନ, ହଇରେ ମୋତେ ରାଗିଲୁ, ଛାଡ଼ି କି ପଳେଇ ଆସିଲୁ। ଓହୋ , ତୋତେ ସବୁଦିନ ଗାଇ ଗୋଠ କୁ ପଠେଇଲି ବୋଲି। ଗଉଡ଼ ଘର ଛୁଆ ତୁ, ଆଉ କଣ କରିଥାନ୍ତୁ। ହଉ, ଭଲ କଲୁ।

ଏଠିକି ପଳେଇ ଆସିଲୁ। ସବୁ ତୋ ବାପ ର ଦୋଷ। ମୁଁ କେତେ ଥର କହିଛି, ମୋ କାହ୍ନୁକୁ ଗାଇ ଜଗିବାକୁ ପଠାନି। ମୋ କଥା କଣ ମାନିଲେ।

କୃଷ୍ଣ ମା ଙ୍କୁ ଜାବୁଡ଼ି ଧରିଥାନ୍ତି। ବାକ ଶୁନ୍ୟ। ଦି ଆଖି ରୁ ଅବିଶ୍ରାନ୍ତ  ଶ୍ରାବଣ ଲୁହ ର ଧାର। ସୁଦାମ ଟା ବୁଢ଼ା ଭଳି ଦିଶିଲାଣି। ସୁବଳ ର ପେଟ ବାହାରି ପଡ଼ିଛି, ମୁଣ୍ଡ ରୁ ଚୁଳ ଉପୁଡ଼ି ଗଲାଣି। ସମସ୍ତ ଙ୍କ ଆଖିରେ ଲୁହ ର ବନ୍ୟା। ହଠାତ୍ ପ୍ରଭୁ ଙ୍କ ଆଖିର ଲୁହ ବନ୍ଦ ହୋଇଗଲା। ସେ କଣ ଆସିନି ! ଉଦ୍ଧବ ତ କହୁଥିଲେ। ମା ପଣତରେ ଧୀରେ ମୁହଁ ପୋଛି ଉପରକୁ ମୁଣ୍ଡ ଟେକିଲେ ଦେବକୀ ନନ୍ଦନ। ସେ କୋଣ ରେ କିଏ ଗୋଟେ ସ୍ତ୍ରୀ ଲୋକ ଟିଏ ଠିଆ ହୋଇଛି, ମୁଣ୍ଡରେ ଓଢ଼ଣି ଦେଇ। ତା ପାଦ କୁ ଅନେଇଲେ। ସେଇ ପାଦ ତ। ଆରେ ପାଦରେ ନାଲି ଅଳତା ରେ କଦମ୍ବ ଫୁଲ ର ଚିତ୍ର। ଏଇ ପାଦ କୁ ନେଇ ଥରେ ସେ ନିଜ ମୁଣ୍ଡ ଉପରେ ରଖିଥିଲେ ପରା। ଧିରେ ଧିରେ ମା କୋଳ ଛାଡ଼ି ପଛ ଆଡେ ଚାଲିଲେ କୃଷ୍ଣ। କହିଗଲେ ଉଦ୍ଧବ, ଏ ମାନେ ମୋର ସବୁ ଠୁ ନିଜର। ମୋ ଭାଇ ବନ୍ଧୁ ବାପ ମାଆ, ପିଲା ଦିନ ର ସାଥୀ ସହୋଦର। ଏମାନଙ୍କ ଖାଇବା  ପିଇବା ରହିବା ଦାୟିତ୍ୱ ସବୁ ତୁମର। ବହୁଦୂରରୁ ଚାଲି ଚାଲି ଆସିଛନ୍ତି। ଯାଅ ରେ ସମସ୍ତେ, ଆଗ ଟିକେ ଖାଇ ନିଅ, ବିଶ୍ରାମ ନିଅ।

ସେ ସ୍ତ୍ରୀ ଲୋକ ଆଗରେ ଠିଆ ହୋଇ ବେକ ପର୍ଯ୍ୟନ୍ତ ଝୁଲି ପଡ଼ିଥିବା ଓଢଣି କୁ ଧୀରେ ଟେକି ଦେଲେ ପ୍ରଭୁ ଶ୍ୟାମ ସୁନ୍ଦର।

ମୋ ରାଧେ...।

ଆଉ କିଛି କହି ପାରିଲେନି ।

ମୁହଁ ଉପରକୁ ଟେକିଦେଲେ ଗୋପାଳ ବଲ୍ଲଭ। ଆଖି ରେ ଆଖି ର ମିଳନ ହେଲା। ଉଭୟଙ୍କ ଢଳ ଢଳ।

ମୋ ମୋ ନଟ ନାଗର ମୋହନ ନୁହଁ। କାନ୍ଦି କି ଦୂର କୁ ଚାଲିଗଲେ ରାଧା, ପଛେ ପଛେ ବିଶାଖା ଓ ଆଉ ଚାରିଟା ଗୌଡୁଣି।

ରାଧା, ସବୁଦିନ ଏମିତି ଅଭିମାନିନୀ ଟା।

ପୁଣି ଥରେ ପାଖକୁ ଯାଇ ଡାକିଲେ, ରାଧେ...।

ଆଉ ସେ ସମୟ ଅଛି, ନା ପରିବେଶ , ସେ ଗୋପ ଦାଣ୍ଡ ଅଛି, ନା ଯମୁନା କୂଳ, ସେ କଦମ୍ବ ମୂଳ ଅଛି ନା, ସେ ବେଣୁ ଅଛି ଯେ ଯାହା ଯେଉଁ ସ୍ୱରରେ ବାଜିଲେ ବି ରାଧା ରାଧା ଗାଇବ।

ଗୌଡୁଣି ଟା, କଣ ବା ସେ ବୁଝିବ।

ଯେ ମୋ ମୋହନ ତ ନୁହଁନ୍ତି, ମୋ ମୋହନ  ର ଏ ବେଶ ପୋଷାକ ନୁହଁ, ଏତେ ବଡ ପୁରୁଷ ଟେ । ତା ମୁହଁ କେତେ ସୁନ୍ଦର, ସରଳ, କୋମଳ; ତା ହାତ ରେ ବଂଶୀ, ମୁଣ୍ଡରେ ମୟୂର ଚୂଳ ଥିଲା, ମୋ ମୋହନ ଟା ଗଉଡ଼ ପିଲା ଥିଲା, ଏଟା ତ ଗୋଟେ ରାଜ ବଂଶୀ, ଗର୍ବି କ୍ଷତ୍ରିୟ ଟା। ଛି, ଶରୀର ରେ କି ଅପ୍ରାକୃତିକ ଗନ୍ଧ। ଯେ ମୋ ମୋହନ ନୁହଁ, କହି କହି ବାହାରକୁ ଚାଲିଗଲେ ରାଧା। ପଛେ ପଛେ ଗୌଡୁଣି ପଞ୍ଝାକ।

**

ବାରମ୍ବାର ବାଂସୁରି କୁ ନିରୀକ୍ଷଣ କରୁଥାନ୍ତି। ଏବେ ବି ତାଙ୍କ ହୃଦୟ ରେ ଏକ ସ୍ୱତନ୍ତ୍ର ସାମ୍ରାଜ୍ୟ ର ଏକମାତ୍ର ଅଧିକାରିଣୀ ହୋଇ ରହିଛି ସେ। ସେ ରାଜ୍ୟ ର ପାଟ ମହିଶୀ। ତା ସ୍ୱପ୍ନ ର ନାୟିକା। ଜୀବନ ରେ ସତର ବର୍ଷ ବହୁତ୍ ବଡ ବ୍ୟବଧାନ ହୋଇପାରେ, କିନ୍ତୁ ତାଙ୍କ ହୃଦୟ ରେ ତା ଛବି କୁ କେବେ ବି ଧୂମିଳ ହେବାକୁ ଦେଇ ନାହାନ୍ତି। ପଛ ଘଟଣା ସବୁ ଆଖି ଓ ମସ୍ତିଷ୍କ ମଧ୍ୟରେ ଭସା ବାଦଲ ପରି ଭାସି ଚାଲୁଥାଏ।

ଅଜୟ ମାଡମ ଙ୍କ ପାଖରେ ଠିଆ ହୋଇଥିଲା। କଣ ଗୁଡ଼ାଏ ଗପୁଥିଲା କେଜାଣି। ସାର୍ କହିଛନ୍ତି, ଯେମିତି ଆତିଥ୍ୟ ରେ ତ୍ରୁଟି ନ ରହେ। ତାଙ୍କ ସହ ଆସିଥିବା ବାବୁ ଜଣଙ୍କ କାହା ସହ କଥା ହୋଇ ଦୂର କୁ ଖାଇବା ପ୍ଲେଟ ନେଇ ଚାଲି ଗଲେଣି। ବୋଧେ ତାଙ୍କର ପୁରାତନ ସହକର୍ମୀ ବନ୍ଧୁ ହୋଇଥିବେ। ଅଜୟ ଟା ପୁରା ବିଶ୍ୱସ୍ତ। ଅଲଗା ଅଫିସ କୁ ଆସିବାର ପାଖାପାଖି ଦଶ ବର୍ଷ ଛୁଇଲାଣି ହେଲେ ଏବେ ବି ତା ସେମିତି ଘନିଷ୍ଠତା । ପ୍ରଭୁଭକ୍ତ। ଉପର ବାଲକୋନୀ ରୁ ଏ ସବୁ ଉପରେ ନଜର ରଖିଥାନ୍ତି ମୋହନ ବାବୁ। ତା ସହ କାନ ପାଖେ ମୋବାଇଲ ଦେଇ କଥା ହେବାର ଅଭିନୟ।

ବାରମ୍ବାର ବାଂସୁରି କୁ ନିରୀକ୍ଷଣ କରୁଥାନ୍ତି। ଏବେ ବି ତାଙ୍କ ହୃଦୟ ରେ ଏକ ସ୍ୱତନ୍ତ୍ର ସାମ୍ରାଜ୍ୟ ର ଏକମାତ୍ର ଅଧିକାରିଣୀ ହୋଇ ରହିଛି ସେ। ସେ ରାଜ୍ୟ ର ପାଟ ମହିଶୀ। ତା ସ୍ୱପ୍ନ ର ନାୟିକା। ଜୀବନ ରେ ସତର ବର୍ଷ ବହୁତ୍ ବଡ ବ୍ୟବଧାନ ହୋଇପାରେ, କିନ୍ତୁ ତାଙ୍କ ହୃଦୟ ରେ ତା ଛବି କୁ କେବେ ବି ଧୂମିଳ ହେବାକୁ ଦେଇ ନାହାନ୍ତି। ପଛ ଘଟଣା ସବୁ ଆଖି ଓ ମସ୍ତିଷ୍କ ମଧ୍ୟରେ ଭସା ବାଦଲ ପରି ଭାସି ଚାଲୁଥାଏ।

**

କାଲି ପରି ଲାଗୁଛି।

ଛାଡିବାର ବର୍ଷେ ଆଗରୁ ବାଂସୁରୀ ଯୋଗ ଦେଇଥିଲା କନିଷ୍ଠ ସହାୟକ ଭାବରେ କୁଚିଣ୍ଡା ତହସିଲ ଅଫିସ ରେ। ସେତେବେଳକୁ ତାର ଚାରି ବର୍ଷର ଅଭିଜ୍ଞତା। ଓ ଏ ଏସ ପରୀକ୍ଷା ଫଳ ବାହାରିବାର ବର୍ଷେ ହୋଇଥିଲେ ବି ଆସୁ ନ ଥାଏ ଆପଇଂଟମେଣ୍ଟ ଅର୍ଡର ଟା। ବାଂସୁରୀ ଅଫିସ ରେ ପାଦ ନ ଦେଉଣୁ ବଡବାବୁ ଙ୍କ ତାଗିଦ, ବ୍ୟଙ୍ଗୋକ୍ତି। ଆଜିକାଲି ର ଝିଅ ଯେ, ସରକାର ଏମାନଙ୍କୁ ଆମକୁ ସାହାଯ୍ୟ କରିବାକୁ ଦେଉନି ଯେ, କାମ ସହ ଗୋଟେ ବୋଝ ଟେ ଲଦି ଦେଉଛି। ଏ ଛୁଆ, ମୋହନ ବାବୁଙ୍କ ଠାରୁ ସିଖିନେ କାମ ସବୁ, ସେ ଶୀଘ୍ର ପଳେଇବେ।

ନାଇଁ ମ ବଡ ବାବୁ, ଏ ସରକାର ଙ୍କ କଥା ଦେଖୁନ। ଏବେ ସିନା ପରୀକ୍ଷାଫଳ ଟା ବାହାରିଛି। କେବେ ପୋଷ୍ଟିଂ ଆସିବ, କଣ ଜଣା ଅଛି ଯେ।

ନାଇଁ ମୋହନ ବାବୁ, ଆସିଯିବ। ହେଲେ ଏ ନୂଆ ମାଡମ୍ ଙ୍କୁ କାମ ସବୁ ଶିଖେଇ ଦିଅନ୍ତୁ। ଆପଣ ସିନା ଜଲଦି କାମ ଧରିଦେଲେ, ଯେ କଣ ପାରିବ।

ପରିହାସ କରି କହୁଥାନ୍ତି ବଡ ବାବୁ। ତାଙ୍କ ପାନ୍ ଖିଆ କସରା ଦାନ୍ତ, ଚାକିରି ର ପ୍ରଥମ ଦିନ ରେ ତାଙ୍କ ମୋଟା କାଚ ବାଲା ଚଷମା , କଳା ଚେହେରା ର ବସନ୍ତିଆ ମୁହଁ ରୁ ବାହାରୁଥିବା ତାଚ୍ଛଲ୍ୟ ଭରା କଥା ରେ ବାଂସୁରି ର କଣ ମନୋସ୍ଥିତି ହେଉଥିବ, ମୁଁ ଜାଣି ପାରୁଥାଏ।

ସେ କହି ଚାଲିଥାନ୍ତି , ସରକାର ଏମାନଙ୍କୁ କାହିଁକି ଚାକିରି ଦିଏ କେ ଜାଣି। ବାଂସୁରୀ ନାଗବଂଶୀ। ନା ଟା ଦେଖ ମ...। ଛାଡ଼, ଛାଡ଼।

ପରିସ୍ଥିତି କୁ ସମ୍ଭାଳିବାକୁ ଯାଇ ମୁଁ କହିଲି, ବୁଝିଲ ବଡ ବାବୁ, ଆଜିକାଲିର ପିଲା ଆପଣଙ୍କ ଠାରୁ ଅଧିକ ଜାଣିବାର, ବୁଝିବାର, ଆପଣ ଏମିତି କହିଲେ ହେବ।

ଆସନ୍ତୁ ମାଡ଼ାମ , ଆମ ରୁମ କୁ। ବଡ ବାବୁ ଏମିତି କହନ୍ତି। ସିଏ ଆମ ଅଫିସ ର ବାପା ନୁହଁନ୍ତି, ବଡ ବାପା।। ତାଙ୍କର ଏମିତି କହିବାର ଅଭ୍ୟାସ ଅଛି, ଅଧିକାର ବି। ମୋତେ ବି କହିଥିଲେ। ଆପଣ କିଛି ଦିନ ପରେ ସବୁ ଜାଣିଯିବେ ଯେ। ତା ପରଠାରୁ ବାଂସୁରୀ ମାଡ଼ାମ ଙ୍କ ଚଉକି ମୋ ସିଟ ଆଗରେ। କାମ ଶିଖିବାରେ ବହୁତ୍ ଆଗ୍ରହ। ନୂଆ ନୂଆ ସମ୍ବଲପୁରୀ ଭାଷା ରେ ମୋତେ ପଚାରନ୍ତି, ସାର୍ ଏଟା କେମିତି ହେବ, କଣ କରିବି। ମୁଁ ଖୁସି ହୁଏ କହିଦିଏ, ବଡ ବାବୁ ବି ଆସ୍ତେ ଆସ୍ତେ ତାଙ୍କ ମତ ପରିବର୍ତ୍ତନ କରନ୍ତି।

ବାଂସୁରୀ ନାଆଁ ଟା ମୋତେ ଖୁବ୍ ଆଧୁନିକ ଲାଗୁଥିଲା। ଝିଅ ଟି ଖୁବ୍ ଚୁପ୍ ଚାପ୍, ବୟସ ବାଇଶ ତେଇଶ ହେବ ବୋଧ ହୁଏ। ଗୋଲ ମୁହଁ, ଗୋଲ ହାତ, ଗୋଲ ଆଙ୍ଗୁଠି, କୁନି କୁନି ପାଦ, କୁଞ୍ଚି କୁଞ୍ଚି ଲମ୍ବା ଚୁଟି। ସତରେ କଣ୍ଢେଇ ଟି ପରି। ମୁଁ ଯାହା କହେ, କଥା ନ ସରୁଣୁ ଆଜ୍ଞା ଉତ୍ତର ଆସେ। ପାଦରେ ଝୁମ୍ ଝୁମ ପାଉଁଜି ତାର ଆଲାର୍ମ ପରି ଜଣେଇ ଦିଏ ବାଂସୁରୀ ଆସୁଛି। ବେଳେବେଳେ କଣ ଲଗେଇ କି ଆସେ କରିଡ଼ର ଆଡୁ ବାସ୍ନା ଭାସି ଆସେ। ତା ଚୁପ୍ ଚୁପ୍ କଥା, ଟୁକ୍ ଟୁକ ଚାଲି ଓ ବାସ୍ନା ରେ ମୁଁ ସମ୍ମୋହିତ ହୋଇଯାଏ। ମୋ ନିଜ ଅଲକ୍ଷ୍ୟରେ କେମିତି ତା ବ୍ୟକ୍ତିତ୍ୱ କୁ ମନେମନେ ମୁଁ ତାରିଫ କରେ, ଭଲ ପାଇବସେ।

ବହୁ ସମୟ ତା କୁନି କୁନି ପାଦ କୁ ନିରୀକ୍ଷଣ କରେ। ତା ଛୋଟ ପାପୁଲି ଓ ଛୋଟ ଆଙ୍ଗୁଳି ର ଲାଲ୍ ନେଲ ପଲିସ ମୋତେ ସୁନ୍ଦର୍ ଲାଗେ। ଦୁଇ ଭ୍ରୂଲତା ମଝିର୍ ଛୋଟିଆ ବିନ୍ଦି ଟି ମୋତେ ଆନମନା କରେ। ଗୋଟେ ନାକ ପୁଡ଼ା ଟେକି କଲମ ର ମୁଣ୍ଡ କୁ କାମୁଡିବା ଦେଖିଲେ ମୁଁ ତା ଟେବୁଲ୍ ଆଗକୁ ଚାଲି ଆସି ଠିଆ ହୋଇ ପଚାରେ କିଛି ପ୍ରୋବ୍ଲେମ ମାଡ଼ାମ। ଅବୁଝା ଛାତ୍ରୀ ଟେ ପରି ସେ ଧିରେ କହେ ଓ ମୁଁ ସମାଧାନ ର ରାସ୍ତା କହିଦିଏ।ସମୟ ଧିରେ ଚାଲୁଥାଏ। କିନ୍ତୁ ଆମେ ବହୁତ ଜଲଦି ପରସ୍ପର ର ନିକଟ ରୁ ନିକଟତର ହୋଇ ଆସୁ। ଏବେ ସେ ମୁହଁ ତଳକୁ କରି ପେନ୍ ପଛକୁ କାମୁଡିବା ଦେଖିଲେ ମୁଁ ତା ମୁହଁ କୁ ମୋ ହାତ ରେ ଧରି ଟେକିଦିଏ, ତା ହାତ କୁ ଚିମୁଟି ଦିଏ।

ଆମେ ପରସ୍ପର ର ରୂପ, ଠାଣି, ଚାହାଣି ର ପ୍ରଶଂସା କରୁ। ପରସ୍ପର କୁ ଅନ୍ୟ ଜଣଙ୍କ ଅଲକ୍ଷ୍ୟ ରେ ଦେଖୁ।

ଏବେ ସେ ମୋତେ ପଲ୍ସ ଚକଲେଟ ଦିଏ। କେମିତି ଜାଣିଲା କେଜାଣି, ପଲ୍ସ ଟା ମୋ ପ୍ରିୟ। ମୁଁ କିଛି ଦେଇ-ପାରେନି। କିଏ କଣ ଭାବିବ ! ବିବାହିତ ମୁଁ ଗୋଟେ ପୁଅ ର ବାପା। ହେଲେ ବି ବାଂସୁରୀ ମୋ ମନ ର କେଉଁ ନିଭୃତ କୋଣରେ ଜାଗା ଟେ ଅକ୍ତିଆର କରିବା ଆରମ୍ଭ କରିଦେଇଥାଏ।

ତାର ପୁରା ମନେ ଅଛି। ନଭେମ୍ବର ମାସ ବାଇଶି ତାରିଖ। ଶୀତ ଦିନ ଟାରେ ଅକସ୍ମାତ୍ ବର୍ଷା। ରାସ୍ତା ରୁ ଅଫିସ ଶହେ ମିଟର ବାଧ ହୋଇ ମୋ ଛତା ତଳେ ଆସିଲୁ ଦି ଜଣ। ପରସ୍ପର ର ମନ ତ ଆଗରୁ ଛୁଇଁ ସାରିଥିଲା, ଏବେ ଶରୀର ର ଛୁଆଁ। ଏକ ଅପୁଲକ ଶିହରଣ, ଉତ୍ତେଜନା ବି ଶରୀର ରେ ମୁଁ ଅନୁଭବ କରେ।

ଏଣିକି ପ୍ରତିଦିନ ଆମ ସଂପର୍କ ରେ ଗୋଟେ ନୂଆ ଫର୍ଦ୍ଦ ଯୋଡି ହୋଇଯାଉଥିଲା।

ସେଦିନ ସେ ପଚାରିଦେଲା। ସାର ମାଡ଼ାମ ତ ବହୁତ୍ ଭଲ। ପୁଣି ମୁଁ ? ଆପଣ ତ ବିବାହିତ। କେତେ ସୁନ୍ଦର ପୁଅ ଟେ ଆପଣଙ୍କର, ବୈଭବ ।

ମୁଁ କହିଲି, ତମେ ଉତ୍ତର ଦିଅ ।

ନା, ଆପଣ କୁହନ୍ତୁ। ସେ କହିଲା।

ସ୍ତ୍ରୀ ପାଖରୁ ମୁଁ ସବୁ ପାଇଛି । ହେଲେ ତମ ଠୁଁ ବି ବହୁତ୍ କିଛି ପାଉଛି। ସୁଜାତା ଓ ତମେ ତୁଳନା ଯୋଗ୍ୟ ନୁହଁ। ମୁଁ ବି ଖୋଜିଖୋଜି ପାଉନି ତା ଉତ୍ତର। କିନ୍ତୁ ତମ ପାଖରେ ମୁଁ ଓ ମୋ ହୃଦୟ ଯେତେ ଖୋଲା, ତା ପାଖରେ ନୁହଁ। ମୋ ସାମାଜିକ ସଂସାର ରେ ସେ ସାମ୍ରାଜ୍ଞି ଓ ତମେ ହୃଦୟ ର। ଏତେ କମ ଦିନ ଭିତରେ ଆମେ ଏତେ ପାଖେଇ ଆସିଛେ।

ମୋ ଛାତିରେ ବାଂସୁରୀ ତା ମୁଣ୍ଡ ରଖିଦେଲା। କହିଲା, ତମେ ମୋ ମୋହନ, ମୁଁ ତମ ବାଂସୁରୀ।

ବହୁଦିନରୁ ତା ପାଇଁ କିଣି ରଖିଥିବା ପାଉଁଜି ଆଲମିରା ରୁ କାଢ଼ି ସେଦିନ ମୁଁ ତା ପାଦରେ ପିନ୍ଧେଇ ଦେଇଥିଲି। ତମ ପାଉଁଜି ର ଶବ୍ଦ ମୋ ହୃଦୟ ବୀଣା ରେ ଝଙ୍କାର ସୃଷ୍ଟି କରେ। ଆଜି ଠୁଁ କେବେ ବି ପାଦ ଖୋଲା ରଖିବନି, ମୋ ପାଇଁ । ଚାପି ଧରିଲା ସେ ମୋତେ।ତା ଶରୀର ର ଭୁରୁଭୁରୁ ବାସ୍ନା ରେ ମୁଁ ସମ୍ମୋହିତ ହେଉଥାଏ। ସମ୍ପର୍କର ଅୟମାରମ୍ଭ ଔପଚାରିକ ଭାବେ ହୋଇଗଲା।

ନାରୀ ଶରୀର ସତରେ ଗୋଟେ ଲାଜକୁଳୀ ଲତା। ପୁରୁଷ ଛୁଆଁ ରେ ସେ ସରମୀ ଯାଏ, ଚାପି ହୋଇଯାଏ ଓ ନିଜର ସବୁ ଦମ୍ଭ ହାରିଦିଏ।

ସେୟା ହୋଇଥିଲା ତା ପରଦିନ ଠାରୁ। ଆମେ ଦି ଜଣ ଅଭିନୟ କରି ଚାଲିଥିଲୁ ସମସ୍ତଙ୍କ ଆଗରେ ପରସ୍ପର ର ଦୂର ରେ ଅଛୁ ବୋଲି, କିନ୍ତୁ ବହୁତ ପାଖକୁ ଆସି ସାରିଥିଲୁ। ସମସ୍ତ ଙ୍କ ନଜର ର ଆଢୁଆଳରେ ଆମେ ମୁକ୍ତ ବିହଙ୍ଗ ପରି ଖେଳୁଥିଲୁ।

ସେଦିନ ସ୍ୱାଧୀନତା ଦିବସ ର ପତାକା ଉତ୍ତୋଳନ ପରେ ସବୁ ନିଜ ଘରକୁ ଚାଲିଗଲେ । ଆମେ ଦି ଜଣ ରହିଗଲୁ ପୁରୁଣା କାମ ସାରିବାକୁ। ନିଭୃତ କକ୍ଷ ରେ ବାଂସୁରୀର ହାତ ଧରି ମୁଁ କହିଲି, ତମେ କାହାର ବାଂସୁରୀ। ସେ କହିଲା, ପୃଥିବୀ ରେ ଜଣେ ହିଁ ପୁରୁଷ ବାଂସୁରୀ କୁ ଧରି ରଖନ୍ତି, କେବଳ ମୋହନ। ଆଉ କିଏ କୁହ? ତମ ଛଡା ଏ ଜନ୍ମ ରେ ବାଂସୁରୀ ଆଉ କାହାର ହୋଇପାରିବନି। ଜନ୍ମ ଜନ୍ମାନ୍ତର ପାଇଁ ମୁଁ ତମର ହୋଇ ରହିଗଲି।

ତମକୁ କଥା ରେ କିଏ ପାରିବ, ମୁଁ କହିଲି।

ନା ମ, ତମେ କଣ କୃଷ୍ଣ ଙ୍କ ଠାରୁ କମ୍ କି? ମୋ ହୃଦୟ କୁ ଚୋରି କରିନେଲ। ଆମ ଭିତରେ କେତେ ତଫାତ। ତମେ ଉଚ୍ଚ ଶିକ୍ଷିତ, ମୁଁ ନୁହଁ। ଆମ ମଧ୍ୟରେ ବୟସ ର ତାରତମ୍ୟ ବି ବହୁତ୍। ଜାତି ରେ ମୁଁ ତମଠୁ ବହୁତ୍ ଛୋଟ। ସର୍ବୋପରି ତମେ ବିବାହିତ, ମୁଁ ଗୋଟେ ଅବିବାହିତ ଝିଅ । ଏ ସବୁ ସତ୍ତ୍ୱେ ମୁଁ ତମର। ମୁଁ ତମ ରାଧା। ତମେ ମୋ କୃଷ୍ଣ। କଥା ଦିଅ, ସବୁଦିନ ମୋତେ ଭଲ ପାଇବ।

ମୁଁ କଣ ଏବେ ଭଲ ପାଉନି କି ? ମୁଁ କହିଲି।

କେତେ ଭଲ ପାଅ?

ମୋର ପ୍ରତ୍ୟେକ ସ୍ୱପ୍ନ ରେ ତମେ, ସକାଳୁ ଉଠିଲେ ତମ ମୁହଁ ଦେଖେ, ଶୋଇଲା ପୂର୍ବରୁ, କୌଣସି କାମ କଲା ପୂର୍ବରୁ, ମୋର ପ୍ରତ୍ୟେକ ନିଃଶ୍ୱାସ ରେ ତମେ, ଶରୀର ର ପ୍ରତ୍ୟେକ କୋଷ ରେ ମୋହନ ସହ ବାଂସୁରୀ ବି ଅଛି । ତମେ ମୋର ଛାୟା। ହୁଁ। ମୁଦ୍ରିତ ଆଖିରେ କହିଲା ସେ।

ତମେ ମୋର ଯେ କଥା କୁ ବିଶ୍ୱାସ କରୁଛ? ମୁଁ ପଚାରିଲି।

ହଁ, ଏତେ ବଡ଼ ପୃଥିବୀରେ ତମ କୁ ହିଁ ମୁଁ ସବୁଠୁଁ ବେଶୀ ବିଶ୍ୱାସ କରେ। ଏ ବାଂସୁରୀ ମୋହନ ର।ମୋ ଛାତି ରେ ବାଂସୁରୀ ମୁହଁ ରଖିଦେଲା ।

ତମର ସବୁଠୁଁ ଖୁସି କଥା କଣ ? ମୋତେ ପଚାରିଲା।

ମୋ ବାଂସୁରୀ ମୋହନ ର। ମୁଁ କହିଲି ।

ସବୁଠୁଁ ଦୁଃଖ କଣ? ବାଂସୁରୀ

ମୋହନ ଭାଗ୍ୟ ରେ ନାହିଁ ।

ଦି ଜଣ ଙ୍କ ଆଖି ସିକ୍ତ ହୋଇଗଲା।

ତା ଆଖି ର ଦି ଠୋପା ଲୁହ ମୁଁ ଖୋଲୁଥିବା ଲଫାପା  ଉପରେ ପଡ଼ିଗଲା। ସେଇଟା ମୋ ନୂଆ ଚାକିରୀ ର ନିଯୁକ୍ତି ପତ୍ର।

**

ମୋହନ ବାବୁ ଆସି ପହଂଚିଲେ ବାଂସୁରୀ  ମାଡ଼ାମ ପାଖରେ। ଗୋଡ ଛୁଇଁ ମୁଣ୍ଡିଆ ମାରିଲା  ବାଂସୁରୀ।

ଏମିତି ଟିକେ ଭଲମନ୍ଦ କଥା ପରେ ସେ କହିଲା,ଆମେ କଥା ହୋଇଥିଲେ ପରା ତମର ଦ୍ୱିତୀୟ ସନ୍ତାନ ଟା ମୋର ହେବ ।

ହିଁ, ସେ ତ ତମର। ଦେଖୁନ, ତମ ପରି ହେଇଛି। ତମ ପରି ଗୋଲ ମୁହଁ, ଚେପଟା ନାକ ତାର। ତମେ ଠିକ୍ କରିଥିବା ନାଁ ଟା ହିଁ ତାକୁ ଦେଇଛି। ମୋହନ ବାବୁ ଉତ୍ତର ଦେଲେ।

କିନ୍ତୁ ତାର ଏତେ ବଡ ଖୁସି ଦିନ ରେ ମୋତେ ନିମନ୍ତ୍ରଣ ଟେ ବି କଲନି।  କ୍ଷୋଭ ଭରା କଣ୍ଠ ରେ ସେ କହିଲା।

ମାଆ କୁ କଣ ନିମନ୍ତ୍ରଣ କରାଯାଏ?

ମୁଁ ଜାଣେ ତମେ ଆମର ସବୁ ଖବର ରଖୁଥିବ। ମୋହନ ବାବୁ କହିଲେ।

କିନ୍ତୁ ତମେ ରଖନି। ତମେ ଆଉ ସେଇ ମୋହନ ନାହଁ। ମୁଁ ଏବେ ବି ତୁମ ବାନ୍ସୁରୀ। ପ୍ରତ୍ୟେକ ମୁହୂର୍ତ୍ତ ରେ ମୋ ପାଖରେ ତମର ଉପସ୍ଥିତି ଅନୁଭବ କରିଛି।  ମୋ ଜୀବନ ର ପ୍ରଥମ ପୁରୁଷ ତମେ ଓ ହୃଦୟ ର ଏକମାତ୍ର ପୁରୁଷ ଏବେ ବି ତମେ।

ତମେ  କିନ୍ତୁ ଆଉ ସେଇ ମୋହନ ନାହଁ, ତମେ ମୋ ମୋହନ ନୁହଁ, ସେ ପିଲାଳିଆମି ଅଝଟ , ଭଲ ପାଇବା ତମ  ଆଖିରେ ଆଉ ମୁଁ ଦେଖୁନି..ତମେ ଏବେ ରାଜ୍ୟ ସରକାର ଙ୍କ ଅବକାରୀ ସଚିବ, ବଡ ଅଫିସର। ଆସିଲା ଦିନ ତମେ କଥା ଦେଇଥିଲ  ବାଂସୁରୀ ସବୁଦିନ ମୋହନ ର ହିଁ ରହିବ। କିନ୍ତୁ ତମେ ଦ୍ୱାରିକାଧିଶ ହୋଇଗଲ , ମୁଁ ତମ ରାଧା ଗୌଡୁଣି ହୋଇ ରହିଗଲି କୁଟିଣ୍ଡା ଗାଁ ରେ।

ପଲ୍ସ ଚକଲେଟ୍ ଦି ଟା ହାତରେ ଧରେଇ ଦେଇ ପ୍ରସ୍ଥାନ ଦ୍ୱାର ଆଡ଼କୁ ଚାଲି ଯାଉଥିଲା ବାଂସୁରୀ। ପାଉଁଜି ର ରୁଣୁଝୁଣୁ ଶବ୍ଦ ମୋହନ ବାବୁଙ୍କ କାନ ରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା। ଆଖିରୁ ଲୁହ କୁ ଅଟକାଇବାକୁ ଅଜାଣତ ରେ ପ୍ରୟାସ କରୁଥିଲେ ସେ।

■■■



# ଅନଭିଜ୍ଞ

ଶ୍ରୀମତୀ ସୁମନିକା ମିଶ୍ର





ବୟସ ର ଅପରାହ୍ନ ରେ ପତ୍ନୀ ଛାଡ଼ି ଚାଲିଯିବା ପରେ ଶଶିକାନ୍ତ ବାବୁ ଏବେ ଘରେ ଏକା ଏକା ମଣିଷ। ତା ଙ୍କର ଗୋ ଟେ ଝିଅ ଏବଂ ଗୋଟେ ପୁଅ। ଝିଅବଡ଼ ତା ପରେ ପୁଅ । ଦି' ଜଣ ଯାକ ସବୁବେଳେ ବହୁତ୍ ବାଧ କରି ଡାକନ୍ତି ତାଙ୍କୁ ଟିକେ ବୁଲିଦେଇ ଯିବାପାଇଁ । କିନ୍ତୁ ଚାକିରି ବ୍ୟସ୍ତତା ର ବାହାନା ଦେଇ ଶଶିକାନ୍ତ ବାବୁ ଏଡେଇ ଦିଅନ୍ତି ତାଙ୍କ ନିମନ୍ତ୍ରଣକୁ । ଅସଲରେ ତାଙ୍କୁ ଏକୁଟିଆ ଯାଇ ସେମାନଙ୍କ ପାଖରେ ରହିବାକୁ ଟିକିଏ ଅସହଜ ଲାଗେ । ପତ୍ନୀ ରଜନୀ ଥିଲାବେଳେ ତାଙ୍କର ସୁବିଧା ଅସୁବିଧା ସବୁବୁଝି ଦେଉଥିଲେ । ଘରେ ବାହାରେ କେବେ କୌଣସି ଅସୁବିଧା ହେଉନଥିଲା ତାଙ୍କର। ଏବେ ସିଏ ନିଜେ ସବୁ କରିଲା ବେଳକୁ ଅନେକ ଭୁଲ ଭଟକା ହେଇଯାଉଛି । ଆଉ ପୁଅ ଝିଅଙ୍କ ପାଖକୁ ଯାଇକି ତାଙ୍କୁ ହଇରାଣ କରିବାକୁ ମୋଟେ ରୁ ଚାହୁଁନାହାଁନ୍ତି ଶଶିକାନ୍ତ ବାବୁ। ଝିଅ ଶାଶୁ-ଶଶୁରଙ୍କ ପାଖରେ ରହୁଛି ଏବଂ ବହୁ ଚାକିରି କରୁଛି। ସେମାନଙ୍କ ପାଖରେ ବା ଆଉ କେତେ ସମୟ ଅଛି ଯେ ପୁଣି ସିଏ ଯାଇ ଆହୁରି ହଇରାଣ କରିବେ ଭାବନ୍ତି ସବୁବେଳେ । କିନ୍ତୁ ଏବେ ଚାକିରି ରୁ ଅବକାଶ ନେଇ ସାରିବା ପରେ ଏକା ଏକା ସାରା ଦିନ କାଟିବା ଭାରି କଷ୍ଟ ହେଉଛି। ଆଉ ଝିଅ-ପୁଅ ମଧ ଏବେ ବେଶି ବେଶି ବାଧ କରିଲେଣି କିଛି ନହେ ଲେ ମାସେ ଦି' ମାସ ରହି ଯିବାକୁ । ନିରୁପାୟ ହୋଇ ଶଶିକାନ୍ତ ବାବୁ ମନସ୍ଥ କଲେ ମାସେ ମାସେ ଦି' ଜାଗା ରେ ରହି ଆସିବା ପାଇଁ । କିଛି ନ ହେଲେ ନାତି-ନାତୁଣୀଙ୍କ ସହ କିଛି ସମୟ କଟିଯିବ ଭାବି । ପ୍ରଥମେ ଯାଇ ପହଞ୍ଚିଲେ ପୁଅ ଘରେ ବାଙ୍ଗାଲୋରରେ । ସେଠି ପୁଅ, ବୋହୁ ଏବଂ ଦୁଇ ନାତୁଣୀ ଙ୍କୁ ଦେଖି ଅତ୍ୟନ୍ତ ଖୁସି ହେଲେ । ନାତୁଣୀ ଦି' ଜଣ ଜେଜେଙ୍କ ବ୍ୟାଗ୍ ନେଇ ତାଙ୍କୁ ଦିଆଯାଇଥିବା ରୁମ୍ ରେ ରଖିଦେଇ ତାଙ୍କୁ ପୁରା ଘର ଦେଖେଇଲେ । ପୁଅ ଦେବେନ୍ ତାଙ୍କର ସୁବିଧା ସକାଶେ ସବୁ ପ୍ରକାର ବ୍ୟବସ୍ଥା କରି ଦେଇଥିଲା ତାଙ୍କ କୋଠରୀରେ ଏବଂ ବହୁ ଜୁଲି ମଧ ଅନେକ ସୁସ୍ୱାଦୁ ଖାଦ୍ୟ ରୋଷେଇ କରିଥିଲା ତାଙ୍କ ପାଇଁ । ପ୍ରତ୍ୟେକ ଦିନ ଶଶିକାନ୍ତ ବାବୁ ସକାଳୁ ଉଠି ନିତ୍ୟକର୍ମ ସାରିବା ମାତ୍ରେ ଜୁଲି ତାଙ୍କ ହାତକୁ ଚା' କପ୍ ଧରେ ଇଦିଏ। ଦେବେନ୍ ସହିତ ବସି କିଛି ସମୟ ଗପସପ କରନ୍ତି ଶଶିକାନ୍ତ ବାବୁ । ନଅଟା ଭିତରେ ସମସ୍ତେ ବାହାରି ଯାଆନ୍ତି ନିଜ ନିଜ ସ୍କୁଲ୍ ତଥା ଅଫିସ୍ ଅଭିମୁଖେ । ଜୁଲି ସୁଆଦିଆ ଜଳଖିଆ ପରସି ଦେଇ ଯାଏ ତାଙ୍କ ପାଇଁ ଏବଂ ଖରା ବେଳ ଖାଇବା ତଥା ମଝିରେ ଟିକେ କ'ଣ ପାଟିରେ ପକେଇବା କୁ ଫଳ, ମୁଢ଼ି, ମିକ୍ସଚର, ରଖି ଦିଏ ଡାଇନିଂ ଟେବୁଲ ଉପରେ ଏବଂ ସବୁ ଚିହ୍ନେଇ ଦେଇ ଯାଇଥାଏ। ଦେବେନ୍ ମଧ ପ୍ରତିଦିନ ଗଲା ବେଳେ ପଚାରିକି ଯାଏ "ବାପା ଆସିଲା ବେଳେ କଣ ନେଇକି ଆସିବି କି ତୁମ ପାଇଁ"। ନାତୁଣୀ ଦି ଜଣ ଅତି ସ୍ନେହରେ ଆଲିଙ୍ଗନ କରି "ଜେଜେ ଆସିଲେ ଆମକୁ ନୂଆ ଗପ କହିବ" କହି ବାହାରି ଯାଆନ୍ତି ସ୍କୁଲ୍ କୁ।

ଦିନ ସାରା ଶଶିକାନ୍ତ ବାବୁ ନିଜର ଗାଧୁଆ ପାଧୁଆ ସାରି, ଠାକୁର ପୂଜା କରି, ନ୍ୟୁଜ୍ ଦେଖି, ଖବର କାଗଜ ପଢ଼ି, ଫୋନ୍ ରେ ସାଙ୍ଗ ସାଥୀଙ୍କ ସହ ଗପି ସମୟ ଅତିବାହିତ କରି ଦିଅନ୍ତି। ସନ୍ଧ୍ୟା ବେଳକୁ ପୁଣି ଆସି ପହଞ୍ଚି ଯାଆନ୍ତି ସମସ୍ତେ । ପୁଣି ଗହଳି ଚହଳି ଲାଗେ ଘରେ , କଥା ବାର୍ତ୍ତା , ଖାଇବା ପିଇବା ଭିତରେ ରାତି ହେଇଯାଏ ଆଉ ସମସ୍ତେ ଶୋଇବାକୁ ଯାଆନ୍ତି। ଶନିବାର, ରବିବାର ଆସିଲେ ଦେବେନ୍ କୁଆଡେ ନା କୁଆଡେ ବୁଲିବାକୁ ଯିବା ପାଇଁ ଯୋଜନା କରିଥାଏ। ନୂଆ ଜାଗା ସବୁ ଦେଖେଇ ଆଣେ ତାଙ୍କୁ। ଜୁଲି ମଧ ଭଳିକି ଭଳି ଜଳଖିଆ କରେ ତାଙ୍କ ପାଇଁ ଏବଂ ବାର ଦେଖିକି ମାଛ, ମାଂସ ନିଶ୍ଚୟ କରେ ଠିକ୍ ତା' ମା'ଙ୍କ ପରି, ମାନେ ଶଶିକାନ୍ତ ବାବୁଙ୍କ ସମୁଧୁଣିଙ୍କ ପରି। ପ୍ରଥମ ଥର ଯେତେବେଳେ ସେମାନେ ଜୁଲି ଘରକୁ ଯାଇଥିଲେ ଠିକ୍ ଯେଉଁ ଭଳି ମାଛ ବେସର ଏବଂ ମାଂସ କଷା ଖାଇଥିଲେ ସେମିତି କରିକି ଦିଏ ଜୁଲି। ଶଶିକାନ୍ତ ବାବୁ ତାଙ୍କ ଘରୁ ଫେରି ଏଇ ଦୁଇଟା ଖାଦ୍ୟର ଭାରି ପ୍ରଶଂସା କରିଥିଲେ । ତେଣୁ ଜୁଲି ତାଙ୍କ ପାଇଁ ବନାଏ ନିଶ୍ଚୟ। ଖୁବ୍ ମଉଜ ମଜଲିସ୍ ଭିତରେ କଟିଲା ତାଙ୍କର ଦିନ ଗୁଡ଼ିକ ସେଠି। ଏମିତି ଦେଖୁ ଦେଖୁ ତାଙ୍କର ଯିବା ଦିନ ଆସି ପହଞ୍ଚିଲା । ଏତେ ସ୍ନେହ ଭଲପାଇବା ଛାଡ଼ି ଯିବାକୁ ତାଙ୍କୁ କଷ୍ଟ ହେଉଥାଏ। କିନ୍ତୁ ବେଶି କିଛି ବ୍ୟକ୍ତ କରି ନପା ରି ସେଠୁ ବାହାରିଗଲେ ସେ ଦିଲ୍ଲୀ ଅଭିମୁଖେ ।

ଏୟାରପୋର୍ଟ ଗେଟ୍ ବାହାରେ ଅପେକ୍ଷା କରିଥାନ୍ତି ଦୀପା , ତା' ସ୍ୱାମୀ ରାକେଶ୍ ଏବଂ ନାତି ରାଜା । ଅତି ଆଦରରେ ପାଛୋଟି ନେଲେ ତାଙ୍କୁ ଘରକୁ। ଘରେ ପହଞ୍ଚି ଧୁଆ ଧୋଇ ହୋଇ ସୋଫାରେ ଆସି ବସିଲେ ଶଶିକାନ୍ତ ବାବୁ । ବାପାଙ୍କ ଅତି ପସନ୍ଦର ପକୁଡ଼ି ଛାଣି ଚା' କପ୍ ସହିତ ବଢେଇ ଦେଲା ଦୀପା । ଚା' କପ୍ ଟି ପାଟି ପାଖକୁ ନେଉ ନେଉ ଅଳେ ଇଚର ସେଇ ସୁନ୍ଦର ବାସ୍ନାରେ ଭାବୁକ ହୋଇଗଲେ ଶଶିକାନ୍ତ ବାବୁ । ଏମିତି ଚା' ତାଙ୍କ ପତ୍ନୀ ରଜନୀ ଦେଉଥିଲେ ସବୁଦିନ ସନ୍ଧ୍ୟାରେ ସେ ଅଫିସ୍ ରୁ ଫେରିଲେ । ପ୍ରଥମ ପିଆଲା ରୁ ଶେଷ ପିଆଲା ପର୍ଯ୍ୟନ୍ତ ମଧୁର ସ୍ମୃତି ଭିତରେ ହଜି ଯାଇଥିଲେ ସିଏ। ସତେ ଯେମିତି ସନ୍ଧ୍ୟା ସମୟରେ ତାଙ୍କରି ଡ୍ରଇଂ ରୁମ୍ ରେ ବସି ପିଉଛନ୍ତି ସେ ଚା' । ଚା' ପତି ଗୁଣ୍ଡ ଜିହ୍ୱାରେ ଲାଗିବା ପରେ ଫେରି ଆସିଥିଲେ ସେ ବର୍ତ୍ତମାନ କୁ । ଭାବିଲେ ଦୀପା ତା' ମା'ଠୁ ଶିଖିଚି ବୋଧେ । ତା' ଶାଶୁଘରେ ମଧ ସମସ୍ତେ ଏଇ ଚା' କୁ ଭାରି ପସନ୍ଦ କରନ୍ତି। ରାତିରେ ଖାଇବା ପିଇବା ସାରି ତାଙ୍କ ପାଇଁ ଠିକଣା ହୋଇଥିବା କୋଠରୀ କୁ ଶୋଇବା ପାଇଁ ଗଲେ ଶଶିକାନ୍ତ ବାବୁ । ସାଙ୍ଗରେ ନାତି ରାଜା ମଧ ହାତ ଟାଣି ଟାଣି ଚାଲୁଥାଏ ଅଜାଙ୍କଠୁ ଗପ ଶୁଣିବ ବୋଲି। ଶଶିକାନ୍ତ ବାବୁ ଆରମ୍ଭ କଲେ ରାଜା ବହିରେ ଥିବା ଠେକୁଆ ଏବଂ କଇଁଛ ଗପ, ସାଙ୍ଗେ ସାଙ୍ଗେ ରାଜା ଅଟକେଇ ଦେଲା ତାଙ୍କୁ ଆଉ କହିଲା ନା ଅଜା ତମେ ମତେ ବାଘମାମୁଁ ଏବଂ ଚକୁଳି ଗପ କୁହ । ସେ' ଟା ମୋର ଫେବରାଇଟ ଗପ, ମା' ସବୁଦିନ କହେ ମତେ ।

ଶଶିକାନ୍ତ ବାବୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ନାତିକୁ, କହିଲେ ତୋ' ମା' ର ଏବେ ବି ମନେ ଅଛି, କେତେ ଛୋଟ ଥିଲାବେଳେ ମୁଁ ତାକୁ ଏଇ ଗପ କହୁଥିଲି। ଦୀପା ଆସି ରାଜାକୁ ନେଇଗଲା ଅଜାଙ୍କୁ ହଇରାଣ ନକରିବା ପାଇଁ ତାଗିଦ୍ କରିକି ଏବଂ କହିଦେଇ ଗଲା ବାପା ତୁମ ଦରକାର ମୁତାବକ ସବୁ ଜିନିଷ ରଖି ଦେଇଛି ପାଖ ଟେବୁଲରେ । ଆଉ ଡ୍ରୟର ଭିତରେ ବୋରୋଲିନ୍ ଟା ଅଛି । ଆଉ କିଛି ଦରକାର ହେଲେ କହିବ।

ଶଶିକାନ୍ତ ବାବୁ ହଉ କହି ବସିଲେ ବେଡ୍ ଉପରେ ଆଉ ବୋରୋଲିନ୍ ଟା ବାହାର କରିକି ଲଗେଇଲେ ତଳି ପାଦରେ । ଯା କୁ ଖରା , ବର୍ଷା ,ଶୀତ ସବୁଦିନ ସେ ପାଦରେ ଲଗାନ୍ତି । ତାଙ୍କ ଘରେ ପ୍ରାୟ ସମସ୍ତେ ରାତିରେ ଲଗାନ୍ତି ତାକୁ । କିଏ ହାତରେ , କିଏ ଓଠରେ, ତ କିଏ ପାଦରେ । ତାଙ୍କ ବୋଉ ଥିଲାବେଳେ ତାର ମଧ ତିନି-ଚାରି ମାସ କୁ ଗୋଟେ ବୋରୋଲିନ୍ ନିହାତି ଦରକାର ହଉଥିଲା । ଦୀପା ଶ୍ୱଶୁରମଧ ଆଜି ଖାଇଲା ବେଳେ ମଜାରେ କହୁଥିଲେ, ଆପଣଙ୍କ ଝିଅ ଆସିଲା ପରେ ମୋର ଫଟା ପାଦକୁ ଚିକ୍କଣ କରିଦେଲା । ଏଠି ମଧ ସମସ୍ତଙ୍କ ପ୍ରିୟ ହେଇଚି ତାହା । ତା'ର ବାସ୍ନା ସତେ ଯେମିତି ତାଙ୍କ ଘରକୁ ଶୁଭରାତ୍ରିର ବାର୍ତ୍ତା ନେଇ ଆସୁଥିଲା । ଶଶିକାନ୍ତ ବାବୁଙ୍କୁ ସେହି ମହମହ ବାସ୍ନା ଭିତରେ ପ୍ରତିତ ହେଲା ଯେ ମିତି ତାଙ୍କ ନିଜ ଚାଳିଶି ବର୍ଷ ପୁରୁଣା ଘରେ ଶୋଇଛନ୍ତି ସିଏ।

ସକାଳୁ ଉଠି ନିତ୍ୟକର୍ମ ତଥା ଗାଧୁଆ ପାଧୁଆ ସାରି ଡ୍ରଇଂ ରୁମ୍ କୁ ଆସି ବସିଲେ । ଠାକୁର ଘରୁ ସୁନ୍ଦର ମହମହ ଧୂପକାଠି ର ବାସ୍ନା ମଧରେ ଭାସି ଆସୁଥାଏ ସୁଲଳିତ କଣ୍ଠରେ ଶ୍ରୀ ବିଷ୍ଣୁ ମନ୍ତ୍ର "ଶାନ୍ତା-କାରମ୍-ଭୁଜଗ-ଶୟନମ୍-ନାରାୟଣମ୍-ସୁରେଶମ୍-ବିଶ୍ୱା...।" ସେଇ ମନ୍ତ୍ର ଟି ସକାଳୁ ସକାଳୁ ଶୁଣି ଅଦ୍ଭୁତ ଶିହରଣ ସୃଷ୍ଟି ହେଲା ତାଙ୍କ ମନରେ , ସତେ ଯେମିତି ତାଙ୍କ ବୋଉ ଗାଉଛି ଠାକୁର ଘରେ । ଠିକ୍ ଏଇ ସବୁ ଶବ୍ଦ ଏଇମିତି ସ୍ୱରରେ ପ୍ରତିଦିନ ମନ୍ତ୍ର ବୋଲୁଥିଲା ବୋଉ, ଆଉ ପ୍ରତିଦିନ ସିଏ ଶୁଣିଲା ମାତ୍ରେ ବୋଉ କୁ କୁହନ୍ତି "ବୋଉ ଭୁଲ ଗାଉଚୁ ତୁ' ମନ୍ତ୍ର ଆଉ ପ୍ରତ୍ୟୁତ୍ତର ରେ ତାଙ୍କ ବୋଉ କୁହନ୍ତି "ମୋ ପାଇଁ ଏଟା ହିଁ ଠିକ୍, ତୋ ବାପାଙ୍କ ସହ ପ୍ରସ୍ତାବ ପଡ଼ିଲା ଦିନଠୁ ତୋ ଅଜା ମତେ କହିଥିଲେ, ମା' ଏଇ ମନ୍ତ୍ର ସବୁବେଳେ ଏମିତି ଗାଇବୁ, ତୋ ଶ୍ୱଶୁର ନା ପରା ପଡି ଯାଉଛି ମଝିରେ । କେବେ ହେଁ ଉଚ୍ଚାରିବୁନି ।" ସତେ ଯେମିତି ଦୀପା ତାଙ୍କ ଅଜାଙ୍କ କଥା ମଧ ଚଳେଇ ଆସୁଛି ଆଜି ପର୍ଯ୍ୟନ୍ତ । ଛାତି ତାଙ୍କର କୁଣ୍ଢେ ମୋଟ ହେଇ ଯାଉଥାଏ। ତା' ପରେ ଜଳଖିଆ ମନ ଭରି ଖାଇଲେ ଶଶିକାନ୍ତ ବାବୁ କାରଣ ଦୀପା ତାଙ୍କ ପସନ୍ଦ ର କ୍ଷୀର ପୋଡ଼ପିଠାଟି କରିଛି ତାଙ୍କ ପାଇଁ, ଠିକ୍ ତାଙ୍କ ବୋଉ ହାତ ରନ୍ଧା ପରିକା । ଛୋଟ ଟି ବେଳୁ ଏଇଟା ତାଙ୍କର ପ୍ରିୟ ଜଳଖିଆ। ସେ ଯୋଗୁଁ ବୋଉର ବୟସ ହେଇଗଲା ପରେ ସେ ରଜନୀକୁ ଭଲ ସେ ଶିଖେଇ ଦେଇଥିଲା ତାଙ୍କ ପାଇଁ କରିବ ବୋଲି। ବୋଉ କହୁଥିଲା ଏଟା ସିଏ ତା' ମା'ଙ୍କ ଠୁ ସିଖିଥିଲା ଆଉ ବାହାଘର ପୂର୍ବରୁ ଦୀପାକୁ ମଧ ଶିଖେଇ ଦେଇଥିଲା । ଖାଲି ଜଳଖିଆ କଣ ଅପରାହ୍ନ ଖାଇବା, ରାତ୍ରି ଖାଇବା ସବୁ ବ୍ୟଞ୍ଜନ ସବୁ ଖାଦ୍ୟରେ ଶଶିକାନ୍ତ ବାବୁ ତାଙ୍କ ଘର ର ସୁଆଦ କୁ ଖୋଜି ପାଉଥାନ୍ତି । ସେଇ ଫୁଟଣ, ସେଇ କଷା, ସେଇ ବାସ୍ନା ଆଉ ସେଇ ସ୍ନେହ । ରଜନୀ ଗଲା ପରେ ଏଇ ସବୁ ଉଭେଇ ଯାଇଥିଲା ତାଙ୍କ ଜୀବନରୁ । ସେ ସବୁକୁ ସାଉଁଟି କି ପାଉଥିଲେ ସିଏ। ଦୀପାର ଶାଶୁ ଶ୍ୱଶୁର ମଧ ତାର ଖୁବ୍ ପ୍ରଶଂସା କରନ୍ତି ସବୁବେଳେ । ତା' ଚାଲି ଚଳନ, ତା' ହାତରନ୍ଧା ଖାଇବା, ତା' ପୂଜା ପାର୍ବଣ, ତା' ସଂସ୍କାର ସବୁ ଗୁଣର । କୁହନ୍ତି ଠିକ୍ ଆମ ସମୁଧୁଣୀଙ୍କ ପ୍ରତିମା ହେଇଛି ଦୀପା ଆମର। ଶଶିକାନ୍ତ ବାବୁ ସବୁବେଳେ ଶୁଣୁଥିଲେ । କିନ୍ତୁ ଏବେ ସେ ନିଜେ ଦେଖିଲେ ସତରେ ଦୀପା ତାଙ୍କ ବୋଉ, ତାଙ୍କ ପତ୍ନୀଙ୍କ ମିଶା ମିଶି ଛାୟା ଟିଏ, ଯିଏ କି ଆଜି ବି ତାଙ୍କ ଅଜା-ଆଈ,ଜେଜେ-ଜେଜୀ , ବାପା-ବୋଉ,ତାଙ୍କ ପତ୍ନୀ ତଥା ସ୍ୱୟଂ ତାଙ୍କର ମଧ କିଛି କିଛି ଆଦର୍ଶ ଅନୁଭବକୁ ଆଗେଇ ନେଇ ଚାଲିଛି। ତାଙ୍କ ଘର ପ୍ରଥା ତଥା ବଂଶ ପରମ୍ପରା ପ୍ରକୃତ ରେ ସିଏ ହିଁ ଆଗେଇ ନଉଛି।

ସିଏ ଭାବି ଯାଉଥିଲେ କେତେ ଅନଭିଜ୍ଞତା ଭିତରେ ବଞ୍ଚୁଥିଲେ ଆହା ସିଏ ଏତେ ବର୍ଷ ଯାଏଁ। ପ୍ରଥମ ଝିଅ ହେଲା ପରେ ପୁଅ ଆଶା ରେ ଦ୍ୱିତୀୟ ସନ୍ତାନ କରିଥିଲେ ସେମାନେ । ବୋଉର ସବୁବେଳେ ତାଗିଦ୍ । ଆରେ ଝିଅ ତ ପର ଘରର ହେବ, ଆମ ପରମ୍ପରା ସବୁ ଲୋପ ପାଇଯିବ ପୁଅଟେ ନହେଲେ । ଦ୍ୱିତୀୟରେ ପୁଅ ପାଇ ଅତ୍ୟନ୍ତ ଖୁସି ଥିଲେ ସମସ୍ତେ । ତାଙ୍କ ବୋଉ ସଙ୍ଗେ ସଙ୍ଗେ ଗାଁ ଠାକୁରାଣୀଙ୍କୁ ସୁମରି ଧନ୍ୟବାଦ୍ ଅର୍ପଣ କରିଥିଲେ ତାଙ୍କ ଦାୟଦ,ତାଙ୍କ ବଂଶଜ ଜନ୍ମ ହୋଇଥିବାରୁ । ପତ୍ନୀ ରଜନୀ ମଧ ଅତ୍ୟନ୍ତ ଗର୍ବରେ ଆଉ ଖୁସିରେ କିଛି ଯନ୍ତ୍ରଣା ଅନୁଭବ କରୁନଥିଲେ । ତାଙ୍କ ଘରକୁ ଏକ ଉତ୍ତରାଧିକାରୀ ଦେଇଥିବା ଯୋଗୁଁ।

ଶଶିକାନ୍ତ ବାବୁ ଏବେ ଅନୁଭବ କରୁଛନ୍ତି, ପ୍ରକୃତରେ କଥାଟି ଓଲଟା । ପ୍ରଥା-ପରମ୍ପରା ତ ପ୍ରକୃତରେ ଝିଅ ହିଁ ଆଗକୁ ନେଇ ଯାଉଛି । ଖାଲି ବଂଶର ନାମ ଉପାଧି ହିଁ ପୁଅ ଆଗକୁ ବଢ଼ା ଉଛି । ପୁତ୍ରଧନ ତଥା କନ୍ୟା ରତ୍ନରେ କିଛି ନାହି ଖାଲି ଗୋଟେ ସୁସନ୍ତାନଟିଏ ଠାକୁରଙ୍କୁ ମାଗିବା କଥା । ଚୌକି ଉପରେ ବସି ଖାଲି ଭାବି ହଉଥାନ୍ତି କାହା ସହ ଭଲା ବାଣ୍ଟିବେ ଏଇ ଅମୂଲ୍ୟ ଅନୁଭୂତିକୁ । ସହଭାଗିନି ତ' ଆଉ ପାରିରେ ।

■■■ **ପ୍ଲାନୋ, ଟେକ୍ସସ୍, ଆମେରିକା**

# ଶ୍ରୀ ଜଗନ୍ନାଥଙ୍କ ଦପ୍ତର ଓ ସୂଚନା ଅଧିକାର



ବିରଞ୍ଚି ମିଶ୍ର




ଭକ୍ତଟିଏ ଦିନେ ଜଗତର ମୁଖିଆ ଶ୍ରୀ ଜଗନ୍ନାଥଙ୍କ ଦପ୍ତରରେ ସୂଚନା ଅଧିକାର ଆଇନ ଅନୁସାରେ ଏକ ଦରଖାସ୍ତ ଦେଇ ଜାଣିବାକୁ ଚାହିଁଲା, ତାଂକ ପାଖରୁ କିଏ କିଏ, କେତେ କଣ ମାଗି ନେଇଛନ୍ତି । ଯାହା ଉତ୍ତର ପାଇଲା, ତାହା ହେଉଛି :

ବଳରାମ ଦାସ ଶରଧାବାଲିରୁ ହାତେ ମାଗିଥିଲେ । ତାହା ତାଙ୍କୁ ଦିଆ ଯାଇଥିଲା ମାତ୍ର ସେ ତାକୁ ନିଜ ହାତକୁ ନେଲେ କି ନାହିଁ, ସେ ସମ୍ପର୍କରେ କୌଣସି ରେକର୍ଡ ନାହିଁ । ଏବେ ତ ସେଠାରେ ବାଲି ବି ନାହିଁ । ତେଣୁ କିଛି ଜଣାପଡୁ ନାହିଁ ।

ବିରଞ୍ଚି ମିଶ୍ର ଗୋଟିଏ ରତ୍ନ ମାଗିଥିଲେ, ହେଲେ ରତ୍ନ ଭଣ୍ଡାର ଚାବି ହଜି ଯାଇ ଥିବାରୁ ତାଙ୍କୁ ଦିଆଯାଇ ପାରୁନାହିଁ । ଏକ ନକଲି ଚାବି ଅଛି, କିନ୍ତୁ ସେଥିରେ ତାଲା ଖୋଲିବାକୁ କେହି ମଙ୍ଗୁ ନାହାନ୍ତି । ଅସଲି ଚାବି ମିଳିଲେ ତାଙ୍କ କଥା ବିଚାର କରାଯିବ । ଅସଲି ଚାବି ଖୋଜିବା ପାଇଁ ଏକ କମିସନ ବସାଯାଇଛି ।

ସୁବାସ ନାୟକ କହିଛନ୍ତି, ମୁଖିଆ ତ ଭାଇଭଉଣୀ ସାଙ୍ଗରେ ରଥଯାତ୍ରାରେ ବାହାରିଛନ୍ତି । ଏପରି ପର୍ଯ୍ୟଟନ ମୁଡ୍ ବେଳେ କିଛି ମାଗିବା ଅନୁଚିତ । ସେ ଆହୁରି ଲେଖିଛନ୍ତି ଯେ, ମା ଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନ ଥିବାରୁ ସେ ଭୀଷଣ ରାଗିଯାଇ ବିସ୍ଫୋରଣ ଘଟାଇବାର ଯୋଜନା କରିଛନ୍ତି । ସ୍ୱାମୀ ସ୍ତ୍ରୀଙ୍କ ଏ କଳି ତୁଟିଲେ, ସେ ଯାହା ମାଗିବା କଥା ମାଗିବେ । ତାଙ୍କ ଆଗୁଆ ଦରଖାସ୍ତ ଉପଯୁକ୍ତ ସମୟରେ ବିଚାର ପାଇଁ ରଖାଯାଇଛି । ତେବେ ମହାଲକ୍ଷ୍ମୀଙ୍କ ଚକ୍ରାନ୍ତ ବିଷୟରେ ସେ କେମିତି ଜାଣିଲେ, ତାହା ମଧ୍ୟ ଅନୁସନ୍ଧାନ କରାଯିବ ।

ବୁଦ୍ଧଦେବ ପଣ୍ଡା କିଛି ନ ମାଗି, ଠାକୁରେ ସମସ୍ତଙ୍କ ଉପରେ ନିଘା ରଖିଥାନ୍ତୁ ବୋଲି ଅନୁରୋଧ କରିଛନ୍ତି । ତାଙ୍କ କଥା ରଖିଲେ, ସମସ୍ତେ ମନଇଚ୍ଛା କାମ କରି, ଅନେକେ କିଛି କାମ ନ କରି, ଶୋଇବେ, ଆଉ ମୁଖିଆ ଚେଇଁ ଚାହିଁଥିବେ । ଏହା ଟିକେ ବିଚିତ୍ର ଲାଗୁଛି । ତେଣୁ ଏହି ବିଷୟ ଅଧିକ ଅନୁଧ୍ୟାନ ପାଇଁ ଏକ ଦେବାଦେବୀ କମିଟି ଗଠନ କରାଯାଇଛି ।

ଶଙ୍କର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ଯେ ତାଙ୍କ ନାମରେ ଥିବା କିଛି ଜମିକୁ ଜଗନ୍ନାଥଙ୍କ ଅଧିକାରୀମାନେ ମାଡି ବସିଛନ୍ତି । ଏହା ସତ୍ୟ ହୋଇଥିବାରୁ, ତାଙ୍କୁ ତାଙ୍କ ଜମି ଫେରାଇ ଦେବାର ବ୍ୟବସ୍ଥା କରିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କିଛି ଲୋକ ଧନୀ ହେବା ପାଇଁ ଆଶୀର୍ବାଦ ମାଗିଛନ୍ତି । ଏହା ଗୁପ୍ତ ବିଷୟ ହୋଇଥିବାରୁ ସୂଚନା ଦିଆଯାଇ ପାରିବ ନାହିଁ ।

ଅନେକ ଲୋକ ମୋକ୍ଷ ପାଇବା ପାଇଁ ଏକାନ୍ତ ଦର୍ଶନ ସକାଶେ, ବ୍ୟକ୍ତିଗତ ତଥା ସମୂହ ଭାବରେ ଦରଖାସ୍ତ କରିଛନ୍ତି । ସମସ୍ତେ ଯେହେତୁ ମୁଖିଆଙ୍କୁ ସବୁଦିନ ଦର୍ଶନ କରିବା ସମ୍ଭବ ନୁହେଁ , ତେଣୁ ଏକ ଖୋଲା ନୋଟିସରେ ଜଣାଇ ଦିଆଯାଇଛି

■■■

ଓଲ୍ଡ ଟାଉନ୍ , ଭୁବନେଶ୍ୱର

# ବଡ଼ ବିଚିତ୍ର ଏ ଫକୀର

**ମନୋଜ କୁମାର ମହାପାତ୍ର**



ତୁମେ ମୋ ପାଖକୁ ସତେଜ ହିଲ୍ଲୋଳ ଭଳି କାହିଁକି ଆସୁଛ ? ମନରେ, ଚିନ୍ତାରେ କେତେବେଳେ ରୂପଟିଏ ହେଇ ତ କେତେବେଳେ ଆବେଗ-ମିଶ୍ରିତ ଭାବନା ବା କଳ୍ପନା ବା ସ୍ୱପ୍ନଟିଏ ହେଇ ମୋର ଅସ୍ତିତ୍ୱକୁ ପ୍ରକମ୍ପିତ କରୁଛ । ତୁମେ କଣ ଜାଣିନ ଯେ ମୋ ଦ୍ୱାରା ଶାଗ ସିଜିବନି କି ହୁଙ୍କାରି ପାରିବିନି । ମୋ ଚାରିପାଖେ ପରା ବିଭିନ୍ନ ପ୍ରକାର ସାପ କିଲବିଲ ହେଉଛନ୍ତି , କିଏ ବିଷଧର ତ କିଏ ଛଳନାକାରୀ ।  ତୁମେ ତ ଜାଣିଛ ଏ ମାନଙ୍କର ମହା-ଫୁତକାର ଶୁଣି ଶୁଣି ମୁଁ ପ୍ରାୟ ବେଙ୍ଗ ହେଇଗଲିଣି । ଭାବୁଛି ବାକି ଜୀବନଟା ସାରୁଗଛ ମୂଳରେ ଚୁପଚାପ ବସି ବିତେଇଦେବି । ହେଲେ ମୋର ପ୍ରକୃତି କଣ ନୀରବରେ ମୋତେ ବସିବାକୁ ଦେଉଛି କି । କେଁ କଟର ବୋବାଳି ଛାଡୁଛି । ସେଥିପାଇଁ ତ ସାପମାନଙ୍କର ନଜର ମୋ ଉପରେ ବେଶୀ । ସେଥିରେ ପୁଣି ବୋଝ ଉପରେ ନଳିତା ବିଡା ଭଳି ତୁମେ ମଝିରେ ମଝିରେ ଆସି ମୋତେ ସ୍ୱପ୍ନରେ ଦେଖାଦେଉଛ । କହିଲ ଭଲା ମୁଁ ତୁମ କେଉଁ କାମରେ ଆସିବି ? ବିରକ୍ତି ସ୍ୱରରେ ବିବେକ ଦାସ ଏମିତି ଏଣୁତେଣୁ ଅନୁଚ ସ୍ୱରରେ କହି ଚୁପ ରହିବାକୁ ଚେଷ୍ଟାକଲେ ।

ଚେଷ୍ଟା କଲେ ବି ସେ ନିରବତାର ଚାଦର ଘୋଡ଼ିପାରିଲେନି । କେମିତିବା ଚୁପ ହେବେ ! ହେଇ ଦେଖୁନ,ତାଙ୍କର ଅଭିମାନ ଭରା ମୁହଁ ସେତେବେଳକୁ ଲାଲ ପଡ଼ିଗଲେ ବି ଆଗରେ ଠିଆ ହେଇଥିବା ବୁଢ଼ା ଫକିରଙ୍କର ହସ  ଥମିବାର ନାଁ ନେଉନି । ତୁହାକୁ ତୁହା ହସ ତାଙ୍କର ପାକୁଆ ପାଟିରୁ ଝରି ପଡୁଛି । ବିବେକବାବୁ ଅନୁଭବ କଲେ ଯେ ସତେକି କଟା ଘାଆରେ ହସଗୁଡାକ ଲୁଣ ବିଞ୍ଚି  ଦେଉଛି ! ସେ ଚିତ୍କାର କରି କହି ଉଠିଲେ - ହଇଓ ସନ୍ଥ ପୁରୁଷ ! ତୁମେ ଏଠାରୁ ଚାଲିଗଲ । ମୋର ଆଦର୍ଶ ଫାଦର୍ଶ ଆଉ ଦରକାର ନାହିଁ ।

ବୁଢ଼ା ଫକିର କହିଲେ - ତୁମେ ଏମିତି ରାଗୁଛ କାହିଁକି ? କହିଲ ଭଲା ମୁଁ ଆଉ କେଉଁଠିକି ଯିବି ? ତୁମ ଭଳି କେତେଜଣ ଲୋକଙ୍କ ପାଖରେ ମୋ ଜାଗା ମାନେ ମୋର ଅସ୍ତିତ୍ୱ ରହିଛି, ତୁମେମାନେ ଯଦି ମୋତେ ନିକାଲି ଦେବ ତେବେ ମୁଁ ବାସଚ୍ୟୁତ ହେଇଯିବି । ମାନେ ଥାଇକି ବି ନଥିଲା ପରି ହେଇଯିବି । ମନେରଖ, ଥଳକୂଳଶୂନ୍ୟ ମହାଶୂନ୍ୟରେ ଥରେ ମିଳେଇ ଗଲେ ଆଉ ତୁମେମାନେ ମୋର ଟେର ପାଇବନି । ଅସଂଖ୍ୟ ଅସହାୟ ଜନତାର ସ୍ୱାଧୀନତା ଅନ୍ୱେଷିତ ମାନସିକତା ମୋତେ ଏହି ମହାଶୂନ୍ୟରୁ ଏକଦା ଟାଣି ଆଣିଥିଲା ।

ବିବେକବାବୁ ଟିକେ ଚିନ୍ତାରେ ପଡିଗଲେ । ନିଠେଇ ଚାହିଁଲେ ଫକିରଙ୍କୁ । ସ୍ୱପ୍ନ ଦେଖୁ ନାହିଁତ !  ତାହେଲେ ଇୟେ କିଏ ! ଗାନ୍ଧୀଙ୍କ ଭଳି ଦେଖା ଯାଉଛନ୍ତି, ଇୟେ କଣ ଗାନ୍ଧି ? ନା ନା, ଯଦି ଗାନ୍ଧି ହେଇଥାନ୍ତେ ତାଙ୍କ ହାତରେ ବାଡ଼ି କାହିଁ ? କାହିଁ ତାଙ୍କର ଆଣ୍ଠୁ ପର୍ଯ୍ୟନ୍ତ ପିନ୍ଧା ଖଦଡ଼ ଧୋତି ଓ କାନ୍ଧରେ ଚାଦର ? ସେ  ତ କୌପିନିଟିଏ ମାତ୍ର ପିନ୍ଧିଛନ୍ତି । ତାବାଦେ ଆଖିରେ ତ ତାଙ୍କର ଚଷମା ନାହିଁ । ତାଙ୍କର ଛପନ ଇଞ୍ଚ ଚଉଡା ଛାତିଟା ଥିଲା ଦାଗଶୂନ୍ୟ । କିନ୍ତୁ ୟାଙ୍କ ଛାତିରେ ନାଲି ନାଲି ଫୋଟକା ଭଳି ଭାତୁଡ଼ି ଟଣଟଣ କଣ ଦେଖା ଯାଉଛି ! ଏହା ସତ୍ୱେ ବି ଗାନ୍ଧୀଙ୍କ ହସ ପରିସଫୁଟ ୟାଙ୍କ ମୁହଁରେ । ବଡ଼ ବିଚିତ୍ର ଏ ଫକୀର !!!

ବୃଦ୍ଧ ଫକିର ବୁଝିଗଲେ ବିବେକବାବୁଙ୍କ ଛାତି ଭିତରେ ପ୍ରଚଣ୍ଡ ହାତୁଡି  ପ୍ରହାରକୁ । ସେ ଈସତ ହସି କହିଲେ - ତୁମେ ମୋତେ ଚିହ୍ନିଁ ନପାରିଲେ ବି ମୁଁ ତୁମକୁ ଚିହେଁ ଯେମିତି ପବନକୁ ନଚିହ୍ନିଁଲେ ବି ସେ ତୁମକୁ ସ୍ପର୍ଶ କରେ । ହଇଓ ବାବୁ, ତୁମେ କାହିଁକି ନିଜକୁ ଅସହାୟ ବେଙ୍ଗ ଓ ତୁମ ଚାରିପଟ ମଣିଷକୁ ପ୍ରଭାବଶାଳୀ ସାପ ବୋଲି ଭାବୁଛ ? ସାପ ଓ ବେଙ୍ଗ ଉଭୟେ ଏ ସମାଜରେ ରହିବେ ଓ ପରସ୍ପର ପ୍ରତି ବୈରୀ ଭାବ ରଖିବେ । ତାବାଦେ ତୁମେ କାହିଁକି ମଣିଷମାନଙ୍କୁ ସାପ ବେଙ୍ଗ ସହିତ ତୁଳନା କରୁଛ ? ତୁମେ ପରା ମଣିଷ ଯାହାଙ୍କ ଭିତରେ ରହିଛି ଦିବ୍ୟଜ୍ଞାନ ଯାହା ଦାଉଦାଉ ଜଳୁଛି ।

ବୃଦ୍ଧ ଫକିର ଆଉ କଣ କହିବାକୁ ଯାଉଥିଲେ କିନ୍ତୁ ବିବେକବାବୁ ରାଗରେ ତମ ତମ ହେଇ କହିଲେ - ତୁମେ କିଏ କି ହୋ ଗାନ୍ଧୀଙ୍କ ଭଳି କଥା କହୁଛ ।  ଗାନ୍ଧୀଙ୍କ ଯୋଗୁ ମୋର ଆଜି ଏଇ ଦଶା ।

କି ଦଶା ହୋ ତୁମର ? ସେଇ ଗାନ୍ଧୀଟି ତୁମର କଣ କଲେ କି ?

ଆଉ କଣ କରି ନଥାନ୍ତେ ! ସରକାରୀ ଚାକିରୀରେ ମୁଁ ଆସିଷ୍ଟାଣ୍ଟ ଇଞ୍ଜିନିଅରଟିଏ ହେଇ ଜଏନ କରିଥିଲି । ଅବସର ନେଲି ସେଇ ଆସିଷ୍ଟାଣ୍ଟ ଇଞ୍ଜିନିଅର ପଦରୁ । ତିରିଶବର୍ଷ ଚାକିରୀ ଭିତରେ ଓଡ଼ିଶାର ଏ ମୁଣ୍ଡରୁ ସେ ମୁଣ୍ଡ  ଷାଠିଏ ଥର ମୋର ବଦଳି ହେଇଛି ଓ ତିନିଥର ସସପେଣ୍ଡ ହେଇଛି ।  ଗାଁର ଯେଉଁ ମାଟି ଛଣ ଛପର ଘରୁ ପ୍ରଥମେ ବାହାରି ଚାକିରୀରେ ଜଏନ କରିଥିଲି, ଅବସର ପରେ ପୁଣି ସେଇ  ଘରକୁ ଫେରି ଆସିଛି । ଦୁର୍ନୀତି ଓ ଭ୍ରଷ୍ଟାଚାରଗ୍ରସ୍ତ ନେତା,ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଫିସରଙ୍କ ବଚସ୍କର ନ ସାଜିବାରୁ ମୋ ପାରିବାପଣ ଉପରେ ଅପାରିବାପଣର ମୋହର ଲାଗିଗଲା । ପିଲାଟି ଦିନରୁ ଗାନ୍ଧୀଙ୍କ ଦର୍ଶନରେ ଯଦି ନିଜକୁ ସଜାଇ ନଥାନ୍ତି, ଆଜି ମୋର ଦଶା ଏମିତି ହେଇନଥାନ୍ତା କି ?

ଏଥର ବୃଦ୍ଧ ଫକିର ଏମିତି ହସିଲେ ଯେ ଚାଳ ଛପର କନ୍ଦିରେ ବିଶ୍ରାମରତ ଘୁମୁରି ପାରାଗୁଡାକ ଡେଣା ଝାଡ଼ି ଫଡଫଡ ହେଇ ଉଡିଗଲେ । ବିବେକବାବୁ ଜୀବନରେ ଏମିତି ବୁଢାମାନେ ହସିବାର କେବେ ଦେଖିନଥିଲେ । ସେ ଆଖି ତରାଟି କହିଲେ - ତୁମର ଏମିତି ଅସ୍ଥି କଙ୍କାଳସାର ବିକଳାଙ୍ଗ ଚେହେରାରୁ ଅଟ୍ଟହାସ୍ୟ କେମିତି ବାହାରୁଛି ହୋ । ଯଦି ତୁମେ ଗାନ୍ଧି ହେଇଥାଅ ସେ କଣ ଏମିତି ବୁଢ଼ାକାଳେ ପରର ଦୁଃଖ ଦେଖି ହସୁଥିଲେ କି ? କହିଲ ଭଲା ତୁମେ ଏମିତି ବେରୂପ ହେଇ କାହିଁକି ଏଠାକୁ ଆସିଛ ?

ବୃଦ୍ଧ ଫକିର କହିଲେ - ତଥାପି ତୁମର ସନ୍ଦେହ !!  ତେବେ ଶୁଣ ହେ ଗାନ୍ଧିଙ୍କୁ ଭଲ ପାଉଥିବା ମଣିଷ ! ଯେତେବେଳେ ଦେଶରେ ଲୁଗା ଖଣ୍ଡେ  ପିନ୍ଧିବାକୁମିଳୁନଥିଲା, ସେତେବେଳେ ଗାନ୍ଧି ଗରିବ ନିସ୍ୱ ଲୋକଙ୍କୁ ସମବେଦନା ଜଣାଇ ନିଜେ ଖଦଡ଼ ଧୋତିଟିଏ ଆଣ୍ଠୁ ପର୍ଯ୍ୟନ୍ତ ପିନ୍ଧୁଥିଲେ ଓ କାନ୍ଧରେ ଚାଦରଟିଏ ପକାଉଥିଲେ । ଏବେ ଏତେ ସଂଖ୍ୟାର ଭଳିକି ଭଳି ମେସିନବୁଣା -ଲୁଗା ମିଳୁଛି ଯେ ଲୋକେ ଆଉ ପୂରା ଶରୀର-ଘୋଡା ଲୁଗା ନପିନ୍ଧି ଦେହ ଦିଶୁଥିବା ଲୁଗା ପିନ୍ଧିଲେଣି । ଦେଖୁନ ତାଙ୍କୁ କେମିତି ଅଲାଜୁକମାନେ ଗୋଟେ କୌପିନ ପିନ୍ଧାଇଛନ୍ତି ।

ସାମ୍ପ୍ରଦାୟିକ ହିଂସା,ଯୁଦ୍ଧ, ଦୁର୍ନୀତି, ଭ୍ରଷ୍ଟାଚାର, ନିଶା ସେବନ, ଯୌନ ଲାଂଛନା, ରାଜନୈତିକ ଛଳନା ଓ ପ୍ରଶାସନିକ ମିଥ୍ୟାଚାର ଇତ୍ୟାଦିର ନିଆଁ ଖୁଣ୍ଟାର ଖେଂଚ ଗାନ୍ଧୀଙ୍କ ଛାତିଟାକୁ ଲାଲ ବ୍ରଣରେ ପୁରେଇ ସାରିଲେଣି । କେଇ ଜଣେ ସିନା ତିନୋଟି ଗୁଳି ତାଙ୍କ ଛାତିକୁ କେବେ ମାରିଥିଲା, ଏଇନେ ତ ବାକ୍ୟ, ଭାବନା ଓ କର୍ମ ମାଧମରେ ନିତି କିଛି ଲୋକ ତାଙ୍କ ଦର୍ଶନ ଓ ଆଦର୍ଶର ଛାତିକୁ ଗୁଳି ମାରିମାରି ଲହୁଲୁହାଣ କରିସାରିଲେଣି । ଆଉ କହୁଛ ତାଙ୍କର ଚଷମା କୁଆଡ଼େଗଲା । ହଇଓ ବାବୁ, ଆଖି ଥିଲେ ତ ଲୋକେ ଚଷମା ପିନ୍ଧିବେ । ଯିଏ ଅନ୍ଧ, ସେ କାହିଁକି ଚଷମାର ମହତ୍ୱ ଜାଣିବ । ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ଭିତରେ ଏତେ ଲୋକ ଆଖି ଥାଇ ଅନ୍ଧ ହେଇଗଲେଣି ଯେ ସେମାନେ ପରା ତାଙ୍କ ଆଖିରୁ ଚଷମାଟାକୁ କାଢ଼ି ନେଇ ତାଙ୍କୁ ବି ଅନ୍ଧ କରିସାରିଲେଣି । ଅଥଚ ସେହି ମୂର୍ଖମାନେ ବୁଝନ୍ତିନି ଯେ ଯାହାଙ୍କ ପାଖରେ ରହିଛି ଦିବ୍ୟଚକ୍ଷୁ, ଚଷମାଶୂନ୍ୟ କରିଦେଲେ ସେ କଣ ଅନ୍ଧ ହେଇଯିବେ ?

ବିବେକବାବୁ ହଠାତ କଥା ମଝିରେ କହି ଉଠିଲେ - ତାଙ୍କ ହାତରୁ ବାଡ଼ିଟା କୁଆଡେ ଗଲା ?

ବୃଦ୍ଧ ଫକୀରଙ୍କ ପାକୁଆ ପାଟିଟା ଉପର-ତଳ ହେଇ ଏମିତି ବିରାଟ ଆଁ ହେଇଗଲା ଯେ ସତେକି ଗୋଟିଏ ଚାଳିଶ ତାଲା ବିଶିଷ୍ଟ ଆପାର୍ଟମେଣ୍ଟ ତା' ଭିତରେ ପଶି ଯିବ । ସେ ଆଁ ଟାକୁ ବୁଜିବାକୁ ଅବଶ୍ୟ କିଛି ସମୟ ଲାଗିଲା । ତାପରେ ସେ ମୁରୁକେଇ ହସି କହିଲେ - ଆରେ ବାବା, ସେହି ବାଡ଼ିରେ ମୋତେ ଲୋକେ ନିତି ବାଡେଇ କହୁଛନ୍ତି ପରା - ଶଃ.......ଏଇଟାକୁ କିଏ ମହାତ୍ମା ଆଉ ଜାତିର ଜନକ ପଦବୀରେ ବିଭୂଷିତ କଲା ହେ । ଏତକ କହି ଫକିର ହସି ହସି କହିଲେ - ହଇଓ ବାବୁ,  ସେ କଣ ବର୍ତମାନର ପଦ୍ମ ପୁରସ୍କାର ବା ଭାରତରତ୍ନ ବା ଅନ୍ୟ ମର୍ଯ୍ୟାଦାଜନକ ପୁରସ୍କାର ଭଳି ଏହି ଦୁଇଟି ବିସ୍ଲେଷଣ କାହା ପାଖରୁ ହାତ ପାତି ମାଗିଥିଲେ ନା ଲବି କରିଥିଲେ ? ଲୋକେ କାହିଁକି ଏହି ଦୁଇଟି ବିଶ୍ଲେଷଣ ତାଙ୍କ ନାଁ ରେ ଯୋଡ଼ିଦେଲେ, ତାର କାରଣ ସେଇ ଲୋକମାନଙ୍କୁ ଜଣାଥିବ । ସେ ବାଡ଼ି ଆଉ ଅଛି କି, କେବେ ଠୁ ଭାଙ୍ଗି ଗଲାଣି ।

ବିବେକବାବୁ ବଡ଼ ଚିନ୍ତିତ ହେଇ ପଡିବା ଦେଖିବାରୁ ବୃଦ୍ଧ ଫକିର କହିଲେ - ଆଛା କହିଲ ତୁମେ ସେହି ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଦାସଙ୍କର ନାତି ତ ?

"ହଁ ଆଜ୍ଞା"  କହି ବିବେକବାବୁ ସିଧା ତାଙ୍କୁ ଚାହିଁଲେ । ସେ ତଥାପି ହସୁଥିଲେ । ବୃଦ୍ଧ ଫକିର ପଚାରିଲେ - ତୁମ ଜେଜେ ଗାଁ ମୁଣ୍ଡ ବଗିଚାରେ ଯେଉଁ ଗାନ୍ଧି ମୂର୍ତ୍ତି 1952 ମସିହାରେ ସ୍ଥାପନ କରିଥିଲେ , ସେହି ଗାନ୍ଧି ମୂର୍ତ୍ତି ପାଖକୁ ଇୟା ଭିତରେ କେବେ ଯାଇଛ ?

ଆଜ୍ଞା ମୁଁ ସେଠାକୁ ପନ୍ଦରବର୍ଷ  ହେଲା ଯାଇନି,ମୋତେ ସମୟ କାହିଁ, ଏବେଏବେ ତ ରିଟାୟାର୍ଡ଼ ହେଇ ଗାଁକୁ ଆସିଛି ।

ଓହୋ ତାହାଲେ ସେଠାକୁ ତୁମର ସମୟ ନାହିଁ ଯିବାକୁ । ହଉ ହେଲା । ଅବଶ୍ୟ ସେଠାକୁ ଯାଇଥିଲେ ତମେ ତାଙ୍କୁ ଏ ରୂପରେ ଆଜି ଏଠି ଦେଖି ନଥାନ୍ତ । ବୁଝିପାରୁଛ ତ ଗାନ୍ଧିଭକ୍ତ ।

ବିବେକବାବୁ କଥାଟାକୁ ବୁଝିନପାରି ଥମଥମ ସ୍ୱରରେ କହିଲେ - ସେଥିପାଇଁ କଣ ତୁମେ ସ୍ୱପ୍ନରେ ବାରମ୍ବାର ଦେଖାଯାଉଛ ?

ହଇଓ ବାବୁ ! ନିର୍ବୋଧ ଭଳି କଥା କୁହନି ! ଯିଏ ସ୍ୱପ୍ନ ଦେଖେ  ସେ କଣ ଜାଣିପାରେକି ସ୍ୱପ୍ନ ଦେଖୁଛି ବୋଲି । ଯଦି ସେ ଜାଣି-ପାରନ୍ତା, ତେବେ ତାହା ସ୍ୱପ୍ନ ନୁହେଁ ବରଂ ଜାଗ୍ରତ ଅବସ୍ଥା । ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ହେଉଛି ତ ମଣିଷର ଅସ୍ତିତ୍ୱର ତିନୋଟି ଅବସ୍ଥା ।

ତେବେ ତୁମେ ମୋର କେଉଁ ଅବସ୍ଥାର ରୂପ ?

ଏ ତିନୋଟି ଅବସ୍ଥାର ମୁଁ ଏକ ରୂପ ନୁହେଁ ବରଂ ତୁମର ଅବଚେତନାର ଗଭୀରତା ଭିତରୁ ଉହୁଁକି ଆସୁଥିବା ଏକ ସାମୟିକ ଅବସୋସ । କିନ୍ତୁ ଏହାକୁ କେବେ ବି ଅବସୋସ ଭାବ ନାହିଁ ବରଂ ଭାବ ଏହା ତୁମର ପ୍ରବୃତ୍ତିକ ବିଚାରଧାରା । ତୁମ ଭଳି ଅନେକ ଗାନ୍ଧି ବିଚାରଧାରାର ମଣିଷଙ୍କ ଭିତରେ ଗାନ୍ଧି ବଞ୍ଚିଛନ୍ତି , ସଂସାର ବି ବଂଚିଛି । ସେଥିପାଇଁ ତ ତୁମମାନଙ୍କ ନିକଟକୁ କେତେବେଳେ କେମିତି ମାନସିକ ରୂପ ଓ ଭାବନା ହେଇ ସେ ଆସନ୍ତି , ତୁମ ଭଳି ଢ଼ୋଲେଇ ପଡୁଥିବା ସତ୍ୟ ଓ ଅହିଂସା ପ୍ରେମୀ ଲୋକଙ୍କୁ ଚେତାଇ ଦେବାକୁ ।

ବିବେକବାବୁ ଚିଇଁକି ଉଠି ଆରାମ ଚେୟାରରୁ ଉଠିପଡ଼ି ଆଉ କଣ ପଚାରିବାକୁ ଉଦ୍ୟତ ହେଲା ବେଳକୁ ଦେଖିଲେ ଯେ ବୃଦ୍ଧ ଫକିର ତାଙ୍କ ଆଗରୁ ଉଭାନ ହେଇଯାଇଛନ୍ତି  ।

ସେତେବେଳକୁ ଅପରାହ୍ନ ଚାରିଟା । ମନ ଅବସୋସଶୂନ୍ୟ । ମନରେ ନାହିଁ କୌଣସି କ୍ଷୋଭ । ଖୁବ ହାଲୁକା ଅନୁଭବ କରୁଥାନ୍ତି । ଧୀରେ ଧୀରେ ଗାଁ ମୁଣ୍ଡର ବଗିଚା ଆଡକୁ ହାତରେ ବାଡ଼ିଟିଏ ଧରି ଚାଲିଲେ ।

ସେଠାରେ ପହଂଚି ଯାହା ଦେଖିଲେ ତାଙ୍କର ହଂସା ଉଡ଼ିଗଲା । କେତେ ଘଣ୍ଟା ପୂର୍ବରୁ ଯେଉଁ ଗାନ୍ଧି ଭଳି ଦେଖା ଯାଉଥିବା ବୃଦ୍ଧ ଫକିର ତାଙ୍କ ଅବଚେତନ ମଧ୍ୟରୁ ପ୍ରକଟିତ ହେଇ କଥାବାର୍ତ୍ତା କରୁଥିଲେ,ବର୍ତମାନ ଜେଜେ ବସାଇଥିବା ଗାନ୍ଧୀମୂର୍ତ୍ତିଟିର ରୂପ ତ ଅବିକଳ ସେପରି ହେଇ ଯାଇଛି । କି ବିକଳାଙ୍ଗ ରୂପ ଗାନ୍ଧିମୂର୍ତ୍ତିର ଆଜି !!!

ଧୋତି ଜାଗାରେ ପିନ୍ଧା ଯାଇଛି କୌପିନି । ଛାତି ସାରା ଲାଲ ଲାଲ ଆବୁର ଚିତ୍ର ଅଙ୍କିତ ।  ଚଷମାଶୂନ୍ୟ ଚକ୍ଷୁଦ୍ୱୟ । ବାଡ଼ି ଚାରିଖଣ୍ଡ ହେଇ ବୁଦା ପାଖରେ ପଡ଼ି ରସିଯାଇଛି । ମୁହଁରେ କୋଇଲାରେ ଲେଖା ହେଇଛି " ହିନ୍ଦୁଦ୍ରୋହୀ " ।

ବିବେକବାବୁଙ୍କ ଆଖିରେ ସେତେବେଳକୁ ଏତେ ଅଶ୍ରୁ ଏବଂ କଣ୍ଠରେ ଏତେ କୋହ ଯେ ସବୁ କିଛି ଅନ୍ଧାର ଦେଖାଗଲା । ସେ ନିଜ କାନ୍ଧରୁ ଲମ୍ବା ଅଙ୍ଗବସ୍ତ୍ରକୁ କାଢ଼ି ଗାନ୍ଧିମୂର୍ତ୍ତିକୁ ପିନ୍ଧାଇଦେଲେ ଏବଂ ନିଜର ଚଷମାକୁ ବି ତାଙ୍କ ଆଖିରେ ଲଗାଇଦେଲେ । ଛାତିରୁ ପୋଛିଦେଲେ ଲାଲ ରଙ୍ଗର ଆବୁଗୁଡିକର ଚିତ୍ର ଏବଂ ସଫା କରିଦେଲେ ମୁହଁରେ ଲିଖିତ କୋଇଲା ଅକ୍ଷରକୁ ।

ନିଜର ବାଡ଼ିଟିକୁ ଗାନ୍ଧିମୂର୍ତ୍ତି ହାତରେ ଧରାଇ ଦେଇ, ହାତଯୋଡି କାନ୍ଦିକାନ୍ଦି କହିଲେ - ହେ ମାନବାବତାର ! ଏତେଦିନ ହେଲା ଏଠାକୁ ନଆସି, ତୁମକୁ ଅଣଦେଖା କରିଥିବାରୁ କ୍ଷମା ଦିଅ ମୋତେ । ମହାନ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଦାସଙ୍କର ନାତି ହେବାକୁ ମୁଁ ସତରେ ଅଯୋଗ୍ୟ । ଧିକ ମୋର ନାତିପଣିଆକୁ । ଏବେ ବୁଝୁଛି ତୁମେ ସତରେ ସ୍ୱପ୍ନ ନୁହଁ ବରଂ ମୋ ଚେତନାର ଏକ ଦିବ୍ୟରୂପ ବା ତୁମକୁ ଭଲପାଉଥିବା ମଣିଷମାନଙ୍କଏ ଏକ ହୁଙ୍କାର । ମୋର ସାମୟିକ ଅବସୋସ ସତରେ ମିଛ କିନ୍ତୁ ତୁମେ ସତ୍ୟ । ସକଳ ମାନବ-ଜାତି ପାଇଁ ତୁମକୁ ବଂଚିବାକୁ ହେବ । ତୁମର ଅସ୍ତିତ୍ୱ ହି ସତ୍ୟ ଓ ଅହିଂସା ଯା'ବିନା ମଣିଷର ଅସ୍ତିତ୍ୱଟି ହେଇଯିବ ଅନସ୍ତିତ୍ୱ ।


କଥା ଦେଉଛି ଏଣିକି ସକାଳେ ସଂଜେ ନିତି ତୁମପାଖକୁ ଆସିବି ଏବଂ କେହି ତୁମର ରୂପକୁ ଆଉ ବିକଳାଙ୍ଗ କରିବାର ସୁଯୋଗ ପାଇବେନି ।

■■■

# ଅନ୍ତ ଭଲ ତ ସବୁ ଭଲ

## ଡା.ଘନଶ୍ୟାମ ଜୈନ





"ହଇ ହେ,ଶୁଣୁଛ?" ବେଦନା ଭରା ସ୍ୱରରେ କହିଉଠିଲେ ପ୍ରାୟ ବାଷଠି ବର୍ଷ ବୟସ୍କ ଅବସରପ୍ରାପ୍ତ ବ୍ୟାଙ୍କ ମେନେଜର ସଚିକାନ୍ତ ବାବୁ ନିଜ ପତ୍ନୀଙ୍କ ଉଦ୍ଦେଶ୍ୟରେ," ଛାତିଟା କେମିତି କେମିତି ଲାଗୁଛି ମ ! ଓଃ ,ଯନ୍ତ୍ରଣା ବି ହେଉଛି ! ନିଶ୍ୱାସ ନେବାରେ କଷ୍ଟ ହେଉଛି ! ଟିକିଏ ଶୁଣିବକି"?

ପତ୍ନୀ ମହାଶୟା କିନ୍ତୁ  ନିଜ ଝିଅଙ୍କ ସହିତ ମୋବାଇଲରେ କଥାବାର୍ତ୍ତା ହେବାରେ ଏତେ ମସଗୁଲ ଥାନ୍ତି ଯେ ପତିଦେବଙ୍କ କଥା ଜମାରୁ ତାଙ୍କ କାନରେ ପଶୁ ନ ଥାଏ ।

ପୁଅକୁ ପାଟି କଲେ। କିନ୍ତୁ ପୁଅ ମଧ୍ୟ ନିଜ ଲାପ୍ ଟପ୍ ରେ work from Home କରୁଥାଏ । କାହା ସହିତ କଲ୍ ରେ ଏତେ ବ୍ୟସ୍ତ ଥାଏ ଯେ ସେ ମଧ୍ୟ କିଛି ଶୁଣିଲାନି ।

ବୋହୂ ରାଣୀ ତାଙ୍କ ମୋବାଇଲରେ whatsapp ରେ ଏତେ ନିମଗ୍ନ ଥାନ୍ତି ଯେ ସେ ଏକ ନିଆରା ଦୁନିଆ । ତା ଉପରେ ପୁଣି କାନରେ ତାଙ୍କ ବ୍ଲୁ ଟୁଥ୍ ର ଇଅର ପିସ୍ ତାଙ୍କୁ ଆହୁରି ବଧିରା କରିଦେଇଥାଏ । ଆଉ ନାତିଟା ତା ମୋବାଇଲ ଗେମରେ ପାଗଳ ।

ଏଇମିତି କାହା ପାଖରେ ମଧ୍ୟ ବେଳ ନ ଥାଏ  ସଚିକାନ୍ତ ବାବୁଙ୍କର ଗୁହାରି ଶୁଣିବା ପାଇଁ। ବାଧ୍ୟ ହେଇ ପାହାଚ ର ରେଲିଙ୍ଗ ଧରି ସଚିକାନ୍ତ ବାବୁ ଧିରେ ଧିରେ ତଳ ମହଲାକୁ ଓହ୍ଲେଇ ଆସିଲେ। ପାଖରେ ପାର୍କିଙ୍ଗ୍ କରା ହେଇଥିବା ସ୍କୁଟିଟାକୁ ଅଟୋଷ୍ଟାର୍ଟ କରିବାକୁ ଚେଷ୍ଟା କଲେ। ଦୁଇ ତିନିଥର ଚେଷ୍ଟା କଲା ପରେ ମଧ୍ୟ ଯେତେବେଳେ ତାହା ଷ୍ଟାର୍ଟ ହେଲାନି ବୋଧହୁଏ କିଛି ଦିନ ହେଲା ସ୍କୁଟି ଚାଲି ନଥିବାରୁ ତାର ବେଟେରୀ ଡାଉନ ହେଇଯାଇଥିଲା। ସେ ବଡ଼ କଷ୍ଟରେ ଗୋଟିଏ ହାତରେ ଛାତିର ଯନ୍ତ୍ରଣାକୁ ଚାପିଧରି କିକ୍ ମାରିବା ଆରମ୍ଭ କରିଦେଲେ। ଝାଳନାଳ ହେଇ ଆହୁରି ଅଣନିଶ୍ୱାସୀ ହେଇ ପଡୁଥାନ୍ତି ସଚିକାନ୍ତ ବାବୁ। ଛାତିର ଯନ୍ତ୍ରଣା ମଧ୍ୟ ବେଳୁଁ ବେଳ ବଢିବାରେ ଲାଗିଥାଏ।

ଏଇ ସବୁ ଦୃଶ୍ୟ ଉପରେ ନଜର ପଡ଼ିଗଲା ତାଙ୍କର ପୁରୁଣା ଅନୁଗତ ଚାକର ଲଖିଆ ଆଖିରେ। ଯିଏ କି ଏଇ କିଛି ମିନିଟ ପୂର୍ବରୁ ସେଇଠି ପହଞ୍ଚି ପାର୍କିଙ୍ଗରେ ନିଜ ସାଇକେଲ ରଖୁଥାଏ । କିଛି ଗୋଟିଏ ଅଶୁଭ ଲକ୍ଷଣର ସୂଚନା ପାଇ ସେ ତତ୍‌କ୍ଷଣାତ୍ ଦୌଡ଼ି ଗଲା ସଚିକାନ୍ତ ବାବୁଙ୍କ ପାଖକୁ। କହିଲା,"କଣ ହେଲା ସାର୍, ଆପଣ ଏତେ ଝାଳନାଳ ଆଉ ଅଣନିଶ୍ୱାସୀ ହେଇଯାଇଛନ୍ତି। ସବୁ ଠିକ୍ ଅଛି ତ"?

"ନାଇଁରେ ବାବା, କିଛି ଠିକ୍ ନାହିଁ। ଛାତିରେ ହଠାତ୍ ଯନ୍ତ୍ରଣା ହେଲା। ଭାବିଲି,ହସିପିଟାଲଯାଇ ଟିକିଏ ଚେକ୍ ଅପ୍ କରେଇ ଆସିବି। ହେଲେ ଏ ସ୍କୁଟି ଟା କଣ ଷ୍ଟାର୍ଟ ହେଉଛି"?,ଭୟ ମିଶ୍ରିତ କଣ୍ଠରେ ଧଇଁସଇଁ ହେଇ କହିଗଲେ ସଚିକାନ୍ତ ବାବୁ। ଚାକର ବିଚରା ଘଟଣାର ମହତ୍ତ୍ୱ ବୁଝି ପାରି ସାଙ୍ଗେସାଙ୍ଗେ ଟିକିଏ ଆନ୍ତରିକତା ସାଙ୍ଗକୁ ରାଗ ମିଶା ସ୍ୱରରେ କହିଉଠିଲା।,"କଣ ବାବୁ, ଆପଣ ଜଣେ ଶିକ୍ଷିତ ଲୋକ । ଘରେ ଏତେ ଲୋକ ଅଛନ୍ତି।ଆପଣଙ୍କ ବୋଧହୁଏ ହାର୍ଟ ପ୍ରୋବ୍ଲେମ ହେଇଛି। ଏଇମିତିରେ ଆପଣ ଜମାରୁ କିକ୍ ମାରିବା କଥା ନୁହେଁ। ଦିଅନ୍ତୁ, ମୋତେ ଦିଅନ୍ତୁ । ମୁଁ ଆପଣଙ୍କୁ ହସ୍‌ପିଟାଲ ନେଇଯିବି" । ଏ'ୟା କହି ସ୍କୁଟି ସ୍ଟାର୍ଟ କରି ବସିପଡ଼ିଲା ଆଗ ସିଟରେ ଏବଂ ସଚିକାନ୍ତ ବାବୁଙ୍କୁ ପଛ ସିଟରେ ବସିବା ପାଇଁ ନିଜର ଅଧିକାର

ସାବ୍ୟସ୍ତ ଭାବ ଦେଖେଇ ଆଦେଶ କଲା । ଆଶ୍ଚର୍ଯ୍ୟ ହେଇ ତା' ଆଡ଼କୁ ଅନାଉ ଥାନ୍ତି ସଚିକନ୍ତ ବାବୁ । ତାଙ୍କର ମନର ଭାବ ବୁଝିପାରି ଲଖିଆ କହି ଉଠିଲା,"ଜମାରୁ ଚିନ୍ତା କରନ୍ତୁନି ବାବୁ। ଆପଣ ମୋତେ କେବେ ସ୍କୁଟି ଚଲେଇବାର ନ ଦେଖିଥିଲେ ବି ମୁଁ ଚଲେଇ ଜାଣିଛି। ମୋ ପାଖରେ ଡି.ଏଲ ମଧ୍ୟ ଅଛି। ଆପଣ ଜମାରୁ ଚିନ୍ତା କରନ୍ତୁ ନି । ମୁଁ ଆପଣଙ୍କୁ ଆରାମରେ ହସ୍‌ପିଟାଲ ପହଞ୍ଚେଇ ଦେବି" ।

"ହେଲେ ତୋ କାମ"?,ପ୍ରଶ୍ନ  କଲେ ବାବୁ ।

"ଥାଉ ବାବୁ, କାମଟା ବଡ଼ କଥା ନୁହେଁ। ଆପଣଙ୍କ ଜୀବନଟା ଆଗ ମୂଲ୍ୟବାନ । ମୋ'ର ଅତି ବେଶୀ ହେଲେ ଦିନ କର ଦରମା ବନ୍ଦ କରି ଦେବେ । ଆଉ କଣ? ଆପଣ ଆଉ ବେଶି କଥାବାର୍ତ୍ତା ନ କରି ଶୀଘ୍ର ବସନ୍ତୁ " ।

ସ୍କୁଟି ଚାଲିଲା ଦୃତ ଗତିରେ ହସପିଟାଲ ଆଡ଼କୁ । ସିଧା ଯାଇ ସେ ଏମାର୍ଜେନ୍ସି ଗେଟ ପାଖରେ ସ୍କୁଟି ଠିଆ କରି ଦୌଡି ଯାଇ ହୁଇଲ୍ ଚେୟାର ନେଇ ଆସି ସଚିକାନ୍ତ ବାବୁଙ୍କ ବାରଣ ସତ୍ତ୍ୱେ ତାଙ୍କୁ ବସେଇ ଦେଇ କହୁଥାଏ," ବାବୁ, ଏଇ ଅବସ୍ଥାରେ ମୋଟେରୁ ଚାଲିବା କଥା ନୁହେଁ" । ସିଧା ନେଇ କର୍ତ୍ତବ୍ୟରତ ଡାକ୍ତରଙ୍କୁ କହିଲା,"ସାର୍, ୟା'ଙ୍କର ବୋଧ ହୁଏ ହାର୍ଟ ଏଟେକ ହେଇଛି । ଦୟାକରି ଶିଘ୍ର କିଛି ବ୍ୟବସ୍ଥା କରନ୍ତୁ" ।

ଡାକ୍ତର ବାବୁ ସାଙ୍ଗେସାଙ୍ଗେ ତାଙ୍କୁ କିଛି ଏମାର୍ଜେନ୍ସି ଇଞ୍ଜେକ୍ସନ ଏବଂ ଜିଭ ତଳେ ବଟିକା ଟିଏ ଦେଇ ସାଲାଇନ୍ ଆରମ୍ଭ କରି ଇ.ସି.ଜି. ଏବଂ ବ୍ଲଡ୍ ଟେଷ୍ଟ ପରି କେତେକ ଆନୁସଙ୍ଗିକ ପରୀକ୍ଷା କରେଇ ନେଇ କାର୍ଡିଓଲୋଜିଷ୍ଟ କଲ୍ ଦେଲେ ।

ହୃଦ୍ ରୋଗ ବିଶେଷଜ୍ଞ ଆସି ପରୀକ୍ଷା କରି କହିଲେ,"ୟା'ଙ୍କର ଇମିଡିଏଟ ଏଞ୍ଜିଓଗ୍ରାଫି ସାଙ୍ଗକୁ ଦରକାର ପଡ଼ିଲେ ବାଇ ପାସ ସର୍ଜରି କରିବାକୁ ପଡିବ। କିଏ ସାଙ୍ଗରେ ଆସିଛନ୍ତି "?

ଲଖିଆ ବିଚରା ଆଗକୁ ଆସି କହିଲା,"ସାର୍, ମୁଁ ଆସିଛି। କୁହନ୍ତୁ, କଣ କରିବାକୁ ହେବ"।

"ଆପଣଙ୍କୁ ଦୁଇଟା କାମ କରିବାକୁ ହେବ। ପ୍ରଥମ- ତାଙ୍କ ନିଜ ଆତ୍ମିୟ ସ୍ୱଜନଙ୍କୁ ରିସ୍କ ବଣ୍ଡରେ କନ୍‌ସେଣ୍ଟ ସିଗନେଚ଼ର ଦେବାକୁ ହେବ ଏବଂ ଦ୍ୱିତୀୟ-ଅନ୍ତତଃ ଲକ୍ଷେ ଟଙ୍କା ଅଗ୍ରୀମ ଜମା କରିବାକୁ ହେବ" ।

"ହଉ ସାର୍, ମୁଁ ଦସ୍ତଖତ କରିଦେଉଛି । ଆଉ ପଇସାର ମଧ୍ୟ ବନ୍ଦୋବସ୍ତ କରୁଛୁ। ଆପଣ ଚିନ୍ତା କରନ୍ତୁ ନି ",କହି ଉଠିଲା ଲଖିଆ ।

"ତମେ କିଏ? ରୋଗୀଙ୍କ ସହ ତମର କି ସମ୍ପର୍କ"?, ପଚାରିଲେ ଡାକ୍ତରବାବୁ ।

କିଂ କର୍ତ୍ତବ୍ୟ ବିମୁଢ ଲଖିଆ ଏତିକିବେଳେ କଣ କହିବ, କଣ ନ କହିବ, ଏଇମିତି ଏକ ଅଖାଡୁଆ ପରିସ୍ଥିତିର ମୁକାବିଲା କରିବା ପୂର୍ବରୁ ସଚିକାନ୍ତ ବାବୁ କହି ଉଠିଲେ," ଚିନ୍ତା କରନ୍ତୁ ନି ଡାକ୍ତରବାବୁ, ସେ ମୋ ପୁଅ ପରି । ମୁଁ ମଧ୍ୟ ତା ଦସ୍ତଖତକୁ ଅଟେଷ୍ଟେଡ୍ କରି ଲେଖିଦେବି ଯେ, ଏ ପ୍ରକାର ଅପରେସନ ପାଇଁ ମୁଁ ରାଜି ଅଛି ଏବଂ ଏଥିରେ କିଛି ଅସୁବିଧା ହେଲେ କୌଣସି ପ୍ରକାରେ ଲଖିଆ କିମ୍ବା ହସପିଟାଲର କୌଣସି କର୍ମଚାରୀ ଦାୟୀ ହେବେ ନାହିଁ। ଆଉ ପଇସା କଥା? ମୋ ସ୍କୁଟିରେ ଚେକ୍ ବୁକ୍ ଅଛି। ମୁଁ ଅଗ୍ରୀମ ଏକ ଲକ୍ଷ ଟଙ୍କାର ଚେକ୍ ଦେଇ ଦେଉଛି । ଆପଣ ଯାହା କରିବା କଥା, ଆପଣଙ୍କ କର୍ତ୍ତବ୍ୟ କରନ୍ତୁ"।

ଅପରେସନ୍‌ର ତିନିଦିନ ପରେ। ରୋଗୀକୁ ତାଙ୍କ ପ୍ରାଇଭେଟ ବେଡ଼କୁ ସ୍ଥାନାନ୍ତରିତ କରାହେଇ ସାରିଥାଏ। ଯଦିଓ ଖୁବ ଦୁର୍ବଳ ଅନୁଭବ କରୁଥାନ୍ତି, ତଥାପି ଆଗ ଅପେକ୍ଷା ବେଶ୍ ଭଲ ଲାଗୁଥାଏ । ରାତିରେ ଭଲ ନିଦ ମଧ୍ୟ ହେଇଥାଏ । ସକାଳେ ଆଖି ଖୋଲି ଦେଖିଲେ, ସାମନାରେ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ଦେବୀ। ସେ ସାଙ୍ଗେ ସାଙ୍ଗେ ଆଖି ବନ୍ଦକରି ଏକ ପ୍ରକାର ତିରସ୍କାର କଲାପରି ବ୍ୟବହାର କଲେ। ପତ୍ନୀ କିନ୍ତୁ କିଛି କହିପାରୁ ନ ଥାନ୍ତି। ନିଜ ତୃଟିର ଆତ୍ମଗ୍ଲାନି ସମସ୍ତଙ୍କୁ ଘାରୁଥାଏ । ପୁଅ ସୁଶାନ୍ତ ମଧ୍ୟ ଆସି ଯେତେବେଳେ ପାଦ ଛୁଇଁ ପ୍ରଣାମ କରିବାକୁ ଚେଷ୍ଟାକଲା,ସେ ଗୋଡ ଟାକୁ ଘୃଣାଭାବ ପ୍ରଦର୍ଶନ ପୂର୍ବକ ଟାଣି ନେଲେ ଉପରକୁ । ପୁଅ ଯେତେବେଳେ ପଚାରିଲା," ବାପା, କେମିତି ଲାଗୁଛି"?

ବାପାଙ୍କ ଉତ୍ତର ଥିଲା," ଲଖିଆ, ମୋ ପୁଅ କାହିଁ? ଦେଖା ଯାଉନି ତ"?

ସୁଶାନ୍ତକୁ ଲାଗିଲା , ସତେ ଯେମିତି ଏକ ଶକ୍ତ ଚାପୁଡ଼ା ତା ଗାଲରେ ପଡ଼ିଛି। କିନ୍ତୁ କହିବ କଣ? ଭୁଲ ତ କରିଛି। ପଶ୍ଚାତାପର ବହ୍ନି ଯଦିଓ ତା ହୃଦୟରେ ଜଳୁଥାଏ, କିନ୍ତୁ ସେତେବେଳେ ଲେଡ଼ି ଗୁଡ଼ କହୁଣିକୁ ବୋହି ସାରିଥାଏ। ବାଧହୋଇ କହିଲା," ସେ ଆଜି ଖବର ପାଇ ସକାଳୁ ହିଁ ଛୁଟି ନେଇ ତା ଗାଁକୁ ଗଲା।କୁଆଡ଼େ ତା ବାପାଙ୍କ ଦେହ ଭାରି ଅସୁସ୍ଥ " ।

ବାପା କହିଲେ,"ଫୋନ କରି ବୁଝ,କଣ ହେଇଛି ତା ବାପାଙ୍କର। ଆଉ ଯଦି ସେ ସିରିଅସ୍ ଅଛି, ସାଙ୍ଗେ ସାଙ୍ଗେ ତାଙ୍କୁ ଆଣି ଏଇଠି ଭର୍ତ୍ତି କରିବାର ବ୍ୟବସ୍ଥା କର"।

ପୁଅ, ମା ଏଇ ସବୁ ଶୁଣି ଇତଃସ୍ତତଃ ହେଇ ଦୁହେଁ ଦୁହିଁଙ୍କି ଚାହୁଁଥାନ୍ତି ଏବଂ ଏଇ ପ୍ରକାର ଆଦେଶକୁ ମାନିବାର ଅନିଚ୍ଛା ଭାବ ସେମାନଙ୍କ ମୁଖମଣ୍ଡଳରେ ବେଶ୍ ପ୍ରକାଶିତ ହେଇ ଉଠୁଥାଏ । ବାପା ତାଙ୍କ ମନର ଭାବକୁ ଠିକ୍ ବୁଝିପାରି ଆଉ ଟିକିଏ କଡ଼ା ଭାଷାରେ କହିଲେ," ତୁମେ ଯିବ ନା ମୁଁ ହସପିଟାଲ ଆମ୍ବୁଲେନ୍ସ ର ବ୍ୟବସ୍ଥା କରି ତାଙ୍କୁ ଏଇଠି ଅଣେଇବି ? ଆଉ ଶୁଣ, ଯାହା ଖର୍ଚ୍ଚ ହେବ, ସେଇଥିପାଇଁ ତୁମକୁ ଚିନ୍ତା କରିବା ଦରକାର ନାହିଁ। ମୋର EPF ରେ ଯଥେଷ୍ଟ ବେଲେନ୍ସ ଅଛି"। ତୁମମାନଙ୍କୁ କୌଣସି ଆର୍ଥିକ ବୋଝ ପଡିବ ନାହିଁ। ଋଣ ଶୁଝିବାର ବେଳ ଆସି ଯାଇଛି। ଶୀଘ୍ର କର"।

"ହଁ ବାପା, ଆପଣ ଠିକ୍ କହୁଛନ୍ତି। ଆପଣଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳନ ହେବ । ଆପଣ ଆଶ୍ୱସ୍ତ ରୁହନ୍ତୁ। ଯେଉଁ ଭୁଲଟା ଥରେ ହେଇଯାଇଛି, ଆଉ ଥରେ ହେବ ନି ବାପା। ଆମକୁ ଆପଣ କ୍ଷମା କରିଦିଅନ୍ତୁ । ମୁଁ ସାଙ୍ଗେ ସାଙ୍ଗେ ଯାଉଛି , ଆମ୍ବୁଲାନ୍ସ ନେଇ ସେମାନଙ୍କୁ ନେଇ ଆସିବି" ।

ଆତ୍ମତୃପ୍ତିର ଦିର୍ଘ ନିଶ୍ୱାସଟିଏ ପକେଇ ସଚିକାନ୍ତ ବାବୁ ଯୋଡହସ୍ତରେ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ନିଜ କୃତଜ୍ଞତାର ଭାବ ପ୍ରକଟ କରୁଥାନ୍ତି। ଗୋଡ଼ ପାଖରେ ବସି ପତ୍ନୀ ତାଙ୍କ ପାଦ ଆଉଁସି ଦେଉଥାନ୍ତି। କେତେବେଳେ ଯେ ଶ୍ରଦ୍ଧାର ଦୁଇ ବୁନ୍ଦା ଅଶ୍ରୁ ତାଙ୍କ ଆଖିରୁ ଖସି ଆସି ସଚିକାନ୍ତ ବାବୁଙ୍କ ପଦ ଧୌତ କରୁଥିଲା, ସେ ବି ଜାଣି ପାରିଲେ ନି ।ପତ୍ନିଙ୍କ ପିଠିକୁ ନିଜ କୋମଳ ହସ୍ତରେ ଆଉଁସି ଦେଉଥାନ୍ତି ସଚିକାନ୍ତ ବାବୁ, ଆଉ ହସି ହସି କହୁଥାନ୍ତି," ବୁଝିଲ ସାବିତ୍ରୀ, Everything is well,that ends well". ଅନ୍ତ ଭଲ ତ ସବୁ ଭଲ" ।

■■■ ସ୍ତ୍ରୀ ରୋଗ ବିଶେଷଜ୍ଞ, ଟିଟିଲାଗଡ଼



# ମୁଛ୍ ନେହିଁ ତୋ କୁଛ୍ ନେହିଁ

ଛନ୍ଦା ମିଶ୍ର





କୋଇଲି କୁ ମଧୁର ସ୍ୱରେ, କାଉ କୁ କର୍କଶ, ସିଂହ କୁ କେଶର, ମହାବଳ କୁ ଠାଣି, ମୟୂର କୁ ପୁଛ ଓ ମଣିଷ କୁ ମୁଛ, ଈଶ୍ୱର କାଳେ ବିପରୀତ ଲିଙ୍ଗ କୁ ଆକର୍ଷିତ କରିବା ପାଇଁ ଦେଇଛନ୍ତି । ତେଣୁ କିଶୋରାବସ୍ଥା ଦେହ କୁ ଛୁଇଁଲେ ନାକ ତଳେ, ଛୋଟ କଳା ପିମ୍ପୁଡ଼ି ପରି ଧାଡିଏ ରୁମ ଗଜୁରିବା ସହ ମନ ଭିତରେ ପ୍ରଜାପତି ମାନେ ଉଡି ବୁଲନ୍ତି। ଖୁବ୍ ଚଞ୍ଚଳ ଚଞ୍ଚଳ ସେଇ ରୁମ ଧାଡ଼ି କ ଗହଳ ହୋଇ ପୁରୁଷ ପିଲା ଭିତରେ ମର୍ଦାଙ୍ଗୀ ର ଅଭିମାନ ସୃଷ୍ଟି କରନ୍ତି। ସେଇ ନିଶ ହଳକ ହୋଇ ଯାଏ ପୁରୁଷ ପିଲା ର ଇଜ୍ଜତ୍। କଥା କଥା କେ ସେ ନିଜ ନିଶ ର ବାଜି ଲଗାଏ। କହେ, ଏପରି ନକରି ପାରିଲେ ମୋ ନିଶ କାଟି ଦେବି। ଆଉ ଯୋଉ ଲୋକ କୁ ଅପମାନ ଦେବାର ଥାଏ, ଲୋକେ ତାର ହଳେ ନିଶ କାଟି ଗାଁ ଦାଣ୍ଡ ରେ ବୁଲାନ୍ତି। ହେଲେ ଯେଉଁ ଲୋକ ର ନିଶ ଉଠିବାକୁ ଡେରି ହୁଏ ବା ସେତେ ଘଞ୍ଚ ହୁଏନା, ତାର ଦୁଃଖ କହିଲେ ନସରେ। ନଡ଼ିଆ ତେଲ ଠାରୁ ନେଇ ଘିଅ ପର୍ଯ୍ୟନ୍ତ, ଡାକ୍ତର ଙ୍କ ଠାରୁ ନେଇ ବଇଦ ଯାକେ ଅନେକ ଉପଚାର କରି ବାକୁ ସେ ହୋଇ ଯାଏ ତୟାର। ସାଙ୍ଗ ସାଥି ଙ୍କ ଟାହି ଟାପରା ବି ତାକୁ ସହି ବାକୁ ପଡେ। ଟିକେ ଟିକେ କଥା ରେ ସେମାନେ ତାକୁ, ଅଣପୁରୁଷା କହି ଚିଡାନ୍ତି।

ଏଇ କିଛିଦିନ ତଳେ ଯେତେବେଳେ ଉଇଙ୍ଗ କମାଣ୍ଡର ଅଭିନନ୍ଦନ, ପାକିସ୍ତାନ ସେନା ର ପିଛା କରି ପାକିସ୍ତାନ ଯାଇ ପୁଣି ଜୀବନ ଧରି ଫେରି ଆସିଲେ, ଗାଁ ଠାରୁ ନେଇ ସହର ଯାଏ ତାଙ୍କରି ଚର୍ଚ୍ଚା ଚାଲିଲା। ନାକ ତଳେ ତାଙ୍କର ଥିଲା ହଳେ ଦେଖିଲା ଭଳି ନିଶ। ତାକୁ ଦେଖି ଆମ ଗାଁ ବନମାଳୀଆ ହେଲା ବାଇଆ। ଧଡ଼ିଆ ଚାରି ଫୁଟିଆ, ପନ୍ଦର ଦିନ ଘରେ ରହି ଯେତେବେଳେ ପଦା କୁ ଗୋଡ କାଢିଲା, ଅଭିନନ୍ଦନ ମାଫିକ ନିଶ ହଳେ ତା ମୁହଁ ରେ ଦେଖି ସମସ୍ତେ ହେଲେ ତାଜୁବ୍। ଗାଁ ର କୁକୁର ପଲ ଭୁକିବା ଆରମ୍ଭ କଲେ ଯିଏ ସ୍ତ୍ରୀ ର ଶାଢ଼ି କାନି ରେ ମୁହଁ ଲୁଚାଉ ଥିଲା, ସେ ପୁଣି ସ୍ତ୍ରୀ ଉପରେ ରାଗି କରି ତାକୁ ବାପ ଘର ବିଦା କରି ଦେଇଚି ଶୁଣି ଆମେ ଯେତକ ଗ୍ରାମବାସୀ ହେଲୁ ତାଜୁବ୍। ବନମାଳୀ ର ବୋଉ, ଗାଁ ସାରା ଟାର ଖୁଡୀ। ପଚାରିଲି, "ଆଲୋ ଖୁଡୀ, ଏ ବନମାଳୀଆ ଟା, ତା କନିଆ କୁ କିଆଁ ବିଦା କଲା?" "ଆରେ ପୁଅ ତୁ ବୁଝୁନୁ, ଯେତେ ଯା ହେଲେ ମରଦ ପୁଅ, ତାର ପୁଣି ଗୋଟା ସମ୍ମାନ ଅଛି ନା ନାହିଁ.. ସେ କହି ଦେଇ ଗଲା, ମୋ ପେଇଁ ଆଳୁ ଭାଜିବୁ, ଆସିଲା ବେଳ କୁ ଥୁଆ ହୋଇଛି ଆଳୁ ସିଝା। ରାଗିବ କି ନାଇଁ କହିଲୁ ବାପ.. ଆରେ ବନା କୁ କଣ ଦେଖୁଛୁ ତୋ ଦାଦି ଥିଲା ଆହୁରି ରାଗି, ତା କଥା ରୁ ଅନ୍ୟଥା ହେଲେ ଘରେ ନିଆଁ ଲଗାଇ ଦେବ ପରା, ତୁ ଯାହା କହ ପୁଅ, ମରଦ ପିଲା ର ମୁଛ ଆଉ ସିଂହ ଛୁଆ ର ପୁଛ, ତାକୁ ହଲେଇ ଦେଇ କେହି କଣ ବର୍ତିଲାଣି! "

ଖୁଡୀ କଥା ଶୁଣି ଆମେ ସିନା ଚୁପ୍ ରହିଲୁ ହେଲେ ଆମେ ଜାଣୁ ବନମାଳୀଆ ର ଔକାତ୍ କେତେ, ଧ.. କହିଲେ ଧାଇଁବା ପିଲା ସିଏ.. ଅବଶ୍ୟ ଅଭିନନ୍ଦନିଆ ନିଶ ରଖିବା ପରେ ଏପରି ପରିବର୍ତ୍ତନ ସମ୍ଭବ ବୋଲି, ଆମ ଗାଁ ର ଏକ ମାତ୍ର ବିଦେଶ ଫେରନ୍ତା ସୁରେଶ ଭାଇ ର ମତ। ଆଉ ତା ମତ କୁ କାଟି ଦେବ ଏମିତି ବାପ୍ କା ବେଟା କେହି ଦୁନିଆ ରେ ନାହାନ୍ତି। ଢାକା ରେ ତା ବାପା ପାଖରେ ସେ ଚାରି ବର୍ଷ ରହି ଫେରିଛି ଟି... ।ତାର ବି ହଳେ ତୋରାଣି ଛଣା ନିଶ ଅଛି ପରା..

ଆପଣ ଆଜ୍ଞା ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ନିଶ ର ପୁଣି ପ୍ରକାର ଭେଦ ଅଛି। ହିଟଲର, ଆଉ ଚାର୍ଲି ଚାପ୍ଲିନ ରଖିଥିଲେ ପ୍ରଜାପତିଆ ନିଶ। କାହାର ଦାନ୍ତ ଘସା ବ୍ରସ ତ କାହାର ସାଇକେଲ୍ ର ହ୍ୟାଣ୍ଡେଲ ପରି, ଆଉ କାହାର ପୁଣି ବାଘୁଆ ନିଶ । ନିଶ ଯେମିତିକା ହୋଇ ଥିଲେ ବି ତାକୁ ରଖିଥିବା ବ୍ୟକ୍ତି ପାଇଁ ତାହା ଗର୍ବ ର ବିଷୟ ହୋଇ ଥିଲା ବେଳେ,

କିନ୍ତୁ ନିଶ କୁ ଯେ ସମସ୍ତେ ପସନ୍ଦ କରିବେ ଏପରି କିଛି ମାନେ ନାହିଁ। ନିଜକୁ ଯୁବ ସୁଲଭ ଦେଖାଇବା ପାଇଁ ଅନେକେ ନିଜ ନିଶ ଚାଞ୍ଛି ପକାନ୍ତି। ବିଶେଷ କରି ସିନେମା ରେ ପ୍ରେମିକ ର ଅଭିନୟ କରୁଥିବା ଅଭିନେତା ମାନେ ନିଶ କାଟି ଚକୋଲେଟ୍ ହିରୋ ହୋଇ ଯାଆନ୍ତି।

ତେବେ ରାଜସ୍ଥାନ ଯାଇଥିଲା ବେଳେ ସେଠି ସବୁ ଲୋକ ଙ୍କୁ, ପାଟି ପାଖରୁ ମୋଡ଼ି ହୋଇ ନିଶ ଟି ଉପର କୁ ଉଠି ଥିବାର ଦେଖି ଏପରି ନିଶ ର କାରଣ ପଚାରିଲାରୁ, ଉତ୍ତର ମିଳିଥିଲା ଯେ, "ଆମେ ରାଜପୁତ, ଆମ ନିଶ ହେଲା ଆମର ସ୍ୱାଭିମାନ, ତାହା ସବୁବେଳେ ଉପର କୁ ହୋଇ ରହିବ"। ଆଉ ଆପଣ ଜାଣନ୍ତି, ପୃଥିବୀ ର ସବୁଠାରୁ ଲମ୍ବା ନିଶ ବି ରାଜସ୍ଥାନ, ଜୟପୁର ର ବାସିନ୍ଦା, ରାମ ସିଂ ଚୌହାନ ଙ୍କର। ପୁରା ଚଉଦ ଫୁଟ ଲମ୍ବା ସେ ନିଶ ତାଙ୍କର ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମାତ୍ର ଆଚମ୍ବିତ ହେଲି ସେତେବେଳେ, ଯେତେବେଳେ ସେଇ ରାଜସ୍ଥାନ ର ପାଲି ଜିଲ୍ଲା ର କଥା ଶୁଣିଲି। ସେଠାକାର କୁମାବତ ନାମକ ସମ୍ପ୍ରଦାୟ ରେ ଗୋଟିଏ ଅଦ୍ଭୁତ ନିୟମ ଅନୁଯାୟୀ ବିବାହ କରିବାକୁ ଇଚ୍ଛୁକ ବରପାତ୍ର ଟି ମୁହଁ ଟିକୁ ସମ୍ପୂର୍ଣ୍ଣ ଚିକ୍କଣ କରିବା ଆବଶ୍ୟକ। ଏବଂ ଏହି କଥା କୁ ସେହି ଜିଲ୍ଲା ର ଉଣେଇଶ ଟି ଗ୍ରାମ ରେ କଡାକଡି ଭାବେ ପାଳନ କରାଯାଏ। ହେଲେ ଗୁଜୁରାଟ ରେ ଚବିଶ ବର୍ଷୀୟ ଦଳିତ ଯୁବକ କୁ ରାଜପୁତ ମାନେ ଲହୁଲୁହାଣ କରି ପକାଇ ଥିଲେ କେବଳ ଧାଡିଏ ସୁଦୃଶ୍ୟ ନିଶ ରଖିବା ଯୋଗୁଁ। ଆଉ ତେଲେଙ୍ଗାନା ର ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ର ଶେଖର ରାଓ ଷାଠିଏ ହଜାର ଟଙ୍କା ର ଗୋଟିଏ ଖାଣ୍ଟି ସୁବର୍ଣ୍ଣର ନିଶ ଦାନ କରିଥିଲେ କୁରଭି ବୀରଭଦ୍ର ସ୍ୱାମୀ ମନ୍ଦିର କୁ। ଅବଶ୍ୟ ପୂଜ୍ଯ ଗୋଦାବରୀଶ ମିଶ୍ର ଙ୍କ ନିଶ ବିପ୍ଲବ ବିଷୟ ରେ ବା କିଏ ନଜାଣେ!! ନିଶ ରଖି ତତ୍କାଳୀନ ବ୍ରାହ୍ମଣ ସମାଜ ର ରୋଷ ର ଶିକାର ହେବାକୁ ପଡ଼ିଥିଲା ପରା।

ତେବେ ମାନସିକ କରି ଲୋକେ ନିଶ ଦାଢି ଛାଡି ଦିଅନ୍ତି ଶୁଣି ଥିଲି, କିନ୍ତୁ ମାନସିକ କରି ଅଧା ନିଶ ଅଧା ଦାଢି କାଟି ପକାଇବା ଶୁଣିଲି ଏଇ ପ୍ରଥମ। ଦକ୍ଷୀଣ ଅଫ୍ରିକାର କ୍ରିକେଟ ତାରକା ଜାକ୍ କାଲିସ୍, ଗଣ୍ଡା ମାନଙ୍କ ସୁରକ୍ଷା ଓ ଗଲ୍ଫ ର ବିକାଶ ପାଇଁ ଏପରି କରିଛନ୍ତି ବୋଲି କୁହନ୍ତି। ଚଉରାଳିଶ ବର୍ଷୀୟ ଜାକ୍ କାଲିସ୍, ସେଭ ଦି ରାଇନୋ ନାମକ ଚାଲେଞ୍ଜ୍ କୁ ଗ୍ରହଣ କରି ଏପରି କରି ଛନ୍ତି ଓ ଗଣ୍ଡା ମାନଙ୍କ ପାଇଁ ପାଣ୍ଠି ଯୋଗାଡ ରେ ମଧ୍ଯ ଲାଗିଛନ୍ତି। ତାଙ୍କର ଏହି ଅଭିଯାନ ସଫଳ ହେଉ ଓ ସେ ପୁଣି ପୁରା ନିଶ ଦାଢି ରଖିବାର ସୌଭାଗ୍ୟ ଅର୍ଜନ କରନ୍ତୁ ବୋଲି ଆମେ ପ୍ରାର୍ଥନା କରିବା।
ଏମିତି ତ ନିଶ କଥା କହୁଥିଲେ ସରିବନି।ତେବେ ମଜା ର କଥା ହେଉଛି ଗହଳ ନିଶ ହଳେ ଥିବା ପୁରୁଷ ଙ୍କୁ ଅଧିକ ପରିପକ୍ୱ ଓ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଭାବେ ମହିଳା ମାନେ ଗ୍ରହଣ କରନ୍ତି ବୋଲି ବିଶେଷଜ୍ଞ ମାନଙ୍କ ମତ। ହେଲେ ନିଶ ରଖିଥିବା, ନିଶ କୁ ଭଲ ପାଉଥିବା, ନିଶ ର ପ୍ରେମ ରେ ପାଗଳ ହୋଇ ଥିବା, ନିଶ କୁ ନିଜ ଜୀବନ ର ଅମୂଲ୍ୟ ରତ୍ନ ମନେ କରୁଥିବା ଲୋକ ଙ୍କ ପାଇଁ, ମୁଣ୍ଡ ପଛେ ଚନ୍ଦା ହୋଇ ଯାଉ କିନ୍ତୁ ମୁଛ୍ ନେହିଁ ତୋ କୁଛ୍ ନେହିଁ ।

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦



# ଶବ୍ଦବହ୍ମ ମନ୍ତ୍ର ଏକ ବିଜ୍ଞାନ



ମୀନୁ ହୋତା

"ଅନାଦି ନିଧନ ବ୍ରହ୍ମ ,ଶବ୍ଦ ତତ୍ତ୍ୱର ଯଦକ୍ଷର
ବିବର୍ତ୍ତନ ତୀର୍ଥ ଭାବେନ ପ୍ରକ୍ରିୟା ଜଗତୋ ଯତଃ "(ବାକ୍ୟ ପ୍ରଦୀପ)



ଭର୍ତ୍ତୃହରି ଙ୍କ ଏହି ଶ୍ଳୋକ ଅର୍ଥ ହେଉଛି -
ଶବ୍ଦ ତତ୍ତ୍ୱ ଅନାଦି ଅନନ୍ତ ଅକ୍ଷର ବ୍ରହ୍ମ ଅଟେ।ଏହାର ଅର୍ଥ ଓ ଭାବରୁ ସମଗ୍ର ସୃଷ୍ଟିର ବିବର୍ତ୍ତନ ଘଟିଛି।

ସମୁଦ୍ର ର ଗୁରୁ ଗମ୍ଭୀର ଗର୍ଜନ,ସ୍ରୋତସ୍ୱିନୀ ନଦୀ ର କଳକଳ ନିନାଦ,ଝରଣାର ଝରଝର ସଂଗୀତ,ପକ୍ଷୀ ମାନଙ୍କର କାକଳି ଏମିତି ଅଗଣିତ ପ୍ରାକୃତିକ ଓ କୃତ୍ରିମ ଶବ୍ଦ କୋଳାହଳରେ ଏ ସୃଷ୍ଟି ମୁଖରିତ।ବିଜ୍ଞାନ ମତରେ ବିଦ୍ୟୁତ,ବାୟୁ,ବାଷ୍ପ,ଜଳ,ନାଭିକ ପରି ଶବ୍ଦ ଏକ ଶକ୍ତି ର ଉତ୍ସ।ଏହି ଶବ୍ଦ ଶକ୍ତି ସଂସାରରେ ବିଭିନ୍ନ ରୂପରେ ପ୍ରତିଭାତ ହୋଇ ବିଭିନ୍ନ ପ୍ରକାରର ପରିଣାମ ସୃଷ୍ଟି କରେ।ମନୁଷ୍ୟ ସମାଜ ଏହି ଶବ୍ଦ ଶକ୍ତିକୁ ବିଭିନ୍ନ ଉପାୟରେ ବ୍ୟବହାର କରିଥାନ୍ତି।ଶବ୍ଦ ଶକ୍ତି ର ଏକ ମନୋହର ରୂପ ହେଉଛି ସଂଗୀତ ।ଶବ୍ଦ କୁ ଆଶ୍ରୟ କରି ନିର୍ଦ୍ଦିଷ୍ଟ ଧ୍ୱନୀ ଗୁଞ୍ଜନ ରେ ସଂଗୀତର ସ୍ୱର ସୃଷ୍ଟି ହୁଏ ଏବଂ ଏହା ଜୀବ ସଂସ୍ଥାନ ଉପରେ ନିର୍ଦ୍ଦିଷ୍ଟ ପ୍ରକାରର ପ୍ରତିକ୍ରିୟା ସୃଷ୍ଟି କରେ।

ହଲାଣ୍ଡ ଓ ଡେନମାର୍କ ରେ ଗାଇମାନଙ୍କର ଦୁଧ ଦୁହିଁବା ସମୟରେ ଏକ ବିଶେଷ ପ୍ରକାରର ଗ୍ରାମଫୋନ୍ ବ୍ୟବହାର କରାଯାଏ ।ଏଥିରୁ ନିର୍ଗତ ଶବ୍ଦ ଗାଇମାନଙ୍କର ନାଡି ସଂସ୍ଥାନ ଉପରେ ପ୍ରଭାବ ପକାଏ ଓ କ୍ଷୀର ଆପେ ଆପେ ପହ୍ନା ରୁ ନିର୍ଗତ ହୋଇ ଦୁଗ୍ଧ ପାତ୍ର ରେ ସଞ୍ଚୟ ହୋଇ ରହେ।ସାପୁଆ କେଳାର ତୁମ୍ବୀ ରୁ ନିର୍ଗତ ଧ୍ୱନି ଏତେ ସମ୍ମୋହନକାରୀ ଥାଏ ଯେ ଗାତ ଭିତରେ ଥିବା ସାପ ଆପେ ଆପେ ବାହାରକୁ ଚାଲିଆସେ ଏବଂ ସାପୁଆ କେଳା ଅନାୟାସରେ ତାକୁ ଧରିନିଏ।ଅରଣ୍ୟରେ ଧାବମାନ ହରିଣପଲ ବୀଣା ର ସମ୍ମୋହକ ଧ୍ୱନି ଶୁଣି ଅଟକି ଯାଆନ୍ତି ଓ ଶିକାରୀ ହାତରେ ଧରାପଡନ୍ତି।
ପ୍ରାଚୀନ କାଳରେ ଭୂତବ୍ୟାଧି ଓ ବିଷବ୍ରଣ ଫଟାଇବା ପାଇଁ ଏକ ବିଚିତ୍ର ପ୍ରକାରର ଧ୍ୱନି ସୃଷ୍ଟି କରାଯାଉଥିଲା। ଏକ ଓଲଟା ମାଠିଆ ଉପରେ କଂସା ଥାଳୀ ରଖି ହାତ ପାପୁଲି ଓ କାଠ ସାହାଯ୍ୟରେ ତା ଉପରେ ଆଘାତ କରାଯାଉଥିଲା ଏବଂ ସେଥିରୁ ନିର୍ଗତ ଧ୍ୱନି ଦ୍ୱାରା ବିଷବ୍ରଣ ଫାଟି ଯାଉଥିଲା ଓ ଭୂତୋନ୍ମାଦ ଆରୋଗ୍ୟ ହେଉଥିଲା।

ମୁଖରୁ ନିର୍ଗତ ଶବ୍ଦ ସମୁଦ୍ର ଲହରୀ ପରି ଅନନ୍ତ ବିସ୍ତୃତ।ଏହା ମୁଖ ରୁ ବାହାରି ଇଥର ମଣ୍ଡଳ ଦେଇ ଅନ୍ତରୀକ୍ଷକୁ ଚାଲିଯାଏ ଏବଂ ପୁଣି ନିଜ ଉଦ୍ଗମ ସ୍ଥାନକୁ ଫେରିଆସେ।କିନ୍ତୁ ଏହି ଶବ୍ଦ ସଂପୂର୍ଣ୍ଣ ରୂପେ ବିଲିନ ନ ହୋଇ କିଛିକାଂଶ ଇଥର ମଣ୍ଡଳରେ ଅସ୍ତିତ୍ୱ ରକ୍ଷାକରେ।ମୁଖରୁ ନିର୍ଗତ ଶବ୍ଦ ରୁ ଅଧା ବାହାରକୁ ନିର୍ଗତ ହୁଏ ଓ ଅଧା ଶରୀର ଭିତରେ ପ୍ରବେଶ କରେ।ବନ୍ଧୁକରୁ ନିର୍ଗତ ଗୁଳି ଯେମିତି ଲକ୍ଷ୍ୟଭେଦ ପରେ ତାର ପଛକୁ ମଧ ଧକ୍କା ଦେଇଥାଏ ସେମିତି ଶବ୍ଦର ଶକ୍ତି ଅନ୍ତଃ ଓ ବାହ୍ୟ ଉଭୟ ଦିଗରେ ଗତିଶୀଳ ହୁଏ ।ପ୍ରାଚୀନ ମୁନି ଋଷି ମାନେ ଶବ୍ଦ ଶକ୍ତି ଉପରେ ଗବେଷଣା କରି ଯେଉଁ ନୂତନ ବିଜ୍ଞାନ ଆବିଷ୍କାର କରିଥିଲେ ତାହା ଥିଲା ମନ୍ତ୍ର ବିଜ୍ଞାନ। ମନ୍ତ୍ର ,ଏମିତି ଏକ ଶକ୍ତି ଯାହା ସାମଗ୍ରୀକ ଭାବରେ ପ୍ରଭାବ ପକାଇଥାଏ।ମନ୍ତ୍ର ର ଉତ୍ପତ୍ତିସ୍ଥଳ ତଥା ଏହାର ବାହ୍ୟ ଓ ଆନ୍ତରିକ ସ୍ତରରେ ଏହା କାର୍ଯ୍ୟକ୍ଷମ ହୋଇଥାଏ।

■■■ ହରିଦ୍ୱାର, ଉତ୍ତରାଖଣ୍ଡ, ମୋ-୭୯୭୮୨୨୦୩୭୨

# ହାଏ ପୁତ୍ର !



**ଅଧ୍ୟାପକ ଅଜୟ ପଟ୍ଟନାୟକ**



ସଂସାର ଦୁଃଖପୂର୍ଣ୍ଣ, ।“କାମନାର ବିନାଶରେ ଦୁଃଖର ବିନାଶ” ମହାତ୍ମା ବୁଦ୍ଧଙ୍କ ଅମରବାଣୀ । କିନ୍ତୁ ଏହି କାମନାର ବିନାଶ କଣ ସତ ହୋଇପାରିବ ଗୋଟେ ସଂସାରୀ ମନୁଷ୍ୟ ଜୀବନରେ । ବୋଧହୁଏ, ସେଥିପାଇଁ ନାରଦ ତଥା ସନତ୍ କୁମାର ୪ ଭାଇ ବ୍ରହ୍ମାଙ୍କ ନିର୍ଦ୍ଦେଶକୁ ସମ୍ମାନର ସହ ପ୍ରତ୍ୟାଖ୍ୟାନ କରି ଯୋଗ ଓ ତପ ମାର୍ଗରେ ଜୀବନ ଯାପନ କରିବାକୁ ଶ୍ରେୟ ମଣିଥିଲେ । ମନୁଷ୍ୟ ଜୀବନରେ ବଂଶରକ୍ଷା, ପିତୃପୁରୁଷଙ୍କ ତର୍ପଣ ତଥା ପୁତ୍ ନାମକ ନର୍କରୁ ମୁକ୍ତି ପାଇଁ ପୁତ୍ରର କାମନା କରାଯାଏ । କିନ୍ତୁ ଆଧୁନିକ ଜୀବନ ଶୈଳୀରେ ବଂଶର ପୁତ୍ର ଜନ୍ମଦେବା ନର୍କ ଯୋଗକୁ ଆମନ୍ତ୍ରଣ କରିବା ଭଳି ପ୍ରତୀୟମାନ ହୁଏ । ଏଭଳି ଆତ୍ମ ଗ୍ଲାନିରେ ଜଳୁଛନ୍ତି ଶଯ୍ୟାଶାୟୀ ଅବସର ପ୍ରାପ୍ତ ଇ.ଉ.ଙ ନରୋତ୍ତମ ବାବୁ ଓ ଏହି ବକ୍ତବ୍ୟ ପ୍ରକାଶ କରୁଛନ୍ତି ଶଯ୍ୟା ପାଖରେ ବସିଥିବା ସମାଜସେବୀ, ସାହିତ୍ୟିକା ବିଦ୍ୟୁତ୍ ପ୍ରଭା ଙ୍କ ଆଗରେ ।

ସାହିତ୍ୟିକ ଭାବଧାରାର ବିକାଶ ପାଇଁ ଉଦିଷ୍ଟ ଏକ ଅନୁଷ୍ଠାନରେ ନରୋତ୍ତମ ବାବୁ ଜଡିତ ଥାନ୍ତି । କିନ୍ତୁ ତାଙ୍କର ଦୀର୍ଘଦିନ ଅନୁପସ୍ଥିତି ପରେ ଫୋନ ଯୋଗେ ଅନୁରୋଧ କ୍ରମେ ବିଦ୍ୟୁତ୍ ପ୍ରଭା ଆୟୋଜନ କରିଥିଲେ ଏହି ସାହିତ୍ୟ ଆସର ନରୋତ୍ତମ ବାବୁଙ୍କ ଘରେ ।

ଅନୁଷ୍ଠାନର ଅନେକ ସଭ୍ୟ,ସଭ୍ୟା ଏଥିରେ ଯୋଗ ଦେଇଥିଲେ । ଅପରାହ୍ନ ଆଲୋଚନା ପରେ ଜଣେ ବୟସ୍କା ବିଧବା ମହିଳା ଓ ଜଣେ ତରୁଣୀ ବାରିର ପାଚିଲା ଅମୃତଭଣ୍ଡା, ବିସ୍କୁଟ୍, ମିକ୍ସର ଓ ଚା’ ପରିବେଶଣ କଲେ । ସମସ୍ତେ ବିଦାୟ ନେଲେ କିନ୍ତୁ ଅଟକିଗଲେ ବିଦ୍ୟୁତ୍ ପ୍ରଭା । ଖଟ ପାଖରେ ପଡିଥିବା ହାତଭଙ୍ଗା କାଠ ଚେୟାରରେ ବସି, ସେ ପଚାରିଲେ, ଆଜ୍ଞା ଆପଣଙ୍କ ସ୍ତ୍ରୀ କଣ ନାହାନ୍ତି କି ? ଏ ଦୁଇଜଣ କିଏ ? ଦୀର୍ଘ ନିଶ୍ୱାସ ପକାଇ ଉତ୍ତର ଦେଲେ ନରୋତ୍ତମ ବାବୁ । ଜୀବନ ଏକ ବନ୍ଦ ପୁସ୍ତକ, କିଛି ଲୋକ ତାକୁ ଖୋଲନ୍ତି, ତାଠୁଁ କମ୍ ଲୋକ ତାକୁ ପଢନ୍ତି ଓ ଖୁବ୍ କମ୍ ଲୋକ ତାକୁ ବୁଝିପାରନ୍ତି । ଜୀବନ କଥାରେ ଅନେକ ବ୍ୟଥା ଥାଏ ।

ଗ୍ରାମାଞ୍ଚଳର ଗରିବ ଚାଷି ପରିବାର ରେ ଜନ୍ମିତ ନରୋତ୍ତମ ଥିଲେ ଜଣେ ଉଚ୍ଚାଭିଳାଷୀ ଯୁବକ । ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ ସହ ପାଠପଢା ଜାରି ରଖି ଗାଁ ହାଇସ୍କୁଲ ପରେ ୧୫ କି.ମି ଦୂର କଲେଜ କୁ ସାଇକେଲ୍ ରେ ଯିବା ଆସିବା କରି ଅନର୍ସ ସହ ବି,ଏ ପାଶ କଲେ । ଗାଁରେ ରହି ଟିଉସନ୍ କରିବା ସହ ଙ.ଇ.ଝପରୀକ୍ଷାରେ କୃତ୍ତକାର୍ଯ୍ୟ ହୋଇ ବିଡିଓ ପଦବୀରେ ଅବସ୍ଥାପିତ ହୋଇ ପାରିଥିଲେ । ସୁଶ୍ରୀ ଇନ୍ଦୁମତିଙ୍କ ସହ ତାଙ୍କ ବିବାହ ହୋଇଥିଲା ଖୁବ୍ ଜାକଜମକ ରେ । ଭଲ ଭୋଜିଟିଏ ଦେଇଥିଲେ ଗାଁ ଲୋକଙ୍କୁ । ସରକାରୀ ଅଫିସର, ତେଣୁ ଆଇନକୁ ସମ୍ମାନ ଦେଇ ଦୁଇଟି ପୁଅ ରେ ସୀମିତ କରାଇଥିଲେ ପରିବାରକୁ । ବିଭିନ୍ନ ସ୍ଥାନରେ ଚାକିରି କରିଥିଲେ ମଧ୍ୟ, ଗାଁ ମାଟିର ମୋହରେ ସହରରେ ଘର ନକରି, ନିଜ ପୈତୃକ ଡିହରେ ଗୋଟେ ଏକ ମହଲା କୋଠାଘର ତୋଳିଥିଲେ । ସେତେବେଳେ ତାଙ୍କ ବାପା ଜୀବିତ ଥାନ୍ତି । ବାପାଙ୍କ ଖୁସୀର ସୀମା ନଥାଏ । ଗାଁ ଲୋକ ଙ୍କ ଆଗରେ ପୁଅର ପ୍ରଶଂସା ସହ ଆଶୀର୍ବାଦ୍‌ରେ ପୋତି ପକାଉଥିଲେ, ଏକ ଯୋଗ୍ୟ ପୁଅ ହିସାବରେ । ବାପା, ବୋଉଙ୍କ ଦେହାନ୍ତ ପରେ ମଧ୍ୟ ଗାଁ ସହିତ ତାଙ୍କ ନିବିଡତା କମି ନଥାଏ ।

ଦୁଇ ପୁଅ ଯୋଗ୍ୟ ହୋଇ ସରକାରୀ ଚାକିରିରେ ଅବସ୍ଥାପିତ ହେଲେ । ବଡପୁଅ ଙ୍କ ବିବାହ ସେ ନିଜେ କରାଇପାରିଥିଲେ । ଆଜି କାଲି ଖୁବ୍ କମ୍ ବାପା ଙ୍କୁ ସେ ସୁଯୋଗ ମିଳୁଛି । ସାନ ପୁଅ ନିଜ ଇଚ୍ଛାରେ ଭଲ ପାଇ କୋର୍ଟ ମ୍ୟାରେଜ୍ କଲା, ନରୋତ୍ତମ ବାବୁ ସମ୍ମାନ ରକ୍ଷା ପାଇଁ ତାର ପାରମ୍ପରିକ ବିବାହ ବ୍ୟବସ୍ଥା କରିଥିଲେ ନିରୁପାୟ ହୋଇ କିନ୍ତୁ ତାଙ୍କର ଦୁଃଖ ରହିଗଲା ଯେ ବାପା ବୋଉଙ୍କ ଶୁଦ୍ଧିକାର୍ଯ୍ୟରେ ଭୋଜି ଗାଁରେ କରିଥିଲେ ମଧ୍ୟ ସ୍ତ୍ରୀ, ପୁଅଙ୍କ ଚାପରେ ସହରର କଲ୍ୟାଣ ମଣ୍ଡପରେ ପୁଅ ମାନଙ୍କ ବିବାହ ଭୋଜି ହୋଇଥିଲା । ଗାଁର ସୁଖ ଦୁଃଖର ସାଥି ସାହି, ଭାଇଙ୍କ ପାଇଁ ପୁରି, ଡାଲ୍‌ମା ଓ ସୁଜି ପାଏସ୍ କିନ୍ତୁ ସହର ର ଅଜଣା, ଅପରିଚିତ ପରିବାରଙ୍କ ପାଇଁ ବିରିୟାନୀ, ଚିକେନ୍, ଚୁଙ୍ଗୁଡି, ଖାସୀ ମାଂସକଷା ଓ ଚକୁଳି ପିଠା । ଏସବୁ ସହଜରେ ହଜମ୍ କରି ନପାରି, ନୀରବ ଦ୍ରଷ୍ଟା ହୋଇ ମଣ୍ଡପର ଗେଟ୍ ପାଖରେ ହାତ ଯୋଡି ହସୁଥିବା ଭଳି ଦେଖେଇବାକୁ ଆପ୍ରାଣ ଚେଷ୍ଟା କରିଥିଲେ ବାବୁ ନରୋତ୍ତମ ।

ଅବସର ନେବା ପରେ ନରୋତ୍ତମ ବାବୁ ସ୍ତ୍ରୀଙ୍କ ଅନିଚ୍ଛା, ପୁଅ ବୋହୂଙ୍କ ବିରୋଧ ସତ୍ତ୍ୱେ ଗାଁରେ ରହିଲେ, ସହରୀ ଚଳନି ପ୍ରତି

ଆକର୍ଷଣ, ସହରୀ ସୁବିଧାରୁ ବଞ୍ଚିତ ଜନିତ ଅନୁଶୋଚନା ପ୍ରତିଫଳିତ ହେଲା ସ୍ତ୍ରୀ ଙ୍କ ବ୍ୟବହାରରେ । ସ୍ତ୍ରୀ ଙ୍କ ଯୁକ୍ତି ଥିଲା ତାଙ୍କ ଅଧିନରେ କାମକରୁଥିବା ଛୋଟ ଚାକିରିଆମାନେ ବଡ ବଡ ସହରରେ ଘର କରିଥିବା ବେଳେ ସେ ଜଣେ ବି.ଡି.ଓ ର ସ୍ତ୍ରୀ ହୋଇ ମଫସଲ୍ ଗାଁରେ ଶେଷଜୀବନ କଟାଇବେ । ପୁଅମାନଙ୍କ ତଦ୍ରୁପ ସମାଲୋଚନା, ବାପାଙ୍କର ଏହା ଗାଁ ପ୍ରୀତି ନୁହେଁ, ଏହା ହେଉଛି ତାଙ୍କର ଅପାରଗତା ଓ ଦୂରଦୃଷ୍ଟିର ଅଭାବ । କିନ୍ତୁ ସବୁପ୍ରକାର ଅଭିଯୋଗ, ଆକ୍ଷେପ ସତ୍ୱେ ଗାଁର ଶାନ୍ତ ବାତାବରଣ, ଶ୍ୟାମଳତା, ଧାନବିଲରେ ପବନର ଲହଡି ଭଂଗା ଦୃଶ୍ୟ, ଗାଁ ମୁଣ୍ଡ ବରଗଛ ତଳେ ବସି ସବୁଜିମା ମୟ ଶସ୍ୟକ୍ଷେତ୍ର ଦେଇ ଦୁର ଦିଗ୍‌ବଳୟର ଦୃଶ୍ୟ, ଖରାବେଳେ ଆମ୍ବତୋଟା ରେ କୋଇଲିର କୁହୁତାନ, ବାଉଁଶବଣରେ କୁମ୍ଭାଟୁଆର ରାବ, ଦଳପୋଖରୀରେ ଡାହୁକ ଚଢେଇର କୁହାଟ, ତାଳବଣରେ ବାଇଆ ବଧୂର ଦୋଳାୟିତ ବସା, ସଂଧ୍ୟାରେ ଗୁହାଳକୁ ଫେରୁଥିବା ଗୋରୁପଲର ହମ୍ବାରଡି, ଦାଣ୍ଡ ବାରଣ୍ଡାରେ ବସି ପଡୋଶିଙ୍କ ଚାଳ ଛପର ଭେଦି ଉଠୁଥିବା ରୋଷେଇ ଧୂଆଁର ଦୃଶ୍ୟ, ସଂଧ୍ୟାରେ ମନ୍ଦିରରେ ଘଣ୍ଟ, ଶଙ୍ଖ ଧ୍ୱନି, ଗାଁର ଦୋଳଯାତ୍ରା, ରଜ, ଦଶହରା ଆଦିର ଆମୋଦତା, ଆତ୍ମୀୟତା ର ଆକର୍ଷଣ ଭିଡି ଆଣିଥିଲା ତାଙ୍କୁ ଗାଁ ମାଟିକୁ । ସ୍ଥାନୀୟ ଅଞ୍ଚଳର ସାହିତ୍ୟ ସଭାରେ ଯୋଗଦାନ, ଅପରାହ୍ନରେ ପିଲାଦିନର ସାଙ୍ଗଙ୍କ ସଙ୍ଗେ ତାସ୍ ଖେଳ, ସଂଧ୍ୟାରେ ଠାକୁର ଘରେ ଭାଗବତ ପଠନ ଆଦିରେ ସମୟ ବିତିଯାଏ ତାଙ୍କର । ସହରର ଅବସର ଜୀବନ ଭଳି କେବଳ ଟିବି- ଟିଭି, ଡାକ୍ତର – ଠାକୁର, ପେନସନ୍ –ଟେନ୍‌ସନ୍ ରେ ସୀମିତ ନ ହୋଇ ନିଜ ଗାଁ ମାଟି ଗନ୍ଧରେ, ପ୍ରକୃତି କୋଳରେ ବିତାଇବାକୁ ନିଷ୍ପତ୍ତି ନେଇଥିଲେ ନରୋତ୍ତମ ବାବୁ ।

କିନ୍ତୁ ପତ୍ନୀ ଇନ୍ଦୁମତି ନିଜକୁ ବଡ ଏକୁଟିଆ ଅନୁଭବ କଲେ । ତାଙ୍କର ଭାଇ ଭଉଣୀ ମାନେ ସହରରେ ଆରାମ ଦାୟକ ଜୀବନ ବିତାଉଥିବା ବେଳେ ତାଙ୍କ ଶେଷ ଜୀବନଟା ଏ ଗାଁରେ ନିକାଞ୍ଚନରେ କଟିବ ? ମଝିରେ ମଝିରେ ସେ ୨ ପୁଅଙ୍କ ପାଖକୁ ପଳାନ୍ତି ସ୍ୱାମୀଙ୍କୁ ଏକୁଟିଆ କରି । ନରୋତ୍ତମ ନିଜ ହାତରେ ରୋଷେଇ କରି ଖାଇଲେ ମଧ୍ୟସହରରେ ପୁଅ ମାନଙ୍କ ପାଖରେ ରହିବାକୁ ପସନ୍ଦ କଲେନି । ପୁଅ ମାନଙ୍କ ପୁଅଝିଅ ଇଂରାଜୀ ମାଧ୍ୟମ ସ୍କୁଲରେ ପଢା ଆରମ୍ଭ କଲେ । ପଇସାର ଆବଶ୍ୟକତା ପଡିଲା, ନଜର ପଡିଲା ବାପାଙ୍କ ପେନସନ୍ ଉପରେ । ସାନ ବୋହୂର ଯୁକ୍ତି, ଗାଁରେ ତ ବିଲର ଚାଉଳ, ଡାଲି, ବାରିରେ ପରିବା, ଚାଳରେ କଖାରୁ, ଡିହରେ କଦଳୀ, କଣ ବା ଖର୍ଚ୍ଚ ବୁଢା ବୁଢୀଙ୍କର । ସହରରେ ତ ପୁଅ ମାନଙ୍କ ପାଇଁ ଘରଖଣ୍ଡେ କରିପାରିଲେନାହିଁ, ତେଣୁ ଆମ ପିଲାଙ୍କ ପାଠ ପଢା ଖର୍ଚ୍ଚ ଚଳାନ୍ତୁ । ଚାଲାଖ ସାନ ବୋହୂ ଶାଶୁଙ୍କ ପ୍ରତି ସହାନଭୂତି ଦେଖାଇ ତାଙ୍କୁ ଭୁବନେଶ୍ୱର ନେଇଯାଆନ୍ତି ଓ ପ୍ରତି ମାସ ପଚିଶି ତାରିଖରେ ତାଙ୍କୁ ବସ୍‌ରେ ଗାଁ କୁ ପଠାଇ ଦିଅନ୍ତି । ସାନ ପୁଅ ମାସର ପ୍ରଥମ ରବିବାର ଦିନ କାର ନେଇ ପହଞ୍ଚନ୍ତି ଗାଁ ରେ ଓ ବୋହୂର ବରାଦମତେ ଅରୁଆ ଚାଉଳ, ମୁଗଜାଇ, ଗୁଅ ଘିଅ, ବଡି, କଖାରୁ, ଆଦି ସଂଗ୍ରହ କରିରଖିଥାନ୍ତି ଇନ୍ଦୁମତୀ । ପୁଅ ସମସ୍ତ ଜିନିଷ ସହ ବାପାଙ୍କ ପେନସନରୁ ଗୋଟେ ମୋଟା ଅଙ୍କ ସହ ବୋଉକୁ ନେଇ ଫେରିଯାଆନ୍ତି । ଏମିତି ଚାଲିଲା ଶାଶୁ, ବୋହୂର ଖେଳ । ବଡବୋହୂ ଏହା ଜାଣି ବିଭିନ୍ନ ଆଳରେ ବାପାଙ୍କ ପେନସନ୍ ରୁ ଭାଗ ଦାବିକରିବାରେ ସକ୍ଷମ ହେଲେ । ଅସହାୟ ନରୋତ୍ତମ ବାବୁ ହାତରେ ଭାତ, ଡାଲମା ରାନ୍ଧି ଖାଇବା ବେଳେ, ଅତୀତର ସ୍ତ୍ରୀଙ୍କ ରନ୍ଧା ସୁସ୍ୱାଦୁ ବ୍ୟଞ୍ଜନ କୁ ସ୍ମରଣ କରି ଆଘ୍ରାଣ କରି ଭାତ ମୁଠାସବୁ ଗିଳି ପକାନ୍ତି ଭୋକରେ ।

ମଝିରେ ନରୋତ୍ତମ ବାବୁ ଅସୁସ୍ଥ ହୋଇ ପଡିଲେ ବଡପୁଅ ତାଙ୍କୁ ରାଉରକେଲା ନେଇଗଲା ଚିକିତ୍ସା ପାଇଁ, କିନ୍ତୁ ଏକ ମାସ ରହଣୀରେ ପୁଅର ବସାଘରେ ନିଜକୁ ଅଣନିଶ୍ୱାସୀ ମଣିଲେ । ନାତୁଣୀ ପାଇଁ ଉଦ୍ଦିଷ୍ଟ ଯବଭମରା/ଙ୍କଙ୍କସ୍ୱସମ ରୁମରେ ସେ ରହିବାରୁ, ତାର ନାଚ ଗୀତ ଶିକ୍ଷା ବାଧାପ୍ରାପ୍ତ ହେଲା । ବୋହୂର ଅସନ୍ତୋଷ ଲକ୍ଷ୍ୟ କରିପାରିଲେ ବାବୁ ନରୋତ୍ତମ । ବୋହୂର ଆକ୍ଷେପ, ନିଜ ପୁଅମାନଙ୍କ ପାଇଁ ସହରରେ ଖଣ୍ଡେ ଘର କରିପାରିଲେନି, ଆମ ଛୋଟ ଭଡାଘରେ ଆସି ଆସ୍ଥାନ ଜମାଇ, ମୋ ପିଲାଙ୍କ ଭବିଷ୍ୟତ ନଷ୍ଟ କରୁଛନ୍ତି । ଅଳ୍ପ ସୁସ୍ଥ ହେବା ପରେ ସେ ଗାଁ କୁ ପଳାଇ ଆସିଲେ ଓ ଖୁବ୍ ଶାନ୍ତିରେ ନିଶ୍ୱାସ ନେଲେ । ଦିନେ ଅଚାନକ ଦୁଇ ପୁଅ, ଦୁଇ ବୋହୂ ଓ ଇନ୍ଦୁମତୀ ପହଞ୍ଚିଗଲେ ଗାଁ ରେ । ରାତ୍ରୀ ଭୋଜନ ପରେ ଦୁଆର ପିଣ୍ଡାରେ ପ୍ରସ୍ତାବ ଆସିଲା, ଭୁବନେଶ୍ୱରରେ ଦୁଇଟା ୩ବି.ଏଚ୍.କେ ଆପାର୍ଟମେଣ୍ଟ କିଣା ହେବ, ଦୁଇ ପୁଅଙ୍କ ପାଇଁ ଓ ଏଥିପାଇଁ ଆବଶ୍ୟକ ଦେଢ କୋଟି ଟଙ୍କା ତେଣୁ ଗାଁ ଜମି ଓ ଘର ବିକା ହେବ । ନରୋତ୍ତମଙ୍କ ମୁଣ୍ଡରେ ବଜ୍ର ପଡିଲା, କଣ କହିଲ ମୋ ପୈତୃକ ଘରଡିହ ବିକି ଭୁବନେଶ୍ୱରରେ ମୁଣ୍ଡ ଗୁଞ୍ଜିବି ? ଅସମ୍ଭବ ଏହା ମୋ ଜୀବ ଦଶାରେ । ଗର୍ଜ୍ଜି ଉଠି, ଇନ୍ଦୁମତୀ ଙ୍କୁ କହିଲେ, ତୁମ ବାପା ଯେଉଁ ଓ.ଏ.ଏସ୍ ଜ୍ୱାଇଁ କୁ ବିବାହ ଦେଇଥିଲେ, ତାଙ୍କୁ ଏହି ଜମି ହିଁ ଓ.ଏ.ଏସ୍ କରିଛି । ଏ ଜମି ମୁଁ ତ କିଣିନି, ମୋ ବାପା ଜେଜେବାପାଙ୍କ ସମ୍ପତ୍ତି । ମୋ ବୁନିଆଦି ଘରଡିହ ଯେଉଁଠି ଆମର ଦେଇପିଣ୍ଡି ଅଛି, ମୋ ପୂର୍ବପୁରୁଷ ଙ୍କ ଆତ୍ମା ଅଛି, ତାକୁ ବିକି ବାକୁ ପୁଅ ମାନଙ୍କ ବୁଦ୍ଧିରେ, କହିବାକୁ କିପରି ସାହାସ କରିପାରିଲ ? ତୁମେ ଆଧୁନିକ ଯୁଗର କୈକେୟୀ, ବୋହୂମାନଙ୍କ ମନ୍ଥରା ବୁଦ୍ଧିରେ ପଡିଛ, ପରେ ପସ୍ତାଇବ । ତୁମର ରାଜଧାନୀ ରେ ଘର ଦରକାର,ଏ ବୁଢା ମୃତ୍ୟୁ ବିନିମୟରେ ?

ପୁଅଙ୍କୁ କହିଲେ, ଘର ଡିହ ବିକିଲେ ମୋତେ କା ପାଖରେ କେତେ ମାସ ରଖିବ, ବାଣ୍ଟି ସ୍ଥିର କରିସାରିଛ ତ ? ଦାମି ରୁମ୍ ସ୍ପ୍ରେ ପକାଇ ମୋ ରୁମକୁ ଆସୁଛ । ମୋ ଦେହ ଗନ୍ଧରେ ତୁମ ୩ ବି.ଏଚ୍.କେ ଆପାର୍ଟମେଣ୍ଟ ଗନ୍ଧମୟ ହୋଇଗଲେ, ମୋତେ କଣ ଷ୍ଟେୟାର କେସ୍ ତଳେ ରଖିବ ? ମୋ ଗାଁ ଘର ଡିହ ମୋ ପାଇଁ ସ୍ୱର୍ଗ, ତାକୁ ବିକିବା ପ୍ରଶ୍ନ ଉଠୁନି, ତୁମେ ଯେଉଁ ଭୁବନେଶ୍ୱରର ଲାଲ କୃଷ୍ଣ ଚୂଡା ମୋହରେ ଯାଉଛ, ସେଠି ଏବେ କୃଷ୍ଣଚୂଡା ସହ ଖଜୁରୀ ଗଛ ଲଗାଇଲେଣି ସରକାର । ଖଜୀର ଗଛ ଭଳି ସେଠି ସମ୍ପର୍କ ପାହାଚ ପାହାଚ ।

ଉପର ପାହାଚକୁ ଚଢିଗଲେ ଲୋକେ ତଳ ପାହାଚକୁ ଚିହ୍ନି ପାରନ୍ତିନି । ସକାଳୁ ଉଠି ଅନ୍ୟ ବାଡିରୁ ଫୁଲ ଚୋରିକରି କଢି ପତ୍ର ଭାଙ୍ଗି, ଗଛ ଲଗାଇଥିବା ଲୋକ ମନରେ ଦୁଃଖ ଦେଇ, ଠାକୁରଙ୍କ ପୂଜା କରୁଥିବା ଲୋକଙ୍କ ସହର ରେ ତୁମଭଳି ଅମଣିଷ ହିଁ ରହିବେ । ପଡାପଡୋଶୀ ନାହିଁ, ଭାଇ ଚାରା ନାହିଁ, ଜୀବନ ଅସୁରକ୍ଷିତ, ଯାନ୍ତ୍ରୀକ । ସେହି ସହରରେ ତୁମେ ନିଜ ରୋଜଗାରରେ ଘର କିଣି ସେଠି ରୁହ, ସେହି ମଣିଷ ଜଙ୍ଗଲରେ । ମୁଁ ଏହି ଗାଁ ରେ ମଣିଷଙ୍କ ଭିତରେ ମଣିଷ ଭଳି ବଞ୍ଚି, ମରିବାକୁ ଶ୍ରେୟ ମଣିବି । ମୋର ସିନା ଶରୀର ଅସୁସ୍ଥ ହୋଇଗଲାଣି ବୟସର ପ୍ରଭାବରେ, ତୁମମାନଙ୍କ ମନ ଅସୁସ୍ଥ ହୋଇଗଲାଣି, ଅମଣିଷ ହୋଇଗଲଣି ତୁମେ ସବୁ । ନ ହେଲେ ପୈତୃକ ଘରଡିହ ବିକିବାକୁ ଆସିଥାନ୍ତ । ଆଧୁନିକ ଶିକ୍ଷାପ୍ରାପ୍ତ ତୁମଭଳି ଅମଣିଷ ପୁଅଙ୍କ ଦ୍ୱାରା ମାନସିକ ଯନ୍ତ୍ରଣାର ଶିକାର ହେଉଥିବା, ଅସହାୟ ବୃଦ୍ଧ, ବୃଦ୍ଧା ମାନଙ୍କ ପାଇଁ ଏ ଘରକୁ "ଜରାନିବାସ" ରେ ପରିଣତ କରିବାକୁ ମୁଁ ଉଇଲ୍ କରିଦେବି । ତୁମକୁ ସମ୍ପତ୍ତିରୁ ବଞ୍ଚିତ କରିଦେବି । ତେଜ୍ୟ ସନ୍ତାନ ଘୋଷଣା କରିବି । ରାତି ତମାମ ପାଟିଗୋଳ, ଧମକ,ଚମକ କିନ୍ତୁ ନରୋତ୍ତମ ନଛୋଡ ବନ୍ଧା । ସକାଳୁ ପୁଅ, ବୋହୂ, ସ୍ତ୍ରୀ ଆଣିଥିବା ଗାଡିରେ ଭୁବନେଶ୍ୱର ଫେରିଗଲେ ଯେ ଆଉ ଆସି ନାହାଁନ୍ତି । ଏହା ଭିତରେ ୧୦ବର୍ଷ ବିତିଗଲାଣି, ସେମାନଙ୍କ ସହ ସମ୍ପର୍କ ନାହିଁ । ପାଖ ଗାଁ ର ଏକ ବିଧବା ସ୍ତ୍ରୀ ଲୋକ ଓ ତା'ର ଏକମାତ୍ର କଲେଜ ପଢୁଆ ଝିଅ ହିଁ ନରୋତ୍ତମଙ୍କ ସେବା କରିଚାଲିଛନ୍ତି ନିର୍ବିକାରରେ । ବୋଧହୁଏ ସେମାନେ ପୂର୍ବଜନ୍ମରେ ନରୋତ୍ତମଙ୍କ ମା, ଭଉଣୀ ଥିଲେ, ତାଙ୍କର ଏ ଦୁର୍ଦ୍ଦିନରେ ଆସି ସହାୟ ହୋଇଛନ୍ତି । ବେଳେ ବେଳେ ଭାବନ୍ତି, ତାଙ୍କର ଗୋଟେ ଝିଅ ଥିଲେ ହୁଏତ ତାଙ୍କ ମନର କ୍ଷତ, ବ୍ୟଥା ବୁଝି ପାରନ୍ତା । ନିଜର ଦୁଃଖ ତାଆଗରେ ପ୍ରକାଶ କରି ହୃଦୟକୁ ହାଲକା କରିପାରିଥାନ୍ତେ ।

ଏ ସବୁ କହିଲାପରେ, ନରୋତ୍ତମ ବାବୁ ବିଦ୍ୟୁତ୍ ପ୍ରଭାଙ୍କୁ କହିଲେ, ତୁମେ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ "ପିତା ପୁତ୍ର" ପଢିଥିବ । ପୁଅ ଅଜାତଶତ୍ରୁ ଦ୍ୱାରା ବନ୍ଦୀ ହୋଇ, କାରାଗାର ରେ ପାଣି ପାଇଁ ଚିତ୍କାର କରି,ରାଜା ବିମ୍ବିସାର, ନିଜ ବାହୁକୁ ଶୋଷରେ କାମୁଡି, ରକ୍ତ ପିଇ ପ୍ରାଣତ୍ୟାଗ କରିଥିଲେ ଓ ପ୍ରହରୀ ତାଙ୍କର ଶେଷ ଚିତ୍କାର ହାଏ ପୁତ୍ର, ହାଏ ରାଜ ସିଂହାସନ ବୋଲି ଶୁଣିଥିବାର ପ୍ରକାଶ କରିଥିଲା ।

ନୈମିଷାରଣ୍ୟ," ଜି.ଏ. ୧୧୬, ନିଳାଦ୍ରୀବିହାର
ମୋ - ୯୪୩୭୧୨୮୧୭୯

■■■



# ଅଛିଣ୍ଡା ପ୍ରଶ୍ନ

ଯଶୋବନ୍ତ ସେଠୀ





ବାହାଘର ଶୋଭାଯାତ୍ରାରେ ଗଲାବେଳେ ରେବ ତା' କୁନିଝିଅ ଟିକିଲିକୁ କେବେବି ସାଥିରେ ନିଏ ନାହିଁ । ସେ ଲାଇଟ୍ ବକେଟ୍ ମୁଣ୍ଡରେ ବୋହି ଚାଲିବ ନା ଝିଅଟାକୁ ସମ୍ଭାଳିବ !

ଆଜି କିନ୍ତୁ ତା'ର ଆଉ କିଛି ଉପାୟ ନଥିଲା । ସ୍ୱାମୀ ମାଧିଆର ଶ୍ୱାସ ବାହାରିଛି । କାଶି କାଶି ଅଥୟ ହୋଇପଡୁଛି । ତା' ପାଖରେ ଛୁଆଟାକୁ କେମିତି ଛାଡ଼ି ଆସନ୍ତା ! ଖଟିବାକୁ ନ ଯାଇ ରେବ ପାଖରେ ଆଉକିଛି ରାସ୍ତା ନଥିଲା ।
ମଜୁରୀ କରି ଦୁଇପଇସା ଆଣିଲେ ସିନା ମାଧିଆ ପାଇଁ ଔଷଧ ଯୋଗାଡ଼ କରିବ !

ଡିଜେ, ମଡର୍ଣ୍ଣ ଡ୍ୟାନ୍ସର ଧମାକା ମଧ୍ୟରେ ବରଯାତ୍ରୀ ଶୋଭାଯାତ୍ରା ଯଦିଓ ପିମ୍ପୁଡ଼ି ବେଗରେ ଗତି କରୁଥାଏ, କେବଳ ଛିଡ଼ା ହୋଇ ରହୁଥିଲେ ମଧ୍ୟ ମାତ୍ର ପାଞ୍ଚ ଛ ବର୍ଷର ଝିଅଟିର ଟିକି ଟିକି ପାଦ ଦୁଇଟା ଥକି ଯାଉଥାଏ । ମାଆର ପଣତକାନି ଧରି ତା' ସାଙ୍ଗରେ ଚାଲୁଥିବା ଟିକିଲି ମଝିରେ ମଝିରେ ଥକିଯାଇ କାଖ ହୋଇପଡୁଥିଲା ଏବଂ ପଚାରୁଥିଲା- ମା' ଆଉ କେତେ ବାଟ ରହିଲା ? ଆମେ କେତେବେଳେ ପହଞ୍ଚିବା ? ମତେ ଭୋକ କଲାଣି ପରା ।

ରେବ ଟିକିଲିକୁ ଯାଉ ସ୍ୟାଉ ମିଛସତ କହି ଉଦ୍‌ବୋଧନ ଦେଉଥାଏ । କନ୍ୟା ଘରେ ପହଞ୍ଚିଲା ପରେ କେତେ ରକମର ଖାଦ୍ୟ, ଖିରୀ, ପୁରୀ, ଚିକେନ୍, ମଟନ୍, ଆଇସ୍‌କ୍ରିମ୍ ଆଦି ଖାଇବୁ ଚାଲ । ମୋ ସୁନାଟା ପରା ! ହେଇ ନାଚଗୀତ ଦେଖ, ରୋଷଣି ବାଣ ଫୁଟୁଛି ଦେଖ । ହେଇ ପା' କନିଆ ଘର ଦେଖାଗଲାଣି । ଇଚ୍ଛା ଥାଉ କି ନ ଥାଉ ଛୋଟ ପିଲାଟା ମାଆ କଥାରେ ତୁନି ହୋଇଯାଉଥିଲା ।

ଶୋଭାଯାତ୍ରା କନ୍ୟାଘରେ ପହଞ୍ଚିଲା ବେଳକୁ ରାତି ଗୋଟାଏ ପାଖାପାଖି ହୋଇସାରିଥାଏ । ଖାଇବା ପାଇଁ ଆଗ ବରଯାତ୍ରୀମାନଙ୍କୁ ପାଛୋଟି ନିଆଗଲା । ଲାଇଟ୍ ବକେଟ୍ ବୁହାଳିମାନଙ୍କୁ ଅପେକ୍ଷା କରିବା ପାଇଁ ଜଣେ ବଡ଼ ମୁଣ୍ଡିଆ ଆସି ଆଦେଶ ଦେଇଗଲା । ରକମ ରକମର ସୁଆଦିଆ ଖାଦ୍ୟର ବାସ୍ନା ନାକରେ ଆସି ବାଜି ଯାଉଥାଏ ଓ ଟିକିଲି ନିଜର ଲୋଭ ସମ୍ବରଣ କରି ନ ପାରି ତା' ମା'କୁ ଖାଇବା ଟେଣ୍ଟ ଆଡ଼କୁ ଟାଣୁଥାଏ । ରେବ କିନ୍ତୁ ଟିକିଲିକୁ ଧରି ଅନ୍ୟ ବକେଟ୍ ବୁହାଳି ମାଇପିମାନଙ୍କ ସହିତ ଟେଣ୍ଟ ପଛକୁ ଚାଲିଯାଇ ଅପେକ୍ଷା କରି ବସିରହିଲା- କେତେବେଳେ ସେମାନଙ୍କୁ ଖାଇବାକୁ ଡକାଯିବ ।

ଖାଇବା ପର୍ବ ସରି ସେପଟେ ବିବାହ କାର୍ଯ୍ୟକ୍ରମ ଚାଲିଲାଣି । ଘଣ୍ଟାଏ, ଦୁଇଘଣ୍ଟା, ତିନିଘଣ୍ଟା ପର୍ଯ୍ୟନ୍ତ ରେବମାନଙ୍କୁ କିନ୍ତୁ ଖାଇବାର ଡାକରା ଅ ।ସିନଥିଲା । ଏତେ ବାଟ ଚାଲିଚାଲି ଥକିପଡ଼ିଥିବା କୁନିଝିଅ ଟିକିଲିର ଅଳି-ଭୋକ ହେଲାଣି, କେତେବେଳେ ଖାଇବା- ଆଉ ଶୁଭୁନଥିଲା । କାରଣ, ମାଆ କୋଳରେ ସେ କେତେବେଳୁ ଶୋଇ ପଡିଥିଲା । ଲାଇଟ୍ ଓ ସାଉଣ୍ଡ୍ କଣ୍ଟ୍ରାକ୍ଟ ନେଇଥବା ଠିକାଦାର ଆସି ରେବତୀମାନଙ୍କ ଉଦ୍ଦେଶ୍ୟରେ ରଡି ଛାଡ଼ି ଫୋପାଡ଼ିଲା ଭଳି କହିଥିଲା- ଆରେ ତମେମାନେ ଏଠି ଶୋଇଛ କଣ ? ଘରକୁ ଫେରିବକି ନାହିଁ ? ଗାଡ଼ି ସେପଟେ ବାରମ୍ବାର ହର୍ଣ୍ଣ ମାରିଲାଣି ଶୁଣାଯାଉନି କି ? ଏଇ ନିଅ ତମର ଦୁଇ ଦୁଇଶହ ମଜୁରି । ଶୀଘ୍ର ଯାଇ ଗାଡ଼ିରେ ବସ, ନ ହେଲେ ନିଜ ବ୍ୟବସ୍ଥା ନିଜେ କରିବ । ରେବ ପାଟିରୁ ତତ୍‌କ୍ଷଣାତ୍ ବାହାରିଆସିଲା- ଆଜ୍ଞା ଆମେ ଖାଇନାହୁଁ ପରା ! ଲୋକଟା ପୁଣି ଚିଡଚିଡ୍ ହୋଇ କହିଲା- ଖାଇଲନି, କିଏ ମନା କରୁଥିଲା କି ! ଓହୋ, ତମକୁ ଗୁଆ ଅରୁଆ ଚାଉଳ ଦେଇ ନିଉତା ଦିଆଯାଇଥାନ୍ତା । ଚାଲ ଚାଲ, ଖାଇବା ସବୁ ଶେଷ ହୋଇଗଲାଣି । ଡ୍ୟୁଟିକୁ ଆସିଛ ନା ଖାଇବାକୁ ଆସିଛ ? ପଇସା ପାଇଲ, ଘରକୁ ଚାଲ । ଯାହାର ଖାଇବାର ଅଛି ସିଏ ରହୁ, ନିଜ ବ୍ୟବସ୍ଥାରେ ଘରକୁ ଯିବ ।

ଉଚ୍ଚ ସ୍ୱରରେ କଥାବାର୍ତ୍ତା ଶୁଣି ଟିକିଲିର ନିଦ ଭାଙ୍ଗି ଯାଉଥିଲା । ରେବ ଆଖି ଛଳଛଳ କରି ଥରେ ନିଷ୍ପାପ ଶିଶୁ ଟିକିଲି ଆଡ଼କୁ ଥରେ, ଠିକାଦାର ଆଡ଼କୁ ଆଉଥରେ ଖାଇବା ଟେଣ୍ଟ ଆଡ଼କୁ ଚାହିଁଦେଇ ଦୀର୍ଘନିଃଶ୍ୱାସ ପକାଇ ଟିକିଲିକୁ କାଖରେ ଧରି ମନଦୁଃଖରେ ଫେରିଅ

ବି.ଜେ.ବି ନଗର, ଭୁବେନଶ୍ୱର

■■■

# ଯା ଦେବୀ ସର୍ବଭୁତେଷୁ...

ଆଶୁତୋଷ ଧଳ





"ଯା ଦେବୀ ସର୍ବଭୁତେଷୁ ମାତୃ ରୂପେଣ ସଂସ୍ଥିତା,
ନମସ୍ତସ୍ୟଇ ନମସ୍ତସ୍ୟଇ ନମସ୍ତସ୍ୟଇ
ନମୋ ନମଃ।"

ଚାରିଆଡେ ପାର୍ବଣ ର ମାହୋଲ। ସ୍ଵର୍ଗରୁ ମାଆ ଦେବୀ ଦୁର୍ଗା ପୃଥିବୀ ମାଟିରେ ପଦାର୍ପଣ କରିଛନ୍ତି। ନାରୀ ଶକ୍ତି ର ପ୍ରତୀକ ମାଆ ଦୁର୍ଗା। ଅଧର୍ମ ର ବିନାଶ, ଧର୍ମ ର ବିଜୟର ବାର୍ତ୍ତା ନେଇ ମାଆ ଓହ୍ଲାଇଛନ୍ତି।

....ବନ୍ଦିତା ବେଶ୍ ଚଳ ଚଞ୍ଚଳ। ବଡ଼ି ଭୋର୍ ରୁ ଉଠି ନିତ୍ୟକର୍ମ ଶେଷ କରି ଠାକୁର ପୂଜାରେ ବ୍ୟସ୍ତ। ଅନର୍ଗଳ ମନ୍ତ୍ରପାଠ। ଘର ପୂଜା ଶେଷ କରି ପୁଣି ଦେବୀ ପୀଠ କୁ ଯିବାକୁ ପଡିବ। ଆଜି ମାଆଙ୍କ ମହା ଅଷ୍ଟମୀ ପୂଜା । ପୁଣି ଚଣ୍ଡୀ ପାଠ। ବନ୍ଦିତା ମନସ୍ଥ କରିଛି ମାଆ ଙ୍କୁ  ଆଜି ଭୋଗ ରାଗ ସହ  ପାଟ ଶାଢ଼ୀ ଟିଏ ଅର୍ପଣ କରିବ।

ଅନୁରାଗ ସହ କାଲିଠୁ ଝଗଡା ଲଗେଇଛି। ତିନି ବର୍ଷ ପରେ ମାଆ ଆଜି ଧରାପୃଷ୍ଟରେ ଅବତରଣ କରିଛନ୍ତି। ଯେମିତି ହେଲେ ବି ସେ ଖଣ୍ଡୁଆ ପାଟ ଟିଏ ମାଆ ଙ୍କୁ ଦେବ। ...ହେଇଟି ଶୁଣୁଛ, କୁଆଡେ ଗଲ ବା ? ଶିଘ୍ର ବାହାରି ପଡ। ମନ୍ଦିର ରେ ପୁଣି ଭିଡ଼ ଲାଗିଯିବ। ଆମେ ଟିକେ କଳାମନ୍ଦିର ଶାଢୀ ଦୋକାନ କୁ ଯାଇ ଶାଢ଼ୀ ଟିଏ ନେଇ ମନ୍ଦିର ଯିବା।

ଅଫିସ୍ ଛୁଟି। ଅନୁରାଗ ସକାଳୁ ସକାଳୁ ଗୋଟେ ଅଳସ ନିଦ ଭାଙ୍ଗି ଖବର କାଗଜ ଧରି ବୈଠକ ଘରେ ବସିଛନ୍ତି। ଖବର କାଗଜ ପ୍ରତିଟି ପୃଷ୍ଠାକୁ ସେ ଧ୍ୟାନ ର ପଢୁଛନ୍ତି । ଦେବୀ ଦୁର୍ଗା ଙ୍କ ମୃଣ୍ମୟ ମୂର୍ତ୍ତି ର ଛବି ସବୁ ପୃଷ୍ଠା ମଣ୍ଡନ କରିଛି। ପୃଷ୍ଠା ଲେଉଟାଇଲେ। ଲେଖା ହୋଇଛି ଦେଶରେ ବଢ଼ି ଚାଲିଛି ନାରୀ ନିର୍ଯାତନା।

ଅନୁରାଗ ଭାବ ପ୍ରବଣ ହୋଇଗଲେ। ଭାରତ ବୋଧେ ଏକମାତ୍ର ଦେଶ ଯେଉଁଠି ନାରୀ କୁ ଦେବୀ ଭାବରେ ପୂଜା କରିବାର ପରମ୍ପରା ରହିଛି। ଦେବୀ ପୂଜାକୁ ଆମ ସମ୍ପ୍ରଦାୟ ସବୁବେଳେ ପ୍ରାଧାନ୍ୟ ଦେଇଛି।

ହେଲେ ଆଜି କି ଅବସ୍ଥା। ବାହାରେ ତ ଦୂର କଥା , ନାରୀ ଟିଏ ନିଜ ଘରେ ବି ସୁରକ୍ଷିତ ନୁହେଁ। ମମିତା, ବବିତା, ଇତିଶ୍ରୀ, ଆରୁଷି, ଜେଶିକା ଲାଲ୍, ଅଙ୍କିତା ଭଣ୍ଡାରୀ ସମସ୍ତେ ଆଜି ହତ୍ୟା ର ଶିକାର ହୋଇଛନ୍ତି। ଅନେକ ପ୍ରଶ୍ନବାଚୀ ଅନୁରାଗ ମନରେ ଆପେ ଆପେ ଆସିଯାଏ। କଣ କରନ୍ତି ଏ ଦେବୀ ମାନେ? ନିଜେ ନାରୀ ହୋଇ ନାରୀଙ୍କୁ ସୁରକ୍ଷା ପ୍ରଦାନ ଦେଇ ପାରନ୍ତି ନାହିଁ।

ଆଜି ନାରୀ ଟିଏ ଅଭାବ ପଣିଆରେ ନିଜ ଶିଶୁପୁତ୍ର କୁ ବିକ୍ରି କରୁଥିଲା ବେଳେ, ଆନ୍ଧ୍ର ଇଟା ଭାଟିରେ କାମ କରୁଥିବା ଯୁବ ବୟସ୍କା ଯୁବତୀ ଟିଏ ମାଲିକ ର ଶୋଷଣ ର ଶିକାର ହୁଏ। ଭୋକ ର ଜ୍ଵାଳା ସହି ନ ପାରି ଯୁବତୀ ଟିଏ ମାଳିସାହି ରେ ବେଶ୍ୟା ବୃତ୍ତି କରୁଥିଲା ବେଳେ, ବୟସ୍କା ମାଆ ଟିଏ ପୁଅ ବୋହୂ ର ନିର୍ଯାତନା ର ଶିକାର ହୋଇ  ବୃଦ୍ଧାଶ୍ରମ ର ଆଶ୍ରୟ ନିଏ।

ଅନୁରାଗ ଭାବେ, ତେବେ କିମ୍ପା ଏତେ ପୂଜାର୍ଚ୍ଚନା?

ପୁଣି ପୃଷ୍ଠା ଲେଉଟାଏ। ଦେବୀ ପୀଠ ରେ ନିରୀହ ପଶୁବଳି । କୋଉଠି ବୋଦା ବଳୀ, ପୋଢ ବଳୀ, କୁକୁଡ଼ା , ପାରା ବଳୀ ର ପ୍ରଥା ଏବେ ବି ଚାଲିଛି। ମାଆ ଙ୍କ ପାଖରେ ମାଛ ଝୋଳ ବି ଭୋଗ ଆକାର ଲାଗୁଛି। ଅଥବା କୋଉଠି ଫଳ ମୂଳ, ଅନ୍ନ ପ୍ରସାଦ ବି ଲାଗୁଛି। ଶୁଣାଯାଏ ଆଗରୁ ନରବଳି ପ୍ରଥା ବି ଥିଲା।

ଅନୁରାଗ ବୁଝିପାରେନି । ତେବେ ଦେବୀ କଣ ଭକ୍ଷଣ କରନ୍ତି ? ଫଳମୂଳ , ଅନ୍ନପ୍ରସାଦ ନା ଆମିଷ ।

ସେଇ କୁକୁଡ଼ା , ବୋଦା ବାହାରେ ଖାଇଲେ ତୁମେ ମାଂସାସି ମଣିଷ ରୂପେ ପରିଗଣିତ ହେଉଥିଲା ବେଳେ ଦେବୀ ପାଖରେ ତାହା ଲାଗିଲେ ଭୋଗ କିପରି ହୋଇଯାଏ। ବୁଝିପାରେନି ଅନୁରାଗ। ତାକୁ ଲାଗେ ଏହା କିଛି କତିପୟ ଗୋଷ୍ଠୀ ମାନଙ୍କର ଦେବୀ ଙ୍କ ନାମରେ ମାଂସ ଖାଇବାର ଏକ ସୁପରିକଳ୍ପିତ ଯୋଜନା ହୋଇଥାଇ ପାରେ।

...ଆରେ ଶୁଣୁଛ। ଗାଧୋଇ ସାରି ବାହାରି ପଡ। ଦୋକାନ ସବୁ ଖୋଲି ଯିବନି । ସକାଳୁ ଠୁ ଖବର କାଗଜ ଧରି ବସିଛ ? କଣ ସେ ଖବର ରୁ ତୁମକୁ ମିଳୁଛି? ...ପତ୍ନୀ ବନ୍ଦିତା ପାଟି କରୁଥିଲେ। ଅନୁରାଗ ଉଦାସ ମନରେ ବୈଠକ ଘରୁ ଉଠି ନିଜ ନିତ୍ୟକର୍ମ ଶେଷ କଲେ। କିଛିକ୍ଷଣ ଅନ୍ତେ ଗାଡ଼ି ବାହାର କରି ପତ୍ନୀଙ୍କ ସହ ମାର୍କେଟ ବାହାରିଗଲେ। ବନ୍ଦିତା ଙ୍କ ଏକାନ୍ତ ଜିଦ୍ ମାଆ ଙ୍କୁ ସେ ପାଟ ଶାଢୀ ଟିଏ ଅର୍ପଣ କରିବେ। ଭଲ ସୋ ରୁମ୍ ଦେଖି ବନ୍ଦିତା ପଶିଗଲେ। ଖଣ୍ଡୁଆ ପାଟ ଟିଏ କିଣିଲେ। ଅନୁରାଗ ଅନିଚ୍ଛା ସତ୍ତ୍ୱେ ପର୍ସ ରୁ ଟଙ୍କା ବାହାର କରି ପୈଠ କରି ଦେବୀ ପୀଠ କୁ ଆସିଲେ।

ପୀଠ ର ବାହାରେ ବହୁତ୍ ଗହଳି ଥିଲା। ବହୁତ୍ ଲୋକଙ୍କ ସମାଗମ ଥିଲା। ଘଣ୍ଟ ଝାଲି ରେ ମନ୍ତ୍ରପାଠ ପୂର୍ବକ ମାଆଙ୍କ ପୂଜାର୍ଚ୍ଚନା ଚାଲିଥାଏ। ବନ୍ଦିତା ଭୋଗରାଗ ପାଟ ବସ୍ତ୍ର ଧରି ଭିତରକୁ ପଶିଗଲେ।

ଅନୁରାଗ ଦେବୀ ଙ୍କ ପ୍ରାଙ୍ଗଣ ଭିତରକୁ ପଶିବାକୁ ଉଦ୍ୟତ ହେଉଥିଲା ବେଳେ ଗୋଟେ ଦୃଶ୍ୟ ତାଙ୍କ ଦୃଷ୍ଟିଗୋଚର ହେଲା। ସେ କିଛିକ୍ଷଣ ଅଟକି ଗଲେ।

ଦେଖିଲେ ବାହାରେ ଜଣେ ମଧ୍ୟ ବୟସ୍କା ସ୍ତ୍ରୀ ଲୋକ ଟିଏ ଛୋଟ ପିଲାକୁ କୋଳ ରେ ଧରି ଛିଣ୍ଡା କୋତରା ଶାଢ଼ୀ ଟିଏ ପରିଧାନ ପୂର୍ବକ ଭିଖ ମାଗୁଥିଲେ । ଶାଢ଼ୀ ଟା ଚିରି ଫାଟି ଆଁ କଲାଣି। କିଛି ଲୁଲୁପ ଆଖିଧାରି ମଣିଷ ମାନଙ୍କ ର କୁ ନଜର ରୁ ରକ୍ଷା ପାଇବା ପାଇଁ କୌଣସି ମତେ ସେ ନିଜ ଦେହକୁ ଘୋଡେଇ ରଖିଥିଲେ।

ଏମନ୍ତ ଦୃଶ୍ୟ ଅନୁରାଗ କୁ ବିଚଳିତ କରୁଥିଲା। ସେ ତତକ୍ଷଣାତ୍ ସେଠାରୁ ଯାଇ ପୁନଶ୍ଚ ଶାଢ଼ୀ ଦୋକାନୁ କୁ ଗଲେ। ଆଉ ଗୋଟେ ଭଲ ଶାଢ଼ୀ କିଣି ନେଇ ଆସି ମନ୍ଦିର ପ୍ରାଙ୍ଗଣ ବାହାରେ ବସିଥିବା ସେଇ ସ୍ତ୍ରୀ ଲୋକ ଟିକୁ ଉପହାର ଦେଲେ। ମହିଳା ଜଣକ ବଡ ବିକଳ ନୟନ ରେ ଅନାଇ ଥିଲେ। ତାଙ୍କ ଆଖିରୁ ଝରିପଡୁଥିଲା ଅନବରତ ଅଶ୍ରୁ। ଅନୁରାଗ ପକେଟ୍ ରୁ ଶହେ ଟଙ୍କିଆ ନୋଟ୍ ଟିଏ ବାହାର କରି ତାଙ୍କ ହାତରେ ଧରି ସେଠୁ ପ୍ରତ୍ୟାବର୍ତ୍ତନ କଲେ।

ଅନୁରାଗ ପ୍ରତ୍ୟକ୍ଷ ରେ ଦେବୀ ମାଆ ଙ୍କ ଦର୍ଶନ ଓ ଆଶୀର୍ବାଦ କାମନା କରୁଥିଲା ବେଳେ ବନ୍ଦିତା ପରୋକ୍ଷରେ ଶୂନ୍ୟ ରେ ଦେବୀ ମାଆ ଙ୍କ ଅସ୍ତିତ୍ୱ କୁ ଉପଲବ୍ଧି କରୁଥିଲେ।

ପୂଜା ଦେଇ ବନ୍ଦିତା ବାହାରକୁ ଆସିଲେ।
......ତୁମେ କୁଆଡେ ଗଲ ଯେ ଭିଡ଼ ଭିତରେ ତୁମକୁ ଦେଖି ପାରିଲିନି। ମାଆ ଙ୍କୁ ଦକ୍ଷିଣା ଦେଲ ତ ! ଅନୁରାଗ ସ୍ମିତ ହସି କହିଲେ ହଁ ମୁଁ ଦକ୍ଷିଣା ଦେଇଛି ଶହେ ଟଙ୍କା। ଅନୁରାଗ ବେଶ୍ ଖୁସି ଥିଲେ।

ଦୂରରୁ ମନ୍ତ୍ରପାଠ ଶୁଭୁଥିଲା..
"ଯା ଦେବୀ ସର୍ବଭୁତେଷୁ ମାତୃ ରୂପେଣ ସଂସ୍ଥିତା, ନମସ୍ତସ୍ୟଇ ନମସ୍ତସ୍ୟଇ ନମସ୍ତସ୍ୟଇ ନମୋ ନମଃ।"

**ନନ୍ଦନ ବିହାର, ଭୁବନେଶ୍ୱର**
**ମୋ-୯୧୭୮୩୦୦୩୭୭**

■■■

# ବିବେକୀ ବୋକା

**ଶଶାଙ୍କ ଶେଖର ମିଶ୍ର**





ଏମିତି ଲୋକ ବି ଅଛନ୍ତି । ଏମାନଙ୍କୁ ଆପଣ ଦେଖିପାରିବେ ଜୀବନର ବିଭିନ୍ନ କ୍ଷେତ୍ରରେ । ସେମାନେ ସାଧାରଣତଃ ଦେଖାଯା'ନ୍ତି- ସରକାରୀ ଅଫିସମାନଙ୍କରେ । ଲଂଚ ଆୱାରରେ ଅଫିସ୍ ସାମ୍ନା ଚା'ଜଳଖିଆ ଦୋକାନରେ ଏମାନଙ୍କ ଉପସ୍ଥିତି ଅନୁଭବ କରିହୁଏ ।

ଘରୁ ଆଣିଥିବା ପତ୍ନୀ ପ୍ରସ୍ତୁତ ଜଳଖିଆର ସଦବ୍ୟବହାର ହୋଇସାରିବା ପରେ ଦଳବଦ୍ଧ ଭାବରେ ୫/୭ଜଣ ବାବୁ ଫୁଟପାଥକୁ ଓହ୍ଲାଇ ଆସନ୍ତି ଚା'ପାନ ପାଇଁ । ଚା'ଦୋକାନୀ ବିନା କୌଣସି ପ୍ରଶ୍ନରେ ହାପ୍ ଚା' ଗୋଟିଏ ଗୋଟିଏ ଆଗ୍ରହର ସହିତ ବଢାଇ ଦେଇଥାଏ ବାବୁମାନଙ୍କ ହାତକୁ । ଚା'ଗିଲାସ ଧରି ବାବୁମାନେ ମଜ୍ଜିଯାନ୍ତି ରାଜନୀତି,କ୍ରିକେଟ୍, ସିନେମା,ଦେଶର ଗତି,ଦୁର୍ଗତି,ପ୍ରଗତି ଆଦି ବିଷୟରେ ଗଭୀର ଆଲୋଚନାରେ। ଚା'ଗିଲାସକୁ ଥରେ ମାତ୍ର ଓଠରେ ଛୁଆଁଇ ଦେଇ ଚାଲିଥାଏ ଗପ । ଟିକିଏ ଧୈର୍ଯ୍ୟ ଧରି ରହିଲେ ଆପଣ ଲକ୍ଷ୍ୟ କରିପାରିବେ-ସେତିକି ପରିମାଣର ଚା'କାହାର ବି ସରୁନଥାଏ। ଚା'ର ଗରମ ସେ ଆଲୋଚନାର ଉଷ୍ମତା ନିକଟରେ ପରାସ୍ତ ହୋଇ ଆସ୍ତେ ଥଣ୍ଡା ହୋଇ ଆସୁଥାଏ। ସେଥିପ୍ରତି କାହାର ନଜର ନଥାଏ। ଉଦ୍ଦେଶ୍ୟ ସ୍ପଷ୍ଟ।ଯାହାର ଚା' ଆଗ ସରିଯିବ,ସେ'ତ ଆଉ ଅଇଁଠା ଗ୍ଲାସ୍ ଧରି ଠିଆହୋଇ ରହିବପାରିବନି ! ଗ୍ଲାସ୍ ଫେରାଇଲା ମାତ୍ରେ ପଇସା ଦେବାକୁ ପଡିବ । ଏକାଠି ଆସିଛନ୍ତି ଯେତେବେଳେ,ନିଜ ପଇସାଟି ଦେଇଦେବା ଅଭଦ୍ରାମୀର ପରିଚାୟକ। ତେଣୁ ସମସ୍ତଙ୍କର ଚା'ପଇସାଟି ତାକୁ ହିଁ ଦେବାକୁ ପଡିବ-ଏଇ ଆଶଙ୍କାରେ ଚା'ପାନର ଏମିତି ଧୀମା ଗତି ! ତେବେ ସେଇ ଦଳ ଭିତରେ ଜଣେ ଅଧେ ବୋକା ବା ଅନ୍ୟ ଅର୍ଥରେ ବିବେକୀ ଲୋକ ମଧ୍ୟ ଥାଆନ୍ତି । ଥଣ୍ଡା ଚା' ଖାଇବା ସେମାନଙ୍କର କସ୍ମିନ୍ କାଳେ ପସନ୍ଦ ନୁହେଁ । ଅତଏବ ଚା'ଟି ଏ ମହାଶଙ୍କର ସମସ୍ତଙ୍କଠାରୁ ଆଗ ସରିଯାଇଥାଏ ଏବଂ ରୀତି ମୁତାବକ ସମସ୍ତଙ୍କ ଚା'ପଇସାଟି,ମୁଖରେ ହସ ଭରି କୁଣ୍ଠିତ ହୃଦୟରେ ସେଇ ବୋକା ଓରଫ୍ ବିବେକୀ ଲୋକଟିକୁହିଁ ଦେବାକୁ ପଡିଥାଏ।

ତା'ପର ଦୃଶ୍ୟର ବର୍ଣ୍ଣନା ଅନାବଶ୍ୟକ । ହଠାତ୍ ଦେଖାଯାଏ - ଚା'ଗ୍ଲାସରେ ଥଣ୍ଡା ହୋଇଆସିଥିବା ଉଦବୃତ୍ତ ଚା'ତକ ଅଚିରେ ଗୋଟିଏ ଢୋକରେ ଶେଷ କରିଦେଇ ବାବୁମାନେ ଖାଲି ଚା'ଗ୍ଲାସଟି ଦୋକାନୀ ହାତକୁ ବଢେଇଦେଇ ନଜାଣିଲାଭଳି ଆଗେଇଯା'ନ୍ତି ସଂଲଗ୍ନ ପାନ ସିଗାରେଟ୍ ଦୋକାନକୁ । ସେଠାରେ ବି ଅନୁରୂପ ଦୃଶ୍ୟର ପୁନରାବୃତ୍ତି ଘଟେ,ସେଠାରେ ବି ବାବୁମାନେ ଆଉ ଜଣେ ବୋକା ଓରଫ ବିବେକୀ ଲୋକଙ୍କର ବୋକାମୀକୁ ଆନନ୍ଦରେ ଉପଭୋଗ କରି ନିଜ ନିଜର ବୁଦ୍ଧିମତା ପାଇଁ ମନେମନେ ନିଜକୁ ତାରିଫ୍ କରୁଥାନ୍ତି। ଏଇ

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪

## ରୁଦ୍ରାକ୍ଷ

ଅଞ୍ଜଳି ଆଚାର୍ଯ୍ୟ





ମଣିଷ ଜୀବନକାଳ ନିରନ୍ତର ବହୁଥିବା ନଦୀଟି ପରି ଅନନ୍ତ ପଥରେ ଆବେଗ, ଆଶା, ଆକାଂକ୍ଷା କୁ ନେଇ ଗତିକରି ଥାଏ । ହେଲେ ଦୁଃଖସୁଖ ର ଦୁଇଚକ ଲାଗିଥାଏ ସାଥିରେ । ଦୁଃଖ ପରେ ସୁଖ , ସୁଖ ପରେ ଦୁଃଖ ଏହାତ ଜୀବନର ନିଶ୍ଚିନ୍ତତା । ଏହା ବି ହୋଇପାରେ ଯେ ସୁଖ ଓ ଦୁଃଖ ଆମ ମନର ନିର୍ଧାରିତ ସ୍ଥିତି ।

ବୋହୁ ଟା ତା କୋଠରୀରୁ ବାହାରି ଶାଶୁଙ୍କ ପାଖକୁ ଆସି କହୁଛି ମା ... ମା' ଦେଖିଲେ ... ଶାଶୁ ଜୟନ୍ତୀ ଦେଖିଲେ ବୋହୁ ମିଲି ହାତରେ ଗୋଟିଏ ରୁଦ୍ରାକ୍ଷ । କ'ଣ ହେଲା, ପଞ୍ଚମୁଖୀ ବୋଧେ ଜୟନ୍ତୀ କହିଲେ । ମିଲି କହିଲା ହଁ ... ଆମେ ଆଜି ଅଫିସରୁ ଫେରିଲା ବାଟରେ ଜଣେ ବାବାଙ୍କ ପାଖକୁ ଯାଇଥିଲୁ । ଆମ ଅଫିସର ଆଉ ଦୁଇଜଣ ସାଙ୍ଗ, ଆଉ ମୁଁ । ମିଲି ଚାକିରି କରେ । ସେ ପୁଣି କହିଲା ମା, ବାବା ଯାହା କଥା କୁହନ୍ତି ଲୋକଙ୍କ ଭଲ ହୁଏ, ଯଦି କାହାର ଅସୁବିଧା ଥାଏ, ସୂତାରେ ବାନ୍ଧି ହାତରେ ପିନ୍ଧିବା ପାଇଁ କହିଛନ୍ତି । ଜୟନ୍ତୀ ମନଦେଇ ଶୁଣୁଥିଲେ । ହେଲେ ମନ କହୁଥିଲା କହିବା ପାଇଁ ନା ବୋହୁ ଏ ସବୁରେ ବିଶ୍ୱାସ କରନା । ହେଲେ କିଛି ଦିନ ହେବ ବୋହୁର ଟେନସନ ସେ ଦେଖୁଥିଲେ । ତେଣୁ ସେ ଯଦି ମନରେ ଶାନ୍ତି ପାଏ ସେ ତ ବଡ କଥା , ସେ କରୁ ...।

ଲତା କାମବାଲି ,ତାଙ୍କ ଘରେ କାମକରେ । ସେ ସେଇଠି ଘର ପୋଛୁ ଥିଲା । ସେ ଶୁଣୁଥିଲା ହେଲେ ନିରବ ରେ ସେ ଘରକାମ କରିବା ଛଡା ଅନ୍ୟ ରାସ୍ତା ନ ଥିଲା । ଘର ପୋଛା ସାରି ସେ ,ଜୟନ୍ତୀ କିଛି ଖାଇବାପାଇଁ ଦେଲେ ଖାଇ କି ଘରୁ ଗଲା ।

ହଠାତ୍ କିଛି ସମୟ ପରେ ବୋହୁ ଆସି କହିଲା ମା', ସେଇ...

ମୋ ବେଡ଼ରୁମଟା ର...ସେଇ ଟେବୁଲରେ ମୁଁ ରୁଦ୍ରାକ୍ଷ ଟା, ରଖିଥିଲି । ଏତେ ଖୋଜିଲିଣି ପାଉନାହିଁ । କେତେ କଷ୍ଟରେ ଆମେ ସେ ବାବାଙ୍କ ପାଖକୁ ଆମେ ଯାଇଥିଲୁ । କୋଉଠି ରଖିଲି ଯେ ! ଯା ..ମୋ ଭାଗ୍ୟରେ ନାହିଁ । ଜୟନ୍ତୀ କହିଲେ ଚିନ୍ତା କରନା । ସେ ଆଉ କିଛି ବେଳ ପରେ ଠିକ ମନେ ପଡିବ ... ସେ ଥିବ କୁଆଡ଼େ ଯିବ ।

କହି ସିନା ଦେଲେ ଜୟନ୍ତୀ ଭାବି ପାରିଲେ ନାହିଁ ରୁଦ୍ରାକ୍ଷ ଗଲା କୁଆଡ଼େ । ସେ ବି କେତେ ଖୋଜିଛନ୍ତି । ଖଟରେ ଶୋଇଛନ୍ତି, ନିଦ ତ ନାହିଁ,ସେ ସେଇ ରୁଦ୍ରାକ୍ଷ କଥା ଭାବୁଛନ୍ତି ।

ସେ ପୁରୁଣା କଥା ୧୯୯୨ ର । ସେମାନେ ଥିଲେ ଅରୁଣାଚଳ ରେ । ଘଞ୍ଚ ଜଙ୍ଗଲ ବଡ ବଡ ଗଛ ,ଆକାଶ ଦିଶେ ନା। କଲେଜରେ ଚାକିରି କରନ୍ତି ତାଙ୍କ ସ୍ୱାମୀ । ସେ ଥରେ କୁଲାରେ କୁଳିଏ ହେବ ରୁଦ୍ରାକ୍ଷ ଶୁଖେଇ ଥିଲେ । ସ୍ୱାମୀ ଅଫିସରୁ ଫେରିଲେ ତାକୁ ଦେଖି ପଚାରିଲେ ଏଗୁଡା କ'ଣ ? ସାଗୁଆ ସାଗୁଆ ଫଳ ଖାଇବା ଜିନିଷ କି ? ଜୟନ୍ତି କହିଲେ ରୁଦ୍ରାକ୍ଷ । ରୁଦ୍ରାକ୍ଷ କୁ ଗଛ ରେ ଦେଖିଲେ ବି ଯଦି ଆମେ ଚିହ୍ନି ପାରିନେ, ଜାଣି ବି ପାରିବାନି । ଏଇ ତ କିଛି ଦିନ ହେଲା ମିଶ୍ର ମେଡମଙ୍କ ଠୁ ସେ ଶୁଣିଛନ୍ତି ଏଇ ଗଛଟା ବିଷୟରେ । ସେତ ରୁଦ୍ରାକ୍ଷ ବିଷୟରେ କେତେ କଥା ଗପି ଗଲେ । ରୁଦ୍ରାକ୍ଷ ଗୋଟିଏ ଗଛର ଫଳ । ଆଧ୍ୟାତ୍ମିକ ସାଧକଙ୍କ ଜୀବନରେ ତାର ମହତ୍ୱପୂର୍ଣ୍ଣ ଭୂମିକା ଅଛି । ରୁଦ୍ରାକ୍ଷ ର ଲାଭ ଜୀବନରେ କେମିତି ସଦଗୁରୁ ବତାନ୍ତି । ଯେଉଁଥିରେ କି ପଞ୍ଚମୁଖୀ ,ଏକମୁଖି, ରୁଦ୍ରାକ୍ଷ ଥାଏ । ହିମାଳୟ ପାଦ ଦେଶରେ ଗଛଟି ଦେଖାଯାଏ । ଏମିତି କେତେ କଥା ସେ ଦିନ ସେ କହିଲେ । ଯଦି ତୁମେ ଏକମୁଖୀ ପିନ୍ଧିବ ବାରଟା ଦିନରେ ନିଜ ପରିବାର ଛାଡ଼ିଦେବ ।

ତମେ ନିଜ ପରିବାର ଛାଡୁଛ ନା... ନାହିଁ ,ଏଇଟା କଥା ନୁହେଁ , କଥା ହେଲା ସେ ତୁମର ଶକ୍ତିକୁ ଏମିତି କରିବ ଯେ ତୁମେ ଏକାନ୍ତ ରେ ରହିବା ପସନ୍ଦ କରିବ । ସେ ତୁମକୁ ଲୋକଙ୍କ ସହିତ ମିଶିବାକୁ ଦେବ ନାହିଁ । ଯଦି ତୁମେ ଅନ୍ୟ କିସମର ରୁଦ୍ରାକ୍ଷ ପିନ୍ଧିବା ପାଇଁ ଚାହିଁବ ତେବେ ଏମିତି ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରିବାକୁ ପଡ଼ିବ ଯେ ତା'ର ଗୁଣବତ୍ତା ଜାଣିଥିବ ।

ପଞ୍ଚମୁଖୀ କୁ ପୁରୁଷ ନାରୀ ପିଲାମାନେ ସମସ୍ତେ ପିନ୍ଧି ପାରିବେ । ଇଏ ବ୍ଲଡ଼ ପ୍ରେସର କମ୍ କରେ ସ୍ନାୟୁ କୁ ଶାନ୍ତି ରଖେ । ଏମିତି ରୁଦ୍ରାକ୍ଷ ର ବହୁତ କାହାଣୀ । ଆମକୁ ତ ଏଇଠି ମିଳୁଛି କାହିଁକି ନ ରଖିବା । ତାଙ୍କ ଠାରୁ ସବୁ କଥା ଶୁଣିଲା ପରେ ସେ ସାମ୍ନାରେ କୁଲିକାମ କରୁଥିବା ଫେମିଲିର ଜଣେ ପିଲାକୁ କହିଥିଲେ ସେ କିଛି ଆଣି ଦେଇଛି । ସ୍ୱାମୀ ଦେଖି କହିଲେ ଏମିତି ଗଛ ତ ଏଠି ବହୁତ ଅଛି । ଗେଷ୍ଟହାଉସ ପଛପଟ ରୋଡ ସାଇଟ ରେ । ଜୟନ୍ତୀ କହିଲେ ଅଛି ତ,ମୁଁ ଜାଣିଛି ହେଲେ ତଳେ ପଡିଯାଇ ଥିବା ରୁଦ୍ରାକ୍ଷ କୁ ଗୋଟେଇବ କିଏ ? ହଷ୍ଟେଲରେ ରହୁଥିବା ପିଲା କ'ଣ କହିବେ ଏଇ ଗୋଟାଇବା ଦେଖିଲେ ? ତେଣୁ ଗୋଟିଏ ରାସ୍ତା ଅଛି । ମୁଁ ଗୋଟେ ଛୋଟ ପିଲାଟାକୁ କହିଥିଲି । ମୁଁ ଜାଣିଛି ତମେ ଟଙ୍କା ଦେଇଥିବ ? ଆରେ ମୁଁ ଆଣି ଦେବି ।

ତା ପରଦିନ ସକାଳୁ ଦୁଇ ଜଣ କଲେଜ ପ୍ରଫେସର ରୁଦ୍ରାକ୍ଷ ପାଇଁ ଗଲେ । ଜଣେ ଗଛ ଉପରକୁ ଚଢିଲେ ଜଣେ ତଳେ । ଗଛ ଉପରେ ସେ ଥାଇ ସେ ଝୁଣି ଦେଲେ ଗଛଟିକୁ, ହେଲେ ରୁଦ୍ରାକ୍ଷ ତଳେ ଘାସରେ ପଡ଼ିଲା । ରୁଦ୍ରାକ୍ଷ ସବୁଜ... ଘାସ ବି ସବୁଜ, ତେଣୁ ସେ ଦେଖା ଗଲାନା , ଜମା ଜଣା ପଡ଼ିଲା ନାହିଁ । ସେ ସମୟ ପୁଣି ପାହାନ୍ତିଆ ପହର । ଭଲରେ ଦିଶୁନି କିଛି । ଷ୍ଟୁଡେଣ୍ଟ ଜଣେ ସେଇ ରାସ୍ତାରେ ଯାଉ ଯାଉ ଗୁଡମର୍ଣିଙ୍ଗ ସାର କହିଲା । ଆଉ ପଚାରି ଦେଲା -
"କ୍ୟା ହୁଆ ସାର୍ ?"

ସାର ଆଉ କ'ଣ କୁହନ୍ତେ । ସାର କହିଲେ ବଲ ହାତରୁ ଖସି ପଡ଼ିଛି ଏଠି ତ । ଓହୋଃ... ଠିକ ହେ ସାର, କହି ସେ ଚାଲିଗଲା । ସେମାନେ ଆଉ କ'ଣ ରୁଦ୍ରାକ୍ଷ ଗୋଟେଇବେ ଲାଜରେ ଚାଲି ଆସିଲେ । ଆସି କହିଲେ ନା ନା ସେ ସହଜ ବ୍ୟାପାର ନୁହେଁ , ମତେ ଆଉ କହିବୁନି । ଜୟନ୍ତୀ ହସିଲେ କହିଲେ ଆଉ ଥରେ ସେ ପିଲାଟାକୁ କହିବି ସେ ଆଣୁ । ଗଛ ତ ଚଢି ପାରିବନି ସେ ତଳୁ ଗୋଟେଇକି ଆଣୁଛି ସେ ଆଣୁ । ଶହେଟା ହେଲେ ତମ ଘରକୁ ଗୋଟିଏ ମାଳ ଆଉ ଆମ ଘରକୁ ଗୋଟିଏ ମାଳ ନେବା । ସ୍ୱାମୀଙ୍କ ମନ ପାଇଲା ନାହିଁ । ରୁଦ୍ରାକ୍ଷ ପାଇଁ ପଇସା ଦେବା ନା କ'ଣ ।

ଜୟନ୍ତୀ ମଧ୍ୟାହ୍ନ ବେଳାରେ ଘର ଆଗରେ ଥିବା ସେଇ ପିଲା ପାଖକୁ ଗଲେ । ସେ ଦେଖିଲେ ପିଲା ଦୁଇ ଜଣ ସ୍କୁଲ ରୁ ଆସି ଘର ଭିତରକୁ ପଶି ପାରୁ ନାହାଁନ୍ତି , ଥରୁଛନ୍ତି । ସେ ସେଠିକି ଟିକେ ପାଖକୁ ଯାଇ ପଚାରିଲେ କ'ଣ ହେଲା । କଥା କହି ନ ପାରି ହାତ ଠାରି ପିଲା ଦୁହେଁ ଇଙ୍ଗିତ କଲେ । ଯାହା ଦେଖିଲେ ଜୟନ୍ତୀ ବି ଡରି ଛାନିଆ । ଦେଖୁ ଦେଖୁ କେତେ ଲୋକ ଜମା ହେଲେ । ବାଉଁଶ ରେ ତିଆରି ଖଟ ତା ଉପରେ ଗଦି , ଗଦି ଉପରେ ଗୋଲ ହୋଇ ବିରାଟ ନାଗସାପ କଳାମିଶ୍ ମିଶ୍ ଫଣା ଟେକିଛି । ଫଣାରେ ମଣିଭଳି କିଛି ଚିକ୍ ଚିକ୍ କରୁଛି । ଲୋକ ଦେଖି କହିଲେ 'ମଣି ନାଗ' । ହାତ ଯୋଡ଼ି ସମସ୍ତେ ଦେଖୁଥାନ୍ତି । ଜଣେ ବ୍ୟକ୍ତି କହିଲେ ରୁଦ୍ରାକ୍ଷ ଦିଟା ଗଡ଼େଇ ଦିଅ ସେ ଚାଲିଯିବ ମାରନା ତାକୁ । କିଛି ଲୋକ ହାତ ଯୋଡ଼ି ରହିଗଲେ ସେମିତି ସ୍ତବ୍ଧ ହୋଇ । ଶୁଖୁଥିବା ରୁଦ୍ରାକ୍ଷ ରୁ ଜଣେ ଦିଟା ଆଣି ଗଡ଼େଇ ଦେଲେ । ସାପ ଶବ୍ଦ ପାଇ ଖଟ ମଝିରୁ ଧିରେ ବାଉଁଶ କଣାରେ ଗଳି ପଳେଇଲା । ପିଲା ଡରିକି ନ ଖାଇ ସେଦିନ ସ୍କୁଲ ଚାଲିଗଲେ । ଜୟନ୍ତୀ ରୁଦ୍ରାକ୍ଷ କଥା ଆଉ କ'ଣ କହିବେ ଫେରି ଆସିଥିଲେ । ଏମିତିରେ ସେ କେତେ ମାଳା ତିଆରି ଛନ୍ତି । କେତେ ବାଣ୍ଟିଛନ୍ତି । ତାଙ୍କ ପାଖରେ ଏବେ ବି କିଛି ରୁଦ୍ରାକ୍ଷ ଅଛି । ପଞ୍ଚମୁଖୀ ଚାରିମୁଖି ସେ ପାଇଥିଲେ ରଖିଛନ୍ତି ମଧ୍ଯ । ଏଇ ରୁଦ୍ରାକ୍ଷ ପାଇଁ କେତେ କଥା ।

ଲତା ଘର ପୋଛୁଛି ଜୟନ୍ତୀ ପଚାରିଲେ ଲତା କ'ଣ ହେଲା ? ତୋ ମୁହଁ କାହିଁକି ଶୁଖିଲା ଦିସୁଛି। ହଁ ମା, ମୁଁ ଦି ଦିନ ହେଲା ଖାଇନି। କ'ଣ ହେଲା କହୁନୁ ଜୟନ୍ତୀ କହିଲେ । ନାଇଁ ମା ମୋ ବର ବା ଭାରି କଷ୍ଟ ଦେଉଛି । ମତେ ବାଡାବାଡି କରେନା, ହେଲେ ମଦ ନିଶା ତ ତାକୁ ଖାଇଲା । ଦିନ ରାତି ନିଶାରେ ରହୁଛି । ଟଙ୍କା ଟେ ଘରକୁ ଦେଉନାହିଁ । ପୁଅ ବଡ ହେଲାଣି ,ତା ପାଠ ପଢ଼ାରେ ଖର୍ଚ ହେଉଛି କିଛି ଜାଣୁ ନାହିଁ । ମା, ସେ ଭଲ ପଇସା ପାଏ ରାଜମିସ୍ତ୍ରୀ । ଖାଲି ହିରୋ ଗିରି । ପିଇବ ଖାଇବ କିଛି ଜାଣେନା । ଆମେ ମା, ତିନି ଭଉଣୀ , ମୁଁ ହିଁ ଦୁଃଖ ରେ ଅଛି । କାହାକୁ କହିବି ଏ ଲୋକ ଟା ର କଥା ।ଆପଣ ଟିକେ

ଦରଦ ଦେଖେଇଲେ ବୋଲି ପାଟିରୁ ବାହାରି ପଡ଼ିଲା । କହି ଦେଲି ସିନା ଅନ୍ୟଙ୍କୁ କହି ଲାଭ କଣ ପାଇବି କହିଲେ । ହଁ.. ହଁ.. ଜୟନ୍ତି କହିଲେ, ଦୁଃଖ ଲାଗିଲା ତାଙ୍କୁ । ସେ କହିଲେ

ଆମେ ଯୋଉ ଦୋଳିରେ ଝୁଲୁ ସେ ଯେତିକି ପଛକୁ ଯାଏ ଠିକ ସେତିକି ଆଗକୁ ଯାଏ ଠିକ ଯେମିତି ସୁଖ ଓ ଦୁଃଖ ଜୀବନରେ ଆସିଥାଏ ଯାଇଥାଏ , ଜୀବନର ଝୁଲା ଯଦି ପଛକୁ ଯାଉଛି ଡରିବା କଥା ନୁହେଁ ସେ ଆଗକୁ ବି... ଠିକ ସେତିକି ଯିବ । ଏତିକି କହି, କହିଲେ ଏଇ ପାଖରେ ଆମ ଜଣେ ସାଧୁ ଅଛନ୍ତି ମୁଁ କାଲି ଯିବି ତୋ ପାଇଁ ରୁଦ୍ରାକ୍ଷ ଆଣିଦେବି ତୋ ବର ନାଁ ରେ ଆଣିବା । ଲତା କହିଲା ତାକୁ ତ ପିନ୍ଧେଇ ପାରିବିନି ଦେଖାଯିବ କ'ଣ କରିବି ଯେ ।

ଜୟନ୍ତୀ ତା ପରଦିନ ରୁଦ୍ରାକ୍ଷ ଗୋଟିଏ ଆଣି ଲତାକୁ ଦେଲେ। ନେ ଲତା ତୋ ବର ପାଇଁ। ଖୁସିରେ ଲତା କିଛି ପରିବର୍ତ୍ତନ ର ଆଶା ନେଇ ଘରକୁ ଗଲା ।

ଲତା ମା... ମା ଆଜି ଆଶ୍ଚର୍ଯ୍ୟ ମୋର ବର ଚାରି ହଜାର ତା କାମରୁ ପାଇଥିଲା ମତେ ଦି ହଜାର ଦେଇଛି । ହଁ ସତରେ ଲତା ଓ ଜୟନ୍ତୀ କହିଲେ । ଜାଣିଛନ୍ତି ମା ତାକୁ ପିନ୍ଧେଇ ହେବ ନାହିଁ ,ବାଘଟା । ସେ ଶୋଇ ପଡିବା ପରେ ମୁଁ ତା ତକିଆ ତଳେ ରୁଦ୍ରାକ୍ଷ କୁ ରଖି ଦେଇ ଥିଲି । ଟିକେ ସୁଧୁରି ଯାଆନ୍ତା କି ମା ! ଜୟନ୍ତି କହିଲେ ହଁ ରେ ସବୁ ଥିରେ 'ଧୈର୍ଯ୍ୟ' ।

ବୋହୁ ମିଳି ଆସି କହୁଛି ମା,... ମା, ...ଦେଖନ୍ତୁ ମୋ ରୁଦ୍ରାକ୍ଷ ଟା ସେଇ ଟେବୁଲ ତଳକୁ ଗଡ଼ି ଯାଇଥିଲା । କେତେ ଖୋଜିଛି ସେ ଦିନ । ସେଇ ଜାଗାରେ ପୁଣି ପାଇଲି । ଜୟନ୍ତୀ ଯୋର ରେ **ନିଃଶ୍ୱାସ** ନେଲେ ସେ ଲତାକୁ ଚୋର ବୋଲି ଭାବୁଥିଲେ । ଯଦି ସେ ଲତାକୁ କିଛି ଭଲ ମନ୍ଦ କହିଦେଇଥାନ୍ତେ ତେବେ ...?

ବୋହୁ କହୁଛି ଆଜି ମତେ ଭଲ ଲାଗୁଛି ମା।.. । ଜୟନ୍ତୀ କହିଲେ ହଁ... ହଁ, ମୁଁ କହୁ ନଥିଲି ଭଲରେ ଦେଖ ସେଇଠି ଥିବ ବୋଲି । ମା, ମୁଁ ଭଲରେ ଦେଖିଥିଲି । ହଉ ବେଳେ ବେଳେ ସେମିତି ହୁଏ । ସୂତାରେ ଲଗେଇ ହାତରେ ବାନ୍ଧି ଦେଲେ ସେ ରହିବ ଭଲରେ ଜୟନ୍ତୀ ବୋହୁକୁ କହିଲେ । ବୋହୁ ହସିଦେଇ ଚାଲିଗଲା ।

■■■

**ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍,**
**ଭୁବନେଶ୍ୱର୍**
**ମୋ : ୭୮୯୪୨ ୩୫୪୦୦**



# ସହଯାତ୍ରୀ



**ସୌମ୍ୟା ସାରସ୍ୱତା ପଣ୍ଡା**



ରାସ୍ତାଟା ଦୁଇ ଭାଗ ହୋଇ ଯାଇଥିଲା ସେ ଦୁହିଁଙ୍କ ପାଇଁ । ଦୁହେଁ ଦୁଇ ପଟେ ଚାଲି ଯାଉଥିଲେ ଉଭୟ ଉଭୟଙ୍କୁ ପଛ କରି । ଜୀବନକୁ ମନଇଚ୍ଛା ବଞ୍ଚିବାର ଖିଆଲରେ ସେମାନେ ମସଗୁଲ ହୋଇ ଉଠିଥିଲେ। ସାଥୀ ହୋଇ ସାରା ଜୀବନ ଚାଲିବା ପାଇଁ ଦେଇଥିବା ଅନେକ ପ୍ରତିଶ୍ରୁତି ନିଜ ନିଜର ଅହଂ ଆଉ ଆତ୍ମବଡିମା ଭିତରେ ଫସିଲ୍ ପାଲଟି ଯାଇଥିଲା ଯେମିତି। ଆଖିରେ ଥିଲା ଅସୁମାରୀ ସ୍ୱପ୍ନ । ଆହୁରି ବେଶି ପାଇବାର ଇଚ୍ଛା। ଉପରକୁ ଉଠିବାର ଲକ୍ଷ୍ୟ ନେଇ ଆଗେଇ ଯାଉଥିଲେ ସେମାନେ । ବାସ୍, ଆଉ ନୁହେଁ, ଏଇଠି ସମ୍ପର୍କକୁ ଭାଙ୍ଗି ଦେବାକୁ ପଡ଼ିବ । ବାହାନା ଥିଲା ସେଇ ଚିରାଚରିତ - ଘର ଲୋକମାନେ ରାଜି ହେଉ ନାହାନ୍ତି । କିନ୍ତୁ କାରଣ ଥିଲା ଅନ୍ୟ କିଛି । ଅଧିକ ପାଇବାର ଭୋକ ଭାଙ୍ଗି ଦେଇଥିଲା କିଛି ପ୍ରତିଶ୍ରୁତି କୁ।

ଦୁହେଁ ନିଜ ନିଜ ରାସ୍ତାରେ ଆଗେଇ ଯାଇଥିଲେ ବହୁତ ଦୂର ପର୍ଯ୍ୟନ୍ତ । ପ୍ରାଚୁର୍ଯ୍ୟ ଆଉ ପ୍ରଶଂସାରେ ପୋତି ହୋଇ ଯାଇଥିଲେ । ବ୍ୟାଙ୍କ ବାଲାନ୍ସ ବଢ଼ି ଚାଲିଥିଲା । କୁଢ଼ କୁଢ଼ ମାନପତ୍ର ବୈଠକଖାନାର କାନ୍ଥ, ଆଲମିରା ଅତିକ୍ରମ କରି ଏବେ ବାକ୍ସ ଭିତରେ ବନ୍ଦ ହୋଇ ରହୁଥିଲେ । ଜୀବନ ରଙ୍ଗୀନ ହୋଇ ଯାଇଥିଲା। ବଢ଼ୁଥିବା ବ୍ୟାଙ୍କ ବାଲାନ୍ସ ଆଉ ପରିବାରର ଦାୟିତ୍ୱ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିଲା। ସବୁ ଯେମିତି ସେମାନଙ୍କ ହାତ ମୁଠାରୁ ଧୀରେ ଧୀରେ ଖସି ଯାଉଥିଲା। ମାନପତ୍ର ଆଜିକାଲି ବୋଝ ଭଳି ଲାଗୁଥିଲା । ଦୁହେଁ କେମିତି ଅଣନିଃଶ୍ୱାସୀ ହୋଇ ପଡୁଥିଲେ । ଖୋଜୁଥିଲେ ରାସ୍ତା - ଏସବୁକୁ ପଛରେ ପକାଇ ଦେଇ ଆଗକୁ ଧାଇଁଯିବା ପାଇଁ । ଏମିତି ଦିନ ଆସିଲା, ଯେଉଁ ଦିନ ଦୁହେଁ ଅଚିହ୍ନା ରାସ୍ତାରେ ଆଗକୁ ପୁଣି ପାଦ ବଢ଼େଇଲେ । ରାତିର ଅନ୍ଧକାରରେ ତାରକାପୁଞ୍ଜ ବାଟ କଢ଼େଇ ନେଉଥିଲେ ଆଗକୁ ଆଗକୁ । ସିନ୍ଦୂରା ଫାଟିବା ଫାଟିବା ହେଉଥାଏ । ଅଚିହ୍ନା ରାସ୍ତା ସରୁ ନଥାଏ । ସବୁ ପଛରେ ଛାଡି ଆସିଥିବାରୁ ମାୟା ବି ଚାଲି ଯାଇଥିଲା କାହିଁ କେତେ ଦୂର। ସାଥୀରେ ଚାଲିବା ପାଇଁ ସହଯାତ୍ରୀଟିଏ ଖୋଜୁଥାନ୍ତି ଉଭୟ । ହେଲେ ବୟସର ଅପରାହ୍ନରେ ସହଜରେ ସହଯାତ୍ରୀ ମିଳୁଛି ବା କେଉଁଠୁ? ଆଉ କାହିଁକି ବା ମିଳିବ? କାହାର ଏକାକୀତ୍ୱକୁ ବାଣ୍ଟି ନେବା ପାଇଁ ସେମିତି ଏକାକୀ ହୃଦୟଟିଏ ଲୋଡ଼ା ।

ସକାଳ ପାହିଗଲା । ଆଗରେ ଅନେକ ରାସ୍ତା ଥିଲା । କିନ୍ତୁ ଦୁହେଁ ବାଛି ପାରୁ ନଥିଲେ କେଉଁ ରାସ୍ତାରେ ଯିବେ । ପଛରୁ ସେମାନଙ୍କ ଅତି ନିଜର ଆଉ ରକ୍ତର ଡାକ ଶୁଭୁଥିଲା । ମାନପତ୍ର ଆଉ ଉତ୍ତରୀୟ ଯେମିତି କହୁଥିଲେ- ସେମାନେ ଏବେ କରିବେ କ'ଣ ଏକୁଟିଆ ପଡ଼ି ପଡ଼ି? ବ୍ୟାଙ୍କ ବାଲାନ୍ସ ବି ସାପଟିଏ ହୋଇ ଦୌଡୁଥିଲା ପଛେ ପଛେ । ତା'ର ଆଁ ଭିତରେ ସେମାନେ ଦେଖି ପାରୁଥିଲେ ଶ୍ୱାନ ଶାଗୁଣାଙ୍କ ଲୋଲୁପ ଦୃଷ୍ଟି, ଯେଉଁମାନେ କହୁଥିଲେ- ତୁମେ ନୁହେଁ, କେବଳ ତୁମର ଟଙ୍କା ଆମକୁ ଦରକାର । ମୁଣ୍ଡ ବୁଲାଇ ଦେଉଥିଲା ଦୁହିଁଙ୍କର । ନା, କେବେ ନୁହେଁ ।

ଆଉ ପଛକୁ ଫେରି ହେବ ନାହିଁ । ଓଃ, କି ଯନ୍ତ୍ରଣା । ପୁଣି ପାଦ ଉଠାଇ ଚାଲିଲେ ନିଜ ନିଜ ରାସ୍ତାରେ ।

ମୁହାଁମୁହିଁ ହୋଇଗଲେ ଦିନେ ଗୋଟେ ଚଉମୁହାଣିରେ । ବୟସର ଭାର ଅନେକ ପରିମାଣରେ ଚାପି ଦେଇଥିଲା ଦୁହିଁଙ୍କୁ । କେହି କାହାକୁ ଚିହ୍ନି ପାରୁ ନଥିଲେ । ଦୁହିଁଙ୍କର ସହଯାତ୍ରୀ ଦରକାର ଥିଲା । ଗୋଟିଏ ରାସ୍ତାର ଦୁଇ ଧାରରେ ଚାଲିଲେ ଚୁପଚାପ୍ ସେମାନେ। କିଛି ବାଟ ଯିବା ପରେ ଟିକେ ଟିକେ କଥା । ଆଉ ତା' ପରେ ପରିଚୟ ଦିଆନିଆ । ସେଇ ମଳୟ ଆଉ ଜ୍ୟୋତ୍ସ୍ନା ଥିଲେ ଦୁହେଁ । କିଛି ବର୍ଷ ତଳର ପ୍ରେମୀ ହଂସ ଯୋଡ଼ା, ଯିଏ ଏମିତି ଚାଲି ଯାଇଥିଲେ ଦିନେ ପରସ୍ପରକୁ ପଛ କରି । ହେଲେ ଆଜିର କଥା ଥିଲା କିଛି ଅଲଗା । ଦୁହେଁ ଥିଲେ ସମ୍ପୂର୍ଣ୍ଣ ନିଃସ୍ୱ । ସ୍ୱପ୍ନସବୁ କ୍ୟାନଭାସ୍ ହୋଇ ଯାଇଥିଲା । ହେଲେ ସେ ଦୁହେଁ ଏବେ ଏକାଠି ହୋଇ ସାରିଥିଲେ । ପୁଣି ସେଇ ଏକା ରାସ୍ତାରେ ଚାଲୁଥିଲେ ସହଯାତ୍ରୀ ହୋଇ । ରାସ୍ତା ଆଉ ଜମାରୁ ସରୁନଥିଲା।

**ଅଧ୍ୟାପିକା, ନିମ୍ସ, ଭୁବନେଶ୍ୱର୍**
**ମୋ : ୭୦୦୮୩୭୦୧୭୧**

■■■

## ମାତୃଭାଷା : ହୃଦୟରେ ଭରିଦିଏ ଜାତିର ସ୍ୱାଭିମାନ

ରଶ୍ମି ସାମଲ





ଇତିହାସକୁ ପର୍ଯ୍ୟାଲୋଚନା କଲେ ବିରଦ୍ଧ କଳା ସ୍ଥାପତ୍ୟ ସାହିତ୍ୟ କ୍ଷେତ୍ରରେ ଆମ ଓଡ଼ିଶାର ଗୌରବ ବିଭିନ୍ନ ଗ୍ରନ୍ଥରେ ଉଲ୍ଲେଖ କରା ଯାଇଛି।ଏହାର ସଂସ୍କୃତି ଐତିହ ଓ ପରମ୍ପରା ର ମହତ୍ୱ ଅତୁଳନୀୟ। ମା ପରି ମନୁଷ୍ୟର ଅତି ପ୍ରିୟ ମାତୃଭାଷା। ଏହା ଦ୍ୱାରା ବ୍ୟକ୍ତିର ପ୍ରାଣରେ ଜାତୀୟ ଚେତନା ଜାଗ୍ରତ ହୋଇଥାଏ ଓ ଚିନ୍ତା ଚେତନାର ବଳିଷ୍ଠ ପରି ପ୍ରକାଶ କରିଥାଏ। ଶିଶୁର ଓଠରୁ ସତଃସ୍ଫୃତ ଭାବେ ଝରି ଆସିଥାଏ ତାର ନିଜ ଭାଷା।ହୃଦୟର ଆବେଗକୁ ଯେପରି ମାତୃଭାଷା ମାଧ୍ୟମରେ ପରିପ୍ରକାଶ କରେ ଅନ୍ୟ ଭାଷା ମାଧ୍ୟମରେ କରିପାରି ନଥାଏ।ଭାବର ସ୍ୱାଭାବିକ ପ୍ରକାଶ ନିମିତ୍ତ ମାତୃଭାଷା ଏକାନ୍ତ ପ୍ରୟୋଜନ।ଜାତି ଉନ୍ନତ ହେବ ମାତୃଭାଷା ଉନ୍ନତ ହେଲେ । କବି ଗଙ୍ଗାଧର ମେହେର ଯଥାର୍ଥରେ କହିଥିଲେ -

ଉଚ୍ଚ ହେବାପାଇଁ କର ଯେବେ ଆଶା ,
ଉଚ୍ଚ କର ଆଗେ ନିଜ ମାତୃଭାଷା।

କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଅନେକ ଶିକ୍ଷିତ,ଓ ଅତି ଉଚ୍ଚ ଶିକ୍ଷିତ ଯାହାଙ୍କୁ ଆମେ ଭାବୁଛେ, ସେମାନେ ଇଂରାଜି ଭାଷାକୁ ମାତୃଭାଷା ଅପେକ୍ଷା ବେଶି ଆଦର ଓ ସ୍ନେହ କରୁଛନ୍ତି।ସଭା ସମିତିରେ ଓଡ଼ିଆରେ ଭାଷଣ ନ ଦେବାରେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି । ବିବାହ ବ୍ରତ ଆଦିରେ ନିମନ୍ତ୍ରଣ ପତ୍ର ଓଡ଼ିଆରେ ନ ଛାପି ଇଂରାଜୀରେ  ଛାପି ନିଜକୁ ଗୌରବାନ୍ୱିତ ତଥା ଅନ୍ୟମାନଙ୍କ ଠାରୁ ଉଚ୍ଚତର ବୋଲି ମନେ କରନ୍ତି । ଏମିତି ଚିନ୍ତାଧାରା ଥିବା ବ୍ୟକ୍ତି ଜାତି ଓ ଦେଶର ଶତ୍ରୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପିଲା ଯଦି ଓଡ଼ିଆ ରେ କଥା ନ ହୋଇ ହିନ୍ଦୀ ଓ ଇଂରାଜୀରେ ପଦେ କହିଦିଏ ବାପା ମା'ଙ୍କର ଛାତି କୁଣ୍ଢେ ମୋଟ ହୋଇଯାଏ । କହିବା ବାହୁଲ୍ୟ ଏହି ଆଧୁନିକ ସମାଜର ବିକୃତ ପ୍ରତିଛବି । ଅନେକ ପିତା ମାତା ପଶ୍ଚିମା ସଭ୍ୟତାରେ କବଳିତ। ଅନେକ ସ୍ଥଳରେ ଦେଖାଯାଏ ଛାତ୍ରଛାତ୍ରୀମାନେ ପରୀକ୍ଷା ପୂର୍ବ ଦିନ ରାତି ମାତୃଭାଷା ସମ୍ପର୍କୀୟ ପୁସ୍ତକ ଅଧ୍ୟୟନ କରି ପ୍ରସ୍ତୁତ ହୁଅନ୍ତି । ଏଥିରୁ ସେମାନଙ୍କର ଆଗ୍ରହ ସ୍ପଷ୍ଟ ବାରି ହୋଇପଡେ । ତେଣୁ ମାତୃଭାଷା ପ୍ରତି ଶିକ୍ଷା କ୍ଷେତ୍ରରେ କିପରି ବିଶେଷ ଗୁରୁତ୍ୱ ଆରୋପ କରାଗଲେ ଛାତ୍ରଛାତ୍ରୀମାନେ ଆକୃଷ୍ଟ ହେବେ ପ୍ରଥମେ ବାପା ମା ଓ ପରେ ଶିକ୍ଷକ ଶିକ୍ଷୟତ୍ରୀ ଗୁରୁତ୍ୱ ପ୍ରଦାନ କରିବା ଉଚିତ। ଗୋଟିଏ ବାର୍ତ୍ତା ନିଶ୍ଚିତ ଯେଉଁ ପରିବାରରେ ମାତୃଭାଷାରେ ଭାଷାର ଆଦାନ ପ୍ରଦାନ ହୋଇଥାଏ ସେଠାରେ ଶିଶୁ ପ୍ରକୃତରେ ଜ୍ଞାନର ଅଧିକାରୀ ହୋଇଥାଏ । ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କରାଗଲେ ଶିକ୍ଷାର ଭାବକୁ ଯେ ଛାତ୍ରଛାତ୍ରୀମାନେ ସହଜରେ ଗ୍ରହଣ କରିବେ ଏହା ନିଃସନ୍ଦେହ । ଆମ ଓଡ଼ିଆ ବର୍ଣ୍ଣବୋଧରେ ଏତେ ସୁନ୍ଦର ଭାବରେ ଅରଟ ,ଆତ, ଚକ, କଳ, ନଳ ,ଏତେ ସୁନ୍ଦର ପ୍ରାଞ୍ଜଳ ଭାବରେ ଲେଖାଥିବା ବେଳେ କାହିଁକି ଯେ ସେ ସବୁ କୁ ଭୁଲି ଏ ଫର ଆପଲ, ବି ଫର ବଲ, ସି ଫର୍ କ୍ୟାଟ, ଏ ସବୁର ମାନେ କଣ। ଅଭିଭାବକମାନେ ଶିଶୁକୁ ଏପରି କଣ ପାଇଁ ଉତ୍ସାହିତ କରୁଛନ୍ତି। ହଁ, ମୁଁ ସହମତ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯିବା ପାଇଁ ସବୁ ଭାଷାର ଆବଶ୍ୟକତା ରହିଛି। ତା' ମାନେ ନୁହେଁ ଆମେ ଆମ ନିଜ ମାତୃଭାଷାକୁ ଭୁଲି ଯିବା। ଏତାଦୃଶ ହୀନମନ୍ୟତା ପରିହାର କରିବା ବାଞ୍ଛନିୟ । ଡାକ୍ତରୀ,ଇଞ୍ଜିନିୟରିଂ ବିଭିନ୍ନ ବୈଷୟିକ ଶିକ୍ଷା ମାତୃଭାଷା ମାଧ୍ୟମରେ ସହଜରେ ନିଶ୍ଚିତ ଗ୍ରହଣ କରିପାରିବେ । ଏହା ନିଃସନ୍ଦେହ ରେ କୁହାଯାଇପାରେ। ଅର୍ଥନୀତି, ରାଜନୀତି,ବିଜ୍ଞାନ,ଦର୍ଶନ,ମନସ୍ତତ୍ତ୍ୱ ଇତିହାସ, ଆଇନ ପ୍ରଭୃତି ମତୃଭାଷା ମାଧ୍ୟମରେ ଅନୁଦିତ ହୋଇ ଶିକ୍ଷା ଦିଆଗଲେ ସାଧାରଣ ଲୋକ ମଧ୍ୟ ଜ୍ଞାନ ଅର୍ଜନ କରିପାରିବେ । ବିଭିନ୍ନ ସମୟରେ ମାତୃଭାଷାର ଉନ୍ନତି ପାଇଁ ବିଭିନ୍ନ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ଜରୁରୀ।

ଜାତି ବଞ୍ଚେ ଭାଷାକୁ ନେଇ। ଗୋଟିଏ ଜାତିର ଭାଷା ତାହାର ଶ୍ରେଷ୍ଠ ସମ୍ପଦ। ଭାଷାକୁ ନେଇ ଜାତି ଗର୍ବ କରେ। ମାତୃଭାଷା ହିଁ ଭରିଦିଏ ଜାତିର ଅନ୍ତରାତ୍ମାରେ ସ୍ୱାଭିମାନ।

ମାତୃଭାଷାରେ ଉନ୍ନତି ବିଧାନ ପାଇଁ ଗବେଷଣା ହେବା ଆବଶ୍ୟକ । ଏଥି ପାଇଁ ପ୍ରଶସ୍ତ ଗବେଷଣା କ୍ଷେତ୍ର ପ୍ରସ୍ତୁତ ହେବା ଉଚିତ । ସରକାରୀ ତଥା ବେସରକାରୀ ଉଦ୍ୟମ ଅବ୍ୟାହତ ରହିବା ବାଞ୍ଛନିୟ । ଏହା ଛଡା ବିଭିନ୍ନ ପୁସ୍ତକ ପ୍ରକାଶନ ସଂସ୍ଥା ତଥା ବ୍ୟକ୍ତି ବିଶେଷ ମାତୃଭାଷାର ଉନ୍ନତି ପାଇଁ ବିଭିନ୍ନ ଉପାଦେୟ ପୁସ୍ତକ ପ୍ରକାଶନ କରିବାର ଦାୟିତ୍ୱ ବହନ କରିବା ଆବଶ୍ୟକ। ମତୃଭାଷା ମଣିଷର ପ୍ରିୟତମ ଉପାଦାନ। ମନୁଷ୍ୟ ଜୀବନକୁ ଯେତିକି ଭଲ ପାଏ ତାର ନିଜ ଭାଷାକୁ ଅଧିକରୁ ଅଧିକତର ଭଲ ପାଇବା ଉଚିତ।

ସ୍ଵାଧୀନତା ପ୍ରାପ୍ତି ପରେ ଦେଶର ରାଜନୀତିଜ୍ଞ ତଥା ବିଶିଷ୍ଟ ଶିକ୍ଷାବିତ ମାନେ ମାତୃଭାଷା ମାଧମରେ ଶିକ୍ଷାଦାନ ପ୍ରଣାଳୀକୁ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ମାତୃ ସମ୍ବନ୍ଧୀୟ ଭାଷା ବା ନିଜର ଜନ୍ମଭୂମି ସହିତ ସମ୍ବନ୍ଧିତ ଭାଷା ହିଁ ମାତୃଭାଷା । ମା' ଯେପରି ସନ୍ତାନ ପାଖରେ ସବୁଠାରୁ ଆଦରଣୀୟ ହେବାର ଦେଖାଯାଏ, ଅନୁରୂପ ଭାବେ ମାତୃଭାଷା ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ଏକାନ୍ତ ଆଦରଣୀୟ ଓ ଗ୍ରହଣୀୟ ।

ଦେଖାଯାଉଛି ଅନେକ ଶିକ୍ଷିତ ଲୋକ ମାତୃଭାଷାରେ ଲିଖିତ ପୁସ୍ତକ କ୍ରୟ ନ କରି ହିନ୍ଦୀ ଇଂରାଜୀରେ ପ୍ରକାଶିତ ପୁସ୍ତକ ପତ୍ରପତ୍ରିକା କ୍ରୟ କରି ଅଧ୍ୟୟନ କରନ୍ତି। ସତେ ଯେପରି ମାତୃଭାଷା ରେ ପ୍ରକାଶିତ କୌଣସି ଉପାଦେୟ ପୁସ୍ତକ ବା ପତ୍ର ପତ୍ରିକା ନାହିଁ। ମାତୃଭାଷା ମାଧମରେ ଶିକ୍ଷାଦାନର ଉପଯୋଗୀତା ଓ ଆବଶ୍ୟକତା ସମ୍ପର୍କରେ ଗୋପବନ୍ଧୁ ଲେଖିଥିଲେ,"ଯେଉଁ ଶିକ୍ଷା ପ୍ରଣାଳୀରେ ବୈଦେଶିକ ଭାଷା ଅବଲମ୍ବନ ତାହା ଜାତୀୟ ଶିକ୍ଷା ନୁହେଁ। କାରଣ ସେ ପ୍ରଣାଳୀରେ ଜାତିର ସବୁ ଶ୍ରେଣୀର ଲୋକ ଙ୍କ ପାଖରେ ଶିକ୍ଷା ପଂହଁଚି ପାରେ ନାହିଁ। ଯାହା ଫଳରେ ଶିକ୍ଷିତ ଓ ସାଧାରଣ ଙ୍କ ମଧରେ ବ୍ୟବଧାନ ହୁଏ।

ଗୋଟିଏ ଜାତିର ଭାଷା ତାର ଶ୍ରେଷ୍ଠ ସମ୍ପଦ। ଭାଷାକୁ ନେଇ ଜାତି ଗର୍ବ କରେ ।ଏହାକୁ ଧ୍ୱଂସାଭିମୁଖୀ ନକରି ପ୍ରଗତି ପଥରେ ଅଗ୍ରସର କରିବାରେ ଆମ ପ୍ରତ୍ୟକ ଙ୍କର ସହଯୋଗ ନିତାନ୍ତ ଆବଶ୍ୟକ। ସଚେତନତା ପାଇଁ ଆମ ଭାଷାର ପ୍ରଚାର ପ୍ରସାର ଖବର କାଗଜ ଦୂରଦର୍ଶନ ଓ ବେତାର ମାଧମ ରେ ହେବା ଉଚିତ।ମାତୃଭାଷା ହିଁ ଭରି ଦିଏ ଜାତିର ଅନ୍ତରାତ୍ମାର ସ୍ୱାଭିମାନ।ଏହାର ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ। ନିଜ ମାତୃ ଭାଷାକୁ ନିଚ୍ଛକ ଭଲ ପାଇବାକୁ ହେବ । ସ୍ମରଣ ରଖିବାକୁ ହେବ ଯେ -

"ମାତୃଭୂମି ମାତୃଭାଷା ଉଭୟ ଜନନୀ
ସେବ ତାକୁ ଭକ୍ତି ଭରେ ଦିବସ ରଜନୀ"

ପ୍ରାଥମିକ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ମାତୃଭାଷା ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ। ମୋର ଅନୁରୋଧ ନିଜ ମାତୃଭାଷା ଠାରୁ ଦୂରେଇ ଯାଅନି। ନିଜ ମାତୃଭାଷା ନିଜ ପରିଚୟ । କୌଣସି ସମୟରେ ଅସ୍ୱୀକାର କରା ଯାଇ ନ ପାରେ।

■■■

ଭୁବନେଶ୍ୱର୍
ମୋ : ୯୪୩୭୧୧୫୮୭୫

# ଲାଲ୍ ସଲାମ୍ ବିପ୍ଳବୀ ବାଜି ରାଉତ

**ଚିତ୍ତ ରଞ୍ଜନ ନନ୍ଦ**



ବାଜି ! ତମକୁ ଲାଲ୍ ସଲାମ୍ ଜଣାଉଛି। ଏ ସଲାମ୍ କେବଳ ମୋ'ର ନୁହେଁ, ସମଗ୍ର ବିପ୍ଳବୀ ଜନତାର ! କାରଣ ତମେ ଦେଶର ସର୍ବକନିଷ୍ଠ ଶହୀଦ |

୮୩ ବର୍ଷ ତଳର ସେହି ଦିନ, ଇତିହାସରେ ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖର ଘଟଣା | ସେତେବେଳର ଢେଙ୍କାନାଳ ରାଜ୍ୟର ଭୁବନ ଗ୍ରାମରେ ଅକ୍ଟୋବର ୧୦ ତାରିଖ ରାତ୍ରିର ମଧ୍ୟଭାଗ | ପ୍ରଜାମଣ୍ଡଳ କର୍ମୀଙ୍କୁ ସଂହାର ପରେ ବ୍ରିଟିଶ ଫଉଜ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ନୀଳକଣ୍ଠପୁର ଘାଟରେ ଉପସ୍ଥିତ ହୁଅନ୍ତି ରାତ୍ରିର ଶେଷ ପ୍ରହରରେ | ଭୋର୍ ଚାରିଟା ସମୟ | ଭୁବନ ଗ୍ରାମର ନରସଂହାର ବାର୍ତ୍ତା ବ୍ୟାପି ଯାଉଥାଏ ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ | ନୀଳକଣ୍ଠପୁର ଘାଟ ହିଁ ଏକମାତ୍ର ଭରସା, ଢେଙ୍କାନାଳ ସହରକୁ ଯିବା ପାଇଁ | ବ୍ରିଟିଶ ଫଉଜଂକୁ ଅଡ଼ି ବସିଲେ ଗ୍ରାମବାସୀ ଓ ପ୍ରଜାମଣ୍ଡଳ କର୍ମୀ | ଘଟାଇ ଥିବା ହୀନ କାର୍ଯ୍ୟରେ ଭୟାତୁର ପୋଲିସ ଫଉଜ, ଜୀବନ ବଞ୍ଚାଇବା ପାଇଁ କମ୍ପିତ ଗଳାରେ ଡଙ୍ଗାରେ ପାର କରିଦେବା ପାଇଁ ମାଜିଷ୍ଟ୍ରେଟ ବିନୟ ଘୋଷଙ୍କ ହୁକୁମ। ଭୁବନ ନାରକୀୟ ଗୁଳିକାଣ୍ଡର ରକ୍ତମୁଖା ପୋଲିସର ଆଦେଶ | ପ୍ରଜାମଣ୍ଡଳର ଜିଦ୍, "ଡଙ୍ଗାରେ ପାର କରାଯିବ ନାହିଁ" | ଡଙ୍ଗାର ମଙ୍ଗ ଉପରେ ବାର ବରଷର ବାଳୁତ | ଫଉଜଙ୍କ ଆଦେଶର ପ୍ରତିଧ୍ୱନି ତୋଳିଲା କୋମଳ କଣ୍ଠ –

"ଡଙ୍ଗା ଫିଟାଇବି ନାହିଁ କି ଯିବାକୁ ଦେବି ନାହିଁ."

ଏ ଥିଲା ଶେଷ ବାକ୍ୟ ! ତାପରେ ସବୁ ଶେଷ | ବନ୍ଧୁକ ଗୁଳିର ହେଲା ଶୀକାର ବାଜି |

ଛଅଟି କୋକେଇ ! ଛଅଟି ଶରୀର ! ନଦୀକୂଳରେ ପାଞ୍ଚ, ଡଙ୍ଗା ଉପରେ ଏକ ! ହୁରୁଷି, ଦୀନବନ୍ଧୁ, ନଟ, ଫଗୁଣ, ଲକ୍ଷ୍ମଣ ଶୋଇ ଯାଇଛନ୍ତି ଚିରନିଦ୍ରାରେ, ଘେରି ରହିଛନ୍ତି ଆତ୍ମୀୟ ମାନେ | ମା' ରାଣିଆ ଦେଇଙ୍କ କୋଳରେ, ଚିରନିଦ୍ରିତ ବାଜି ରାଉତ |

ଏ ଅବସ୍ଥାକୁ ଦେଖି, ମୁଁ ତ କହିବି ସେ ନଥିଲେ ଚିରନିଦ୍ରିତ | ସେ ଥିଲେ, ଯେ ହଜାର ହଜାର ପ୍ରଜାମଣ୍ଡଳ କର୍ମୀଙ୍କୁ ନିଦରୁ ଉଠେଇ ଦେଇ ଥିବା ବୀର ବାଳକ ବାଜି ରାଉତ |

ବିଷଣ୍ଣ ଲୋତକାପ୍ଲୁତ ନୟନରେ ପହଞ୍ଚିଲେ ସେତେବେଳର ନେତା ବଳଦେବ ଲାଲା, କୃଷକ ନେତା ଫନୀ ପାଲ୍ ଓ ତାଙ୍କ ସହ ତିନୋଟି ଡଙ୍ଗା, ତିନି ଜଣ ନାବିକ | ଛଅଟି କୋକେଇକୁ ଡଙ୍ଗାରେ ରଖି ପଟୁଆର ଚାଲିଲା ଜେନାପୁର ରେଳ ଷ୍ଟେସନ ଅଭିମୁଖେ | ନୀଳକଣ୍ଠପୁର ଘାଟ ଡେଇଁବା ପରେ କଁପାଳ, କୁମୁଡି, ବଞ୍ଚା, ମଙ୍ଗରାଜପୁର, ପଙ୍କପାଳ ଘାଟ ଗୁଡ଼ିକ ଲୋକାରଣ୍ୟ !

ଡଙ୍ଗା ଘାଟ ମାନଙ୍କରେ ପହଞ୍ଚିବା କ୍ଷଣି ମା'ମାନଙ୍କ କ୍ରନ୍ଦନ ସହ ହୁଳହୁଳି, ପୁରୁଷମାନଙ୍କ ହରିବୋଲ ଧ୍ୱନି ପ୍ରକମ୍ପିତ କରୁଥିଲା ସମଗ୍ର ଅଞ୍ଚଳକୁ | ଶୁଭ କାର୍ଯ୍ୟ ଭଳି ହୁଳହୁଳି ଓ ହରିବୋଲର ଝଙ୍କାର ! କିନ୍ତୁ ଏମାନଙ୍କୁ ଅଟକାଇବ ବା କିଏ ? ଏ ଯାତ୍ରା ଥିଲା ଶୁଭଯାତ୍ରା, ମହାନାୟକର ଯାତ୍ରା |

ଜେନାପୁର ରେଳ ଷ୍ଟେସନରେ ପହଞ୍ଚିଲେ ଛ'ଟି କୋକେଇ ସହ କିଛି ଗ୍ରାମବାସୀ ଓ ପ୍ରଜାମଣ୍ଡଳ କର୍ମୀ ଏଇଠୁ ବିଦାୟ ନେବେ ମହାନାୟକର ଶେଷ ଦର୍ଶନ ସାରି | ଅପେକ୍ଷା କରିଥିଲେ ସତ୍ୟାଗ୍ରହୀ ବୈଷ୍ଣବ ପଟ୍ଟନାୟକ ଓ ମେଡିକାଲ ଛାତ୍ର ରବି ଘୋଷ ! ଏଇଠୁ ରେଳ ଯାତ୍ରା ରାଜଧାନୀ କଟକକୁ !

କଟକରେ ପହଞ୍ଚିଲା  ଛଅଟି କୋକେଇ | ବ୍ୟବଛେଦ ହେଲା |    ଛଅଟି ଶଗଡ଼ ଗାଡ଼ିର ପଟୁଆର ଆରମ୍ଭ ହେଲା ଖାନନଗର ଶ୍ମଶାନ ଅଭିମୁଖେ | ଶଗଡ଼ ଯେ ବଳଦ ବିହୀନ ! ମଣିଷ ବରିନେଇଛି ବଳଦର କାମ ! ଶଗଡ଼ର ଚାଳକ (ହାତରେ ଟାଣୁଥିବା) ମଣିଷ ମାନଙ୍କ ମଧ୍ୟରେ ଆଗରେ ଥିଲେ ନବ ଉତ୍କଳର ମହାନ ପ୍ରତିଭାଗଣ, ସଚ୍ଚି ରାଉତରାୟ, ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ, ସମାଜସେବୀ ଓ ଓକିଲ ବିଶ୍ଵନାଥ ପଶାୟତ, ଗୋବିନ୍ଦ ମହାନ୍ତି, ମୋତିଲାଲ ତ୍ରିପାଠୀ ଏବଂ ମେଡିକାଲ ଛାତ୍ରସଂସଦ ସଭାପତି ରବି ଘୋଷ |

ଶଗଡ଼ର ପଶ୍ଚାତରେ ଥିଲେ, ନବକୃଷ୍ଣ ଚୌଧୁରୀ, ପଣ୍ଡିତ ପ୍ରାଣକୃଷ୍ଣ ପଢିଆରୀ, ବିପ୍ଳବୀ ଭଗବତୀ ପାଣିଗ୍ରାହୀ, ସୁରେନ୍ଦ୍ର ନାଥ ଦ୍ଵିବେଦୀ, ସାରଙ୍ଗଧର ଦାସ, ବୈଷ୍ଣବ ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାସ !

ଲୋକେ କହନ୍ତି ...

"କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଶବ ଶୋଭାଯାତ୍ରା ପରେ ଏତେ ବଡ଼ ଶବ ଶୋଭାଯାତ୍ରା କଟକରେ ହୋଇ ନ ଥିଲା।"
ଛଅଟି କୋକେଇ ପହଞ୍ଚି ଗଲା ଖାନନଗର ଶ୍ମଶାନରେ | ଗୋଟିଏ ଚିତାରେ ଶୁଆଇ ମୁଖାଗ୍ନି ଦିଆଗଲା | ସେଇ ଜୁଇ ପାଖରେ ବସି ରହି ଲୋତକଭରା ନୟନରେ ଶ୍ରଦ୍ଧାଞ୍ଜଳୀ ଦେଲେ ସଚ୍ଚି ରାଉତରାୟ —

"ନୁହେଁ ବନ୍ଧୁ, ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା।
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି, ଜାଳି ପୋଡ଼ି
ଦେବାକୁ ଧସାଇ।
ଏ ଶିଖା ଦେଇଛି ଆଜି
ଇତିହାସେ ହାତ ଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ
ମୁକୁଳିତ ମୃତ୍ୟୁହୀନ ପ୍ରାଣ . . "

ଦଶାହ ମଧ୍ୟରେ ଅନ୍ୟତମ ପ୍ରଖ୍ୟାତ କବି କାଳିନ୍ଦୀଚରଣ ପାଣିଗ୍ରାହୀ ଗାଇ ଉଠିଲେ —

"ଝାଳ ଦେଇ ତୁ'ରେ ଗଢିଲୁ ରାଇଜ ରଜା
ଲହୁ ଢାଳି ଆଜି ହତିଆର ତୋ'ର ପଜା
ବେଳ ଏହି ବେଳ ଏହି
ଗଢ଼ିଥିଲୁ ଯାକୁ ତଡିବୁ ତାହାକୁ
ନ ଶୁଅରେ ଆଉ ଚେଇଁ।

କୋଣାରକ ଠାରୁ ଗଢିଲୁ ଦେଉଳ ବଡ଼
ନ ମାନିଲୁ ରାଜା ଗୁଳି ବନ୍ଧୁକ ଝଡ଼
ଏଡ଼େ ଅବିନୀତ ଟୋକା
ଢେଙ୍କାନାଳର କଙ୍କାଳ ଟାଣି ବଜାଇଲୁ
ଜୟ ଡଙ୍କା।

ବଜାଇଲୁ ତୁ ତ ଦୁନିଆ ଉପରେ ବାଜା
ଛାତିକୁ ଫୁଲାଇ 'ନାହିଁ ରାଜା ! ନାହିଁ ରାଜା।'
କାହିଁ ଶିଖିଲୁ ଏ କଥା
କହ କହ ବାଜି କାହା ଲାଗି ଆଜି
ବଳିଦେଲୁ ନିଜ ମଥା।"

ପ୍ରତିବାଦ ସଭା ହେଲା କଟକ ଟାଉନହଲ୍ ପଡ଼ିଆରେ, ଅକ୍ଟୋବର ୧୩ ତାରିଖ ଦିନ। ସେହିଦିନ ଢେଙ୍କାନାଳର ପ୍ରତାପୀ, ନରସଂହାରର ସୂତ୍ରଧାର ରାଜା ଶଙ୍କର ପ୍ରସାଦ ଭୟରେ ଓଡ଼ିଶା ଛାଡ଼ି ପଳାଇ ଗଲେ କଲିକତା ବ୍ରିଟିଶ ଫଉଜଙ୍କ ଗହଣରେ | ସଭା ଚାଲିଥିବା ବେଳେ ସେଠାରେ ଏହି ଖବର ପ୍ରଚାରିତ ହୋଇଗଲା |

ପୂଜ୍ୟ ନବକୃଷ୍ଣ ଚୌଧୁରୀ ଉତକ୍ଷିପ୍ତ ହୋଇ କୋହ ଜର୍ଜରିତ କଣ୍ଠରେ ଭାଷଣ ଦେଲେ —

"ରାଜା ଫାଷ୍ଟକ୍ଲାସ କମ୍ପାଟମେଣ୍ଟରେ ଦରଜା ଭିତରୁ ବନ୍ଦ କରି ମନେ କରୁଛି, ସେ ଏଥର ନିରାପଦ। ଅନ୍ତତଃ ପାଖ ଡବାରେ ବନ୍ଧୁକଧାରୀ ପୋଲିସ ଫଉଜ ଅଛନ୍ତି। କିନ୍ତୁ ସେ ଜାଣେନା, କମ୍ପାଟମେଣ୍ଟ ଭିତରେ ଅଛି ଭୂତ। ଶହୀଦ ବାଜି ରାଉତର ଭୂତ। ଭୂତ ଚିତ୍କାର କରୁଛି, 'ତୁ ଆମର ଘାତକ, ତୁ ଆମର ହତ୍ୟାକାରୀ – ଏଥର ତୋର ମୁକ୍ତି ନାହିଁ, ଏଥର ପରିତ୍ରାଣ ନାହିଁ।'

ଭୟ ଆତଙ୍କରେ ରାଜା ଆଖି ବନ୍ଦ କରି ଦେଉଛି। କିନ୍ତୁ ନିଦ୍ରା କାହିଁ ? ଆଖି ଖୋଲିଲା ମାତ୍ରେ ଦେଖୁଛି, କେବଳ କଙ୍କାଳ, ତାଣ୍ଡବ ନୃତ୍ୟରତ ଛ'ଟା ମଣିଷର କଙ୍କାଳ। ବାଜି, ହୁରୁଷି, ରଘୁ, ଗୁରି, ନଟ ଓ ଲକ୍ଷ୍ମଣଙ୍କ କଙ୍କାଳର ବିକଟ ଅଟ୍ଟହାସ୍ୟରେ କମ୍ପାଟମେଣ୍ଟ ଫାଟି ପଡୁଛି" ଇତ୍ୟାଦି ଇତ୍ୟାଦି।

ହେ ଶ୍ରଦ୍ଧେୟ ବାଜି ! କେଉଁ ଜଲ୍ଲାଦ ମାରିପାରେ ତମକୁ ? ତୁମେତ ଶ୍ରେଷ୍ଠଫୁଲ ଓ ମୃତ୍ୟୁହୀନ ପ୍ରାଣ ! ମୋର ସଂଗ୍ରାମୀ ଅଭିବାଦନ ଗ୍ରହଣ କର ହେ ବାଜି !

■■■

କଟକ



# ଭକ୍ତି ରୂପେଣ ସଂସ୍ଥିତା



ଶ୍ରୀ କୁଞ୍ଜବିହାରୀ ସାହୁ



ଏଇ କେତେ ଦିନ ହେଲାଣି ଆକାଶରୁ କଳା ବାଦଲ ହଟିଯାଇଛି । ତୁଳାଭିଣା ପରି ମେଘ ଖଣ୍ଡ ଭାସିବୁଲୁଛି । ନୀଳ ଆକାଶ ମୁଣ୍ଡ ଉପରେ ପହଁରା ମାରୁଛି । ନୀଳ ଜଳରାଶି ବି ନିମନ୍ତ୍ରଣ କରୁଛି ସମସ୍ତଙ୍କୁ । କାଶତଣ୍ଡୀର ଶୁଭ୍ରକାନ୍ତି ମନ ମୋହିନେଉଛି । ବାଟରେ ଘାଟରେ ଲୋକେ କୁହାକୁହି ହେଲେ ଅଶିଣ ଆସିଯାଇଛି । ଶରତ ଋତୁ ପାଦ ଥାପିଦେଇଛି । ଆଉ ଚାରିଆଡ଼େ ପାର୍ବଣର ମହମହ ବାସ୍ନା ଘୂରିବୁଲୁଛି । ଦେବୀ ଅଭୟଦାୟିନୀ, ଶକ୍ତିଦାୟିନୀ, ଭକ୍ତିଦାୟିନୀ ମା ଦୁର୍ଗା ମରତକୁ ଆସିଯାଇଛନ୍ତି ।

ବାହାଘର ପରେ ପରେ ଗାଁରୁ ଆସିଛି ଦେବକାନ୍ତି । ତା ଶ୍ୟାମଳ ରଙ୍ଗର ଦେହଟା ସଫା ଦିଶୁଛି । ବାହାଘର ପରେ ଦେହର ରଙ୍ଗଟି ବଦଳିଯାଏ ବୋଧହୁଏ !! ସହରରେ ରହିଛି ଦେଢ ବର୍ଷ ହେଲା ଦେବକାନ୍ତି, ମା' ଦୁର୍ଗାଙ୍କୁ ଦର୍ଶନ କରିବାର ଅଭିଳାଷକୁ ପଣତରେ ଗଣ୍ଠିପକେଇ ଦେଇଛି । କରୋନା କବଳରୁ ସିନା ଖସିଯାଇଛି ହେଲେ ଏତେ ଶୀଘ୍ର ପ୍ରେଗନାଣ୍ଟ ହେଇଯିବ ବୋଲି ଭାବିନଥିଲା ସେ । ଦେହ ମନ ଯୋଡ଼ି ହେଇଗଲାପରେ ଏମିତି ହୁଏ ବୋଲି ଜାଣିନଥିଲା । ଗାଉଁଲି ଝିଅଟି ସେ । ବାପା, ମାଆଙ୍କର ଆକଟକୁ ଆଡ଼େଇ କୁଆଡ଼େ ଯାଇପାରୁନଥିଲା । ଘରେ ରହି ରହି ସଂସାର କେମିତି କରିବ ବୁଝିବା ଆଗରୁ ହାତଗଣ୍ଠି ପଡ଼ିଗଲା ଅୟସକାନ୍ତଙ୍କ ସହ । ଖୁବ୍ ସରଳ, ଶାନ୍ତ, ସ୍ୱଭାବର ମଣିଷଟେ ଅୟସକାନ୍ତ । ପିଲାଟିବେଳୁ ଅୟସରେ ବଢ଼ିଥିଲା ବୋଲି ନାଁ ଦିଆହେଇଥିଲା ଅୟସକାନ୍ତ ।

ଏଥରକ ପୂଜା ମଣ୍ଡପରେ ତୋରଣ ଓ ଆଲୁଅର ପସରା ମେଲିଛି । ମା ଜଗତଜନନୀଙ୍କ ଆଗମନୀକୁ ଶ୍ରଦ୍ଧାଳୁ ଭକ୍ତ ଚାହିଁ ବସିଛନ୍ତି । ଦେବକାନ୍ତିର ଅଥୟ ମନ । ପୂଜା ମଣ୍ଡପରେ ଥରୁଟେ ମା' ଙ୍କୁ ଦର୍ଶନ କରିଦେଲେ ତା ମନସ୍କାମ ପୂରିଯାଆନ୍ତା । ଯିବାକୁ ଇଛା ଥିଲେ ବି ଗହଳିଚହଳି ସଂପୂର୍ଣ୍ଣ ମନା । କାରଣ ସେ ଆଡଭାନସ ଷ୍ଟେଜରେ । ସନ୍ଧ୍ୟାରେ ନ ଯାଇ ବରଂ ଦ୍ୱିପହରେ ଦେବୀ ଦୁର୍ଗାଙ୍କୁ ମୁଣ୍ଡିଆଟେ ମାରିବ ବୋଲି ଆଶା ବାନ୍ଧିଲା । ଦେବକାନ୍ତି ତୟାର ହେଇସାରିଛନ୍ତି । ନୂଆ ଶାଢି ପିନ୍ଧିଛନ୍ତି । ଅୟସକାନ୍ତଙ୍କୁ ନେଇ ଦେବୀପୀଠକୁ ବାହାରିଯିବ ।

ହଠାତ୍ ମୁଣ୍ଡ ବୁଲେଇଦେଲା ତାଙ୍କର । ଶେଯରେ ଶୋଇଗଲେ କିଛି ସମୟ । ଦେହରୁ ଝାଳ ବାହାରିଗଲା । ସୁଗାର ଲେଭେଲ କମିଗଲା କି ? ଦେବକାନ୍ତି ଏକ ଅଜଣା ଭୟରେ ଡରିଗଲେ । କାନ୍ଥରେ ଟଙ୍ଗା ହେଇଥିବା ଦୁର୍ଗତିନାଶିନୀ ଦୁର୍ଗା ମା'ଙ୍କୁ ମୁଣ୍ଡିଆ ମାରିଲେ । ଆକୁଳ ମନରେ କହିଲେ- "ମା , ତୁ ପରା ଦୁଃଖରେ ସାହାଭରସା । ତୋହରି ଦର୍ଶନ କରିବି ବୋଲି କାହିଁ କେତେବେଳୁ ଅପେକ୍ଷା କରିଛି । ତୁ କଅଣ ଆମ ଦୁହିଁଙ୍କୁ ଦର୍ଶନରୁ ବଞ୍ଚିତ କରିବୁ ମା ଜଗତଜନନୀ !!

ଭକ୍ତର ଡାକ ଶୁଣିଲେ ମା ଅଭୟଦାୟିନୀ, ମା କରୁଣାକାରିଣୀ । ଯାହାହେଉ ମା'ଙ୍କ ଆଶୀର୍ବାଦରୁ ପ୍ରକୃତିସ୍ଥ ହେଲେ ଅୟସକାନ୍ତ । ବିଶ୍ରାମ ନେଲେ କିଛି କ୍ଷଣ । ଦେବକାନ୍ତି ଆଶ୍ୱାସନା ଦେଲେ ସ୍ୱାମୀଙ୍କୁ । ଗର୍ଭରେ ଧାରଣ କରିଥିବା ଆଗାମୀ ବଂଶଧର କଥା ଭାବିଲେ କିଛି ସମୟ ଦୁହେଁ । ବିଚାର କଲେ ପୂଜାପୀଠରେ ମା'ଙ୍କୁ ଦର୍ଶନ କରିବାକୁ ।

ହଁ, ସେଇୟା ହେଲା । ଏକ ଅହେତୁକ ଭକ୍ତି ଭାବନାରେ ଦେବକାନ୍ତି ସ୍ୱାମୀ ଅୟସକାନ୍ତଙ୍କୁ ସାଥିରେ ନେଇ ପୂଜାପୀଠକୁ ବାହାରିଲେ । ପବିତ୍ର ଦଶହରା ପର୍ବରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କୁ ମୁଣ୍ଡିଆ ମାରିଲେ । ମା'ଙ୍କ ସିନ୍ଦୁର ମଥାରେ ଲଗାଇ ସ୍ୱାମୀଙ୍କ ହାତ ଧରି ମା'ଙ୍କୁ ବିନତୀ କଲେ - "ହେ ମା , ତୁ ହିଁ ସକଳ ଶକ୍ତିର ଆଧାର ।

ବିପଦଭଞ୍ଜନୀ  ତୁ ମା' । ମୋ ଗର୍ଭସ୍ଥ ସନ୍ତାନକୁ ଘଣ୍ଟ ଘୋଡ଼େଇ ରଖିଥା, ମା'  । ସ୍ୱାମୀଙ୍କୁ ମୋ ପାଖେ ପାଖେ ରଖି ଥା, ମା' ।"

ଲୁହଟୋପା ନିଗିଡ଼ି ପଡୁଥିଲା ଦେବକାନ୍ତିର କଅଁଳ ଆଖିକୋଣରୁ ।

ପୂଜକ ବଢ଼ାଇଦେଲେ ମା' ଙ୍କର ମନ୍ଦାର ଫୁଲ ଓ ସିନ୍ଦୂର ।  ଆଶ୍ୱାସନା ଦେଇ କହିଲେ - ତୁମ ଦୁହିଁଙ୍କ ମନସ୍କାମ ପୂର୍ଣ୍ଣ ହେବ ନିଶ୍ଚୟ । ମା' ଙ୍କ ସିନ୍ଦୁରକୁ ମଥାରେ ପିନ୍ଧିଲେ। ମନ୍ଦାରଫୁଲକୁ ପଣତରେ ଗୁଡ଼େଇ ଦେଲେ ବିଶ୍ୱାସର ସହ । ଭକ୍ତିରେ ଶକ୍ତି ଥାଏ  ହୃଦୟଙ୍ଗମ କଲେ ଦେବକାନ୍ତି । ସ୍ୱାମୀ ଅୟସକାନ୍ତକୁ ଧରି ଘରକୁ ଫେରିଲେ ।

ଦୁଇଦିନ ପରେ ପେନ୍ ଆରମ୍ଭ ହୋଇଗଲା । ଖୁସିରେ କୁରୁଳି ଉଠିଲେ ଅୟସକାନ୍ତ । ଆମ୍ବୁଲାନସ ଡକାଇ ନର୍ସିଂହୋମକୁ ନେଇଗଲେ ପ୍ରାଣପ୍ରିୟା ଦେବକାନ୍ତିକୁ । ଅସହ୍ୟ କଷ୍ଟ ପାଉଥିଲେ ବି ଖୁବ୍ ସୁନ୍ଦର ଦିଶୁଥିଲେ ଦେବକାନ୍ତି । ନାଁ ଯେମିତି ମୁହଁ ବି ସେମିତି । ଅଳ୍ପ ସମୟ ଆଖି ବୁଜି ବିଶ୍ରାମ ନେଲାବେଳକୁ ହଠାତ୍ କହିପକେଇଲେ - "ମା' । ତୁ ମୋ ପାଖକୁ ଆସିଛୁ ।"  ହଁ ଶୁଭିଲା ।

ତା'ପରେ ବିଶ୍ରାମ ନେଲେ ବେଡ଼ରେ । ଡାଃ ବିରୂପା ମହାନ୍ତି ଆସିଲେ । ଅୟସକାନ୍ତଙ୍କୁ ଦେଖି ଚମକି ପଡ଼ିଲେ । ଚିହ୍ନିଗଲେ । ପୁରୁଣା ସ୍ମୃତି ଆଖିଆଗରେ ନାଚିଉଠିଲା । ଏବେ ବି ଅବିବାହିତା ଡାଃ ମହାନ୍ତି , କେବଳ ଉଚ୍ଚପଦସ୍ଥ ଅଧିକାରୀ ଅୟସକାନ୍ତଙ୍କୁ ପାଇବାପାଇଁ । ଚଷମା ତଳୁ ଲୁହ ପୋଛି ଓ.ଟି ରୁମକୁ ପ୍ରବେଶ କଲେ । ଚିକିତ୍ସା ଆରମ୍ଭ ହେଇଗଲା ।  ଜଳ ଜଳ କରି ଚାହୁଁଥାନ୍ତି ଦେବକାନ୍ତିଙ୍କୁ । ଖୋଲା ଦେହଟିକୁ ଦେଖି ରୋମାଞ୍ଚିତ ହେଉଥିଲେ ହେଁ କର୍ତ୍ତବ୍ୟ ପାଖରେ ସବୁ କିଛି ଭୁଲିବାକୁ ହୁଏ ।  କଅଁଳ କଣ୍ଠରେ କହିଦେଲେ - ତୁମର ଝିଅଟିଏ ହୋଇଛି । ଠିକ୍ ଦେବୀ ଦୁର୍ଗାଙ୍କ ପରି । ଦେବକାନ୍ତି ହସିଲେ । ଧୀର ଗଳାରେ କହିଲେ - ଆପଣ କେବଳ ଡାକ୍ତରାଣୀ ନୁହଁନ୍ତି, ସାକ୍ଷାତ୍ ଦେବୀ ମା । ମୁଁ ଗାଉଁଲି ଝିଅଟେ । ପ୍ରେଗନାଣ୍ଟ ହେଲାପରେ ଭୟ କରୁଥିଲି । ଅୟସକାନ୍ତ  ଶାନ୍ତ -ସୁଧାର ମଣିଷଟେ । କାଳେ ମୋର କିଛି ହେଇଯିବ ଆଶଙ୍କାରେ ସେ ରାତିସାରା ଶୋଇପାରୁନଥିଲେ । ମୋତେ ଗେଲ କରୁଥିଲେ । ମୋ ଆଖିପତାକୁ ଚୁମା ଦେଉଥିଲେ । ମୋ ପେଟକୁ ଆଉଁଷି କହୁଥିଲେ - ଦେବକାନ୍ତି ତୁମର ଝିଅଟିଏ ହେବ । ଗୁଲୁଗୁଲିଆ ଝିଅଟେ ।

ଦେବକାନ୍ତିର କଥାଗୁଡାକ ଡାଃ ମହାନ୍ତିଙ୍କୁ ଖାପଛଡ଼ା ଲାଗୁଥିଲା । କେବଳ ଓଠ ଚିପି ନିରବି ଯାଉଥିଲେ ।  ଓ.ଟି. ରୁମର କବାଟ ଖୋଲି ହସିଲା ଓଠରେ କହିଲେ ଡାଃ ମହାନ୍ତି- 'ୟୁ ଆର ବ୍ଲେସଡ ଉଇଥ୍ ଏ ଗାର୍ଲ' । କନଗ୍ରାଚ୍ୟୁଲେସନ୍ ଅୟସକାନ୍ତ ।    ଥାଙ୍କସ୍ ଜଣାଇଲେ ଅୟସକାନ୍ତ ।

ନିଜ ରୁମକୁ ଫେରିଗଲେ ଡାଃ ମହାନ୍ତି ଶୋଷ ଓ ଅବସୋସ ନେଇ । ତାଆରି ଭିତରେ ବି ତାଙ୍କ ଡ୍ୟୁଟି ସକସେସ୍ ହୋଇଛି ବୋଲି ମା' ଦୁର୍ଗାଙ୍କୁ କୃତଜ୍ଞତା ଜଣାଉଥିଲେ ।

■■■

ଏଲ୍ . ଆଇ. ଜି.-୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର



# ଆମ ଫୁଲ ଅଗଣା

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ





କୁନୁମୁନୁ ଦଉଡ଼ି ଦଉଡ଼ି ଆସି ତା'ର ମା'ଙ୍କୁ କହିଲା, ମା' ଜାଣିଛ ! ଆମର ଗୋଟିଏ ଫୁଲ ଅଗଣା ଅଛି । ମୁଁ ଦେଖିଲି କେତେ ପ୍ରକାରର ଫୁଲ ସେଠାରେ ଅଛି । ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାରର ଫୁଲ ଫୁଟୁଥାଏ । କିଏ ହଳଦିଆ, କିଏ ଧଳା, କିଏ ନାଲି ପୁଣି କିଏ ମାଟିଆ, ଆଉ ପୁଣି କିଏ ବାଇଗଣି ପୁଣି କିଏ ମିଶାମିଶି ତରଙ୍ଗର ।'

ମା' ବୁଝାଇ ଦେଇ କହିଲେ, ହଁରେ କୁନମୁନ ଆମମାନଙ୍କ ମଧ୍ୟରେ ତିନି ପ୍ରକାରର ମଣିଷ ଦେଖିବାକୁ ମିଳନ୍ତି । ସତଗୁଣର, ତମଗୁଣର ଓ ରାଜଗୁଣର ମଣିଷ । ପ୍ରତି ମଣିଷର ପାଞ୍ଚ ମନ ଓ ପଚିଶ ପ୍ରକୃତି । ଆମେ ସବୁ ଏ ଦୁନିଆଁ ବଗିଚାର ଗୋଟିଏ ଗୋଟିଏ ଫୁଲ । ଫୁଲଟିଏ ଯେପରି ଗଛରେ ଫୁଟି ହସି ହସି ଆମକୁ ଚାହିଁଥାଏ, ଆମ ମନ ଖୁସି ହୋଇଯାଏ, ଠିକ ସେହିପରି ଆମେମାନେ ବି ଜନ୍ମ ହୋଇଛେ ସବୁ ପରିସ୍ଥିତିରେ ହସି ଅନ୍ୟଙ୍କୁ ହସାଇବା ପାଇଁ । ଆମେ ହସୁଥିଲେ ଆମେ ମୁହଁ ଫୁଲ ପରି ସୁନ୍ଦର ଦେଖାଯାଏ । ଆମକୁ ଯିଏ ଦେଖେ, ସେ ବି ହସି ଦିଏ । ଆମର ଜୀବନରେ କେତେ ପ୍ରକାର ଅବସ୍ଥା ପରିସ୍ଥିତି ଆସୁପଛେ ଆମେ ଫୁଲର ହସକୁ ମନେ ପକାଇ ହସିବା । ଫୁଲ ଉପରେ ବି ବହୁ ପ୍ରକାର ପ୍ରାକୃତିକ, କୃତିମ ଦୁଃଦଶା ଆସେ । ମାତ୍ର ଫୁଲ କ'ଣ ମୁହଁ ଶୁଖାଏ ? ଗୋଟିଏ ଦିନ କି ଦୁଇ ଦିନ ତାର ଆୟୁଷ । ହେଇ, ଦେଖୁନୁ ଗଙ୍ଗଶିଉଳି ଫୁଲ ରାତିରେ ଫୁଟୁଛି, ସକାଳକୁ ଝଡି ପଡୁଛି । ତାର ସୁବାସରେ ଚତୁର୍ଦ୍ଦିଗ ଚହଟେଇ ଦେଉଛି । ଆମେ ପୁଣି ବର୍ଷକ ପାଇଁ ଅପେକ୍ଷା କରି ଚାହିଁ ରହୁଛେ । ଫୁଲ ଫୁଟିବାରୁ ଆମକୁ ଲାଗେ ଦଶହରା ପର୍ବ, କୁଆଁର ପୁନେଇଁ ଆସିଗଲା । ବାଡିରେ ଜହ୍ନିଫୁଲ, କାକୁଡ଼ି ଫୁଲ ଫୁଟିଲେ, ଖୁଦୁରୁକୁଣୀ ଓଷା, ଜହ୍ନି ଓଷା ଆସିଗଲା ବୋଲି ବୁଝି ଯାଉ । ସବୁ ଫୁଲ ଆମକୁ ପ୍ରକୃତିର ଭିନ୍ନ ଭିନ୍ନ ଋତୁକୁ ସୂଚେଇ ଦିଏ । ମାର୍ଗଶୀର ମାସ ଲକ୍ଷ୍ମୀଙ୍କର ପୂଜା ହୁଏ, ସେଥିପାଇଁ ସେଇ ସମୟରେ ଗେଣ୍ଡୁ ଫୁଲ ବଗିଚାରେ ଫୁଟି ବଗିଚାକୁ ଲକ୍ଷ୍ମୀଙ୍କର ଆଗମନର ବାର୍ତ୍ତା ଦେଇଥାଏ । କବିମାନେ ସେହି ଫୁଲକୁ ଦେଖି ଆତ୍ମହରା ହୋଇଉଠନ୍ତି । କେତେ ପ୍ରକାରର କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ଫୁଲର ଜୀବନୀ ଲେଖନ୍ତି । ସେଇ କବିତା, ଗଳ୍ପ ସବୁ ଅନ୍ୟମାନେ ପଢି ଖୁସି ହୁଅନ୍ତି । ଏ ସବୁ ଈଶ୍ୱରଙ୍କ ଦାନ ବୋଲି ଆମେମାନେ ମାନି ନେଉ । କବିଙ୍କୁ ଦ୍ୱିତୀୟ ଈଶ୍ୱର ବୋଲି ମଧ କହିଥାଉ ।

ଆମର ଅଗଣାର ଫୁଲ ଆମକୁ ଶିକ୍ଷା ଦେଇଥାଏ, ସଦା ହସ ହସ ରହିବା, ସୁଗୁଣ ଗୁଡିକୁ ବିତରି ଲୋକମୁଖରେ ହସ ଫୁଟେଇବା, ସବୁ ପରିସ୍ଥିତିରେ ଆମର ସହନଶୀଳତାକୁ ବଜାୟ ରଖି ଖୁସି ରହିବା ।

ମଣିଷ ମନର ଭାଷା ତାର ମୁହଁରୁ ଜଣାପଡ଼େ ଗୋଟିଏ ପରିବାରର କଥା, ଚଳଣୀ ତାଙ୍କ ଘରର ଛୁଆଠାରୁ ଜଣାପ ଡିଯାଏ । ଝିଅଟିଏ ଶାଶୁଘରେ ଯାଇ ଯେପରି ଚଳେ, ସେଥିରୁ ସଂସ୍କାର, ସଂସ୍କୃତି ଜଣାପଡେ । ତେଣୁ ସଦା ଚଳ ଚଳ ହୋଇ ଶାନ୍ତିରେ, ସୁଖରେ ହସ ହସ ଚିରରେ କର୍ମ କରୁଥିଲେ, ଆମର ସବୁ କାମ ଭଲ ହୋଇଥାଏ ।

ଚାଲ, ଆମେ ଯାଇ ଫୁଲମାନଙ୍କ ସହିତ କିଛି ସମୟ ବି ଦେଇ ଆନନ୍ଦ ଅନୁଭବ କରିବା । ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଏହି କବି ରୂପୀ ଫୁଲମାନେ ସଦା ହସୁଥାଆନ୍ତୁ, ସଂସାରର କୌଣସି ବିପତ୍ତି ତାଙ୍କୁ ଚହଲେଇ ନ ଦେଉ । ଆପଣାପଣରେ ସମସ୍ତେ ବାନ୍ଧି ହୋଇ ବାଣୀ ଭଣ୍ଡାରକୁ ସମୁଜ୍ୱଳ କରନ୍ତୁ । ନିଜେ ହସନ୍ତୁ ଓ ଅନ୍ୟକୁ ହସାଉ ଥାଆନ୍ତୁ ।

ଜୟ ଜଗନ୍ନାଥ ।

ଏଲ୍ - ୨୭୨, ବରମୁଣ୍ଡା ହା. ବୋ. କଲୋନୀ,
ଭୁବନେଶ୍ୱର - ୩
ମୋ - ୯୪୩୭୨୭୯୧୬୨

■■■

# ପଦ୍ୟ ବିଭାଗ



## ବ୍ୟଙ୍ଗ କବିତା

# ତମ ଦାତାପଣ ଜଣା ପଡ଼ିଲା

ଆହେ ଦୀନବନ୍ଧୁ ...ତମ ବନ୍ଧୁପଣ... ବୃତ୍ତେ

**ଶ୍ରୀଯୁକ୍ତ ସତ୍ୟନାଶ**



ଆହେ ସରକାର...
ତମ ଦାତାପଣ ଜଣା ପଡ଼ିଲା
ଚିଟ୍‌ଫଣ୍ଡ ଟଙ୍କା ଦବ ଦବ ବୋଲି
ଚାହିଁ ଚାହିଁ ଚାହିଁ ଚୁଟି ଝଡ଼ିଲା ।
ତମ ଦାତାପଣ ଜଣା ପଡ଼ିଲା ।।

ବସେଇଲ ଯେବେ ପାତ୍ର କମିଶନ
ଭାବିଲି ମିଳିବ ଚିଟ୍‌ଫଣ୍ଡ ଧନ
କମିଶନ ଖାଲି ଟାଇମ୍ ନେବାକୁ
ଚିଠି ଫାଡ଼ି ଫାଡ଼ି ପଢ଼ିଲା ।
ତମ ଦାତାପଣ ଜଣା ପଡ଼ିଲା ।।

କର୍ପସ ଫଣ୍ଡକୁ କରିଥିଲି ଆଶା
ଭାବିଲି ମିଳିବ ଚିଟ୍‌ଫଣ୍ଡ ପଇସା
କର୍ପସ ହାତୀଟା ପାଡ଼ିବ ପାଡ଼ିବ
ଶେଷରେ ଫୁଉସୁ ପାଡ଼ିଲା ।
ତମ ଦାତାପଣ ଜଣା ପଡ଼ିଲା ।।

ଚିଟ୍‌ଫଣ୍ଡ ସଭା କଲ ଉଦ୍‌ଘାଟନ
ତମକୁ ଦେଖି ମୁଁ ଲଗେଇଲି ଧନ
ଝାଡ଼ିଝୁଡ଼ି ହୋଇ ତମେ ଗଲ ଖସି
ମୋର ପଛପାଖ ପୋଡ଼ିଲା ।
ତମ ଦାତାପଣ ଜଣା ପଡ଼ିଲା ।।

ଥୋଇଥିଲି ଟଙ୍କା କରି କରି
ଲୋଭ
ତିନି ବରଷରେ ଚାରିଗୁଣ ହେବ
ପ୍ରଦୀପ ପ୍ରଶାନ୍ତ ଜିହଲେ ପଶିଲେ
ଦେଖି ମୋ ହୋଅସ ଉଡ଼ିଲା ।
ତମ ଦାତାପଣ ଜଣା ପଡ଼ିଲା ।।

ଟ୍ରଅଙ୍କରେ ଯେବେ ଟଙ୍କା
ଥୋଇଥାନ୍ତି
ନୋଟ୍‌ବନ୍ଦି ବେଳେ ମୂଳ
ପାଇଥାନ୍ତି
ଘରଣୀ ବୁଦ୍ଧିରେ ଚିଟ୍‌ଫଣ୍ଡ କଲି
ମତେ କି ଦଇବ ଛାଡ଼ିଲା ।
ତମ ଦାତାପଣ ଜଣା ପଡ଼ିଲା ।।

ଚିଟ୍‌ଫଣ୍ଡ ଟଙ୍କା ଯେବେ ମୁଁ
ପାଇବି
ଭାବିଲି ଜ୍ୱାଇଁକି ଯଉତୁକ ଦେବି
ଯଉତୁକ ଦେଇ ପାରିଲିନି ବୋଲି
ଝିଅକୁ ତା' ଶାଶୁ ପୋଡ଼ିଲା ।
ତମ ଦାତାପଣ ଜଣା ପଡ଼ିଲା ।।

■■■



# ରେଖା ଓ ଲେଖା

## ଏକାନ୍ତ ଅନୁଭୂତି - ୨

ତୁମ କଟାକ୍ଷ,
ବାକ୍ୟବାଣ କୁ ଜୋଖାଡିରୁ କରି
ସକାଳୁ ସକାଳୁ ତୋଡ଼ା ଦିଏ
ନିରୀହ ଶବ୍ଦଙ୍କ ଫୁଲରେ
ଥକି ପଡ଼େ ହାତ ।
ଶଙ୍କା ହୁଏ
କେଉଁଠି ରହିଗଲା କି ଉପେକ୍ଷାର ସାମାନ୍ୟ ଇଙ୍ଗିତ
ଅନାଦର ଭାବର ଟିକା ଲେଶ ମାତ୍ର



ସେତେବେଳକୁ
ତୁମ କଥାମାନେ
ଅଭିମାନର କୋଠ୍ ବୋହି
ଚାଲୁଥାନ୍ତି ଧାଡ଼ି ଧାଡ଼ି
ଓଟ ପରି ଧୁ ଧୁ ମରୁଭୂମି ପରେ
ଅନୁତ୍ତାପଣ ର ତତଲା ବାଲିରେ ।

ହୋଇପାରେ
ତୋଡ଼ାଟି ଛୁଇଁନାହିଁ ମନକୁ ତୁମର
ଖୋଜିବାକୁ ନଥାଏ ଫୁଲ ଆଉ ମୋ ପାଖରେ
ସଞ୍ଜର ବିଳମ୍ବିତ ପ୍ରହରରେ ।
ତେଣୁ ମୁଁ ତୁନି ହୋଇଯାଏ,
ଭାବେ,
ହୁଏତ ନୀରବତା ମୋର
କାଳେ ପରଖି ଦେବ
ଉପ୍‌ସିତ ସକାଳଟିକୁ ତୁମ ଆଞ୍ଜୁଳି ରେ ।
ଡେଲି,
ସ୍ୱୀକାର ଆଉ ସମର୍ପଣର ରୋଜୁରେ ॥

ବିଭୂତିଭୂଷଣ ପ୍ରଧାନ
ମୋ: ୭୨୯୨୭୫୯୭୮୭

# ପ୍ରେମ

ପ୍ରମୋଦ କୁମାର ମହାପାତ୍ର



ପ୍ରେମ ବୁଣେ ବରଫ ପାହାଡ଼େ ନିଆଁ
ପ୍ରେମ ଆଣେ ମଲାନଈ ଦେହେ ବନ୍ୟା
ବହୁରୂପା ସେ  ଅନନ୍ୟା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ତଟ ନୀରଞ୍ଜନା!



ପ୍ରେମ ଥାଇ ଶବରୀ ଅଇଁଠା କୋଳି
ପ୍ରେମ ବାଇ ଗୋପବାଳା ରଙ୍ଗହୋଲି
ନୁହେଁ ସେ କେବେ ଛଳନା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ସଦା ଅମାନିଆ!

ପ୍ରେମ ଜାଣି ଶୀତ କାକରର ଲୁହ
ପ୍ରେମ ପୁଣି ବ୍ୟାକୁଳ ବସନ୍ତ କୋହ
ସେ ଯେ ମଧୁର ଯନ୍ତ୍ରଣା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ସଦା ବାଟବଣା!

ପ୍ରେମ ହାଏ ସ୍ମୃତିର କାଗଜ ଡଙ୍ଗା
ପ୍ରେମ ସିଏ ସବୁଠୁ ଚିଜ ମହଙ୍ଗା
ଏ କଥା କି କେବେ ଜଣା,
ଯେତିକି ଦେଖିଛି,ଯେତିକି ବୁଝିଛି,
ପ୍ରେମ ଦୁଇମନ ବୁଝାମଣା!

ପ୍ରେମ ଖେଳେ ଶିଶୁର ଦରୋଟି ହସେ
ପ୍ରେମ ବୋଲେ ମହମହ ମଲ୍ଲୀ ବାସେ
ବାଣ୍ଟିଲେ କି ହୁଏ ଊଣା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ହି ଜଗତଜିଣା!

■■■

ଭାରତ ସଞ୍ଚାର ନିଗମ୍ ଲିମିଟେଡ୍,  ଭୁବନେଶ୍ୱର
ମୋ :୯୪୩୭୫୭୮୩୧୧

# ଜୀବନର ପ୍ରତିଶ୍ରୁତି

ବିପିନ୍ ମହାନ୍ତି



ହସ ବି ଦେଇଛ ଲୁହ ବି ଦେଇଛ
ଦେଇଛ ବି ଭରା ପ୍ରୀତି,
ଦେଇ ନାହଁ ଖାଲି ଜିଇଁବା ଠିକଣା
ଜୀବନର ପ୍ରତିଶ୍ରୁତି ।

ଯେଉଁ ହସ ତୁମେ ମୋତେ ଦେଇଅଛ
ଦେବନି କାହାକୁ ପୁଣି
ଯେଉଁ ଲୁହ ନେଇ ତୁମେ ଦୁଃଖ ନଇ
ସାଗର ହୋଇ ମୁଁ ଲୁଣି,
ସେ ଲୁହ ଆମର ଏକାନ୍ତ ନିଜର
ଦେବନି କାହାକୁ ସାଥୀ ।

ଯେଉଁ ମନ ତୁମେ ମୋତେ ଦେଇଅଛ
ନେଇଛ ମୋ ମନ କିଣି,
ଦେଇଦେବ ଯଦି ସେ ମନ କାହାକୁ
ସହି ପାରିବିନି ଶୁଣି,
ତୁମରି ଚାହାଁଣି ମୋ ପ୍ରେମ କାହାଣୀ
ଦେବନି କା' ରେ ତା ସ୍ମୃତି ।



■■■

ପ୍ଲଟ୍ ନଂ - ୩୩, ଗଡ଼ମହାବୀର ବିହାର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର -୭୫୧୦୦୨
ମୋ :୯୮୬୧୧୪୪୯୯୧

# ଜଣେ ସ୍ୱପ୍ନ ବିକାଳିର ବିୟୋଗ

ବସନ୍ତ ମାଝୀ



**ସ୍ୱପ୍ନ** କିଣୁଥିବା ହେ କ୍ରେତାଗଣ ଶୁଣ!
ଆଜି ଅସ୍ତମିତ ହୋଇଗଲା ସେହି ସପନ ବିକାଳି
ଶୁଣିବନି ଦାଣ୍ଡ ପଥରେ ତା'ର ଗୁଞ୍ଜରିତ କାକଳି ।।

ଯା' **ସ୍ୱପ୍ନ**ର ଝୁଡିରେ ଥିଲା ଥାକ ଥାକ ସ୍ମିତହସ
ବର୍ତ୍ତିଳ ବିଭବ ଆଶା , ଅରୁଣିମା ଉଦ୍ଦୀପନା
ସୌଦର୍ଯ୍ୟର ଫୁଲ ରେ ଯିଏ ଗଢୁଥିଲା ଗହଣା
ସଭିଏଁ ଆପଣାର ପଣରେ ବନ୍ଧା ଚିହ୍ନା କି ଅଚିହ୍ନା ।।

ସଂକଳ୍ପ ଓ ବିକଳ୍ପ ର ଚାରା ନିତି ପୋତି
ସିଏ ଆଜି ନିରବ ପତ୍ରଝରା ମରୁମୟ ଲୋରୀ
ଅସଫଳ କାହା ହାତୁ ଯନ୍ତ୍ରଣାର ଭିକ୍ଷା ଥାଳକୁ ଓଟାରି
ମୃତ୍ୟ ସଞ୍ଜିବନୀ ପାଶେ ଥାଇ ନିଜ ବୁକେ ଭୁଷି ଦେଲା ଛୁରୀ।।

ଲୁହର କାଳିମା ପୋଛି ବୁଝାଇଛି ଶୁଖିଲା ଏଇ ସମୟକୁ
ଅଜାଡିଛି ସ୍ନେହ ପ୍ରୀତି କେତେ ଅସରା ସ୍ନିଗ୍ଧତା
ଖୋଜିଛି ଅମଡା ବାଟରେ ସୁରଭିତ ନୀଳ ଅସ୍ମିତା
ଫାଟି ଥିବା ଧରଣୀର ଛାତି ଲାଗେ ଫିକା ଫିକା ।।



ଅଖୋଜା ପଣରେ ତା'ର ଧ୍ରୁବତାରା ଆଖି
ଅଗ୍ନିକୁଣ୍ଡ ପରୀକ୍ଷା ଖାତାରେ **ସ୍ୱା**ଗତିକା ଲେଖି
ଚେତନାର ହାତରେ ବାନ୍ଧିଛି ବିଶୁଦ୍ଧତାର ରାକ୍ଷୀ
ରକ୍ତକୁ ଚନ୍ଦନ କରି ଉଦୟକୁ ସମର୍ପିଛି ଡାକି ।।

ଅଦୃଶ୍ୟ ରେ ରୋପିଛି ସିଏ ଶବ୍ଦର ମାଧୁର୍ଯ୍ୟ ଚାତୁର୍ଯ୍ୟ
ଗୁଣୁଗୁଣୁ ଗୀତେ ବାଣ୍ଟୁଥିଲା ଅଦିନିଆ ମଧୁର ବର୍ଷା
ପ୍ରସ୍ଫୁଟିତ ଦୁଃଖ ରେ ଖୋଜିଛି ଆକୁଳିତ ତୃଷା
ଛାତି ତାର ସ୍ରୋତସ୍ୱିନୀ ଅମୋଘ ଆହ୍ଲାଦର ଆଶା ।।

**ସ୍ୱପ୍ନ**ର ଝୁଡିରେ ତାହାର ପୁଣ୍ୟର ବିନ୍ଦୁ ବିନ୍ଦୁ ଅଶ୍ରୁ
ଅମୃତ ସନ୍ଧାନ ହାଟେ ସମ୍ଭାବନା ଫୁଲ ର ଦୋକାନ
ଅକାଳରେ ମୃତ୍ୟୁ ଲଭେ ଯିଏ ମହା ପୁଣ୍ୟବାନ
ସେ **ସ୍ୱପ୍ନ** ବିକାଳିରେ ଖୋଜନା ହେ ଦକ୍ଷିଣା ପବନ ।।

■■■



ଏମ୍. ଆଇ. ଜି.(୧) ୧୯/୨,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୧୧୯୯୧୧

# ଆକର୍ଷଣ

ପ୍ରଫେସର ବୀଣାପାଣି ତ୍ରିପାଠୀ



ସଚରାଚାର ଏ ଜଗତ
ଭୂମି ଭୁମା, ସୂର୍ଯ୍ୟ ଚନ୍ଦ୍ର ଗ୍ରହ
ଓ ଅସଂଖ୍ୟ ନକ୍ଷତ୍ର
ଯେଉଁ ଗୋଟିଏ ବିନ୍ଦୁରେ ସ୍ଥିର ଏବଂ ଗତିସ୍ମାନ
ସେ କିଛି ନୁହେଁ ଆଉ କିଛି ନୁହେଁ
ଖାଲି ସେତ ନିରୁତା "ଆକର୍ଷଣ"

ଏଇ ମହାକର୍ଷଣରେ
ଶୂନ୍ୟପଥରେ ଧାବମାନ
ଗ୍ରହ ଓ ଗ୍ରହାଣୁ ପୁଞ୍ଜ
ସ୍ଥିର ଥାନ୍ତି ସୂର୍ଯ୍ୟ ଓ ସୂର୍ଯ୍ୟପରି
ନକ୍ଷତ୍ର ଅଗଣନ

ସେଇ ଆକର୍ଷଣ ତ ପୃଥିବୀ କେନ୍ଦ୍ରରେ
ଯା' ପାଇଁ ପତ୍ର ଝରେ ଫୁଲ ଝରେ
ଝରେ ବର୍ଷା
ସେଇ ଆକର୍ଷଣ ବଳେ

କୁହ,
କେଉଁ ଆକର୍ଷଣ ତୁମ ତ୍ରିଭଙ୍ଗୀ ଠାଣି ରେ
ତୁମ ବାଙ୍କ ଚାହାଣୀ ରେ
ଆକର୍ଷିତ ଗୋପପୁର
ଷୋଳ ସହସ୍ର ଗୋପନାରୀ
ରାଧିକା ସୁନ୍ଦରୀ

ମାଟି ଆକର୍ଷି ଆଣେ ବର୍ଷା ଠୋପା
ଉଦ୍ଧତ ଗମ୍ଭୀର ସ୍ୱରେ ସାଗର
ବାରମ୍ବାର ଆକର୍ଷଣ କରେ
ସୁକୁମାରୀ ନଦୀ ତନୁ



ଫୁଲ ବି ଝୁଲି ଝୁଲି
ହସନ୍ତ ମହୁମଖା ପାଖୁଡ଼ାରେ
ଆକର୍ଷି ଆଣେ ପ୍ରଜାପତି ଓ ମହୁମାଛି
ପ୍ରଜ୍ଜ୍ୱଳିତ ଅଗ୍ନିଶିଖା ଆକର୍ଷ ପତଙ୍ଗ

ଯେମିତି କଳାମେଘ ସାଥେ ନାଚଇ ମୟୂରୀ

ଏ ଆକର୍ଷଣ ଦାୟ ରେ ଜଗତ
ଆକର୍ଷଣ ମୂଳରେ ଜଗତ
ପଶୁ ପକ୍ଷୀ ଗଛ ଲତା
ପାହାଡ଼ ପର୍ବତ
ଏ ମଣିଷ

ଆକର୍ଷଣ ଶବ୍ଦରେ
ହସ ରେ ,ଲହୁରେ ଲୁହରେ ପ୍ରେମରେ
ତନୁରେ ମନରେ
ହୃଦୟ ର ସ୍ପନ୍ଦନ ରେ

କୁହ ସତେ
ସେ କେଉଁ ଆକର୍ଷଣ ଥାଏ ତୁମ ଚକା ଆଖିରେ
ଚାହିଁଦେଲେ ଲୁହ ଝରେ ଏଇ ମୋ ଆଖିରେ ...

■■■

ମଧୁବନ, ଢେଙ୍କାନାଳ

# ଦୁଇଟି କବିତା

ଡ. ଅଶୋକ ମହାନ୍ତି



## ମାମୁଁଘର ଗାଁ

ପବନ ଯେଉଁଠି ଫୁଲର କାନରେ
ଚୁପି ଚୁପି କଥା କହେ
ଆକାଶ ଯେଉଁଠି ଫୁଲେଇ ନଈର
ପଣତରେ ଚୁମା ଦିଏ
ସେଇ ମାମୁଁ ଘର ଗାଁ
କେତେ ଆପଣାର ଆହା !

■■■



## ରାଜଧାନୀ



ଏଠି ଖାଲି କୋଠାଘର କାଚଝର୍କା
ନିବୁଜ କବାଟ
ଏମିତି ମନଟେ କାହିଁ
ଯେଉଁଠି କି ଆଙ୍କିହେବ
ସ୍ନେହ ଚିତ୍ରପଟ
ଖୋଜୁଛି ଛାତିଟେ ଏଠି
ଯେଉଁଠି କି କାନ୍ଦିହେବ
ମଥା ଥୋଇଦେଇ
ଏମିତି ମଣିଷଟେ କାହିଁ ମୋ ଦୁଃଖରେ
ଦେବ ଯିଏ ପିଠି ଥାପୁଡ଼େଇ ।

■■■

ଭାରତ ସଞ୍ଚାର ନିଗମ୍ ଲିମିଟେଡ୍, ଭୁବନେଶ୍ୱର
ମୋ :୯୪୩୭୫୭୮୩୧୧

# କେହି ନୁହେଁ କାହା ପରି

ବିଦ୍ୟାଧର ଗୁରୁ





କଟି ଯାଉଥିବା କାଗଜ ଗୁଡ଼ି ମୁଁ
ଭରସା କି ଅଛି ମୋର,
କେତେବେଳେ ମୁହିଁ ଥିବି ଆକାଶରେ
କେତେବେଳେ ଭୂମି ପର ।

ହାଲୁକା ପବନ ଧକ୍କାରେ ପଡ଼ିବି
ପାହାଡ଼, ନଦ, ବିଲରେ,
ଯୁଆଡ଼େ ସେ ଠେଲେ ସେଆଡ଼େ ମୁଁ ଯାଏ
ନ ଥାଏ ମୋ ଆୟତ୍ତରେ ।

ଅଳପ ବର୍ଷାରେ ଛିଡ଼ି ଚିରିଯିବ
ସୁକୁମାର ତନୁ ମୋର,
ସେଥିପାଇଁ ମନେ ନାହିଁ ଖେଦ ମୋର
ହେବି କି ତୁଳନା କା'ର ?

ପଥରବି କେବେ ସରି ହୁଏ ନାହିଁ
ପତରର ମୂଲ ସାଥେ,
ପତରବି କେବେ ଉଡ଼େ ପବନରେ
ପଥର ଥାଏଟି ପଥେ ।

ଏ ସାରା ସଂସାର ଭରା ବିବିଧରେ
କେହି ନୁହେଁ କାହା ପରି,
କାହିଁକି ଭାବିବି ହେଇପାରିଲିନି
କେବେ ମୁହିଁ କାହା ପରି ।

ୟୁନିଟ୍ -୯, ଭୁବନେଶ୍ୱର
ମୋ :୯୦୪୦୧ ୨୨୩୫୦

# ଦୋଛକି

ମୋହନ ମଜୀଠୀଆ



ଜୀବନର ଚଲାପଥରେ...
ଏଇ ଦୋଛକିରେ ଆଜି
ଅନୁଭବ କରୁଛି ମୁଁ...
କେତେ ଭଲ ହେଇଥା'ନ୍ତା !
ଯଦି କିଛିଲୋକ
ଆସିନଥା'ନ୍ତେ କେବେବି
ମୋ ଜୀବନରେ ...
ହେଲେ ଏବେ ଆଉ
କରି ତ ହେବନି କିଛି,
କେବଳ ଏତିକି...

ଯିଏ ଯାହା କହୁ ମୋତେ,
ଚୁପ୍‌ଚାପ୍ ମୁଁ ସବୁ
ଶୁଣି ଯାଉଛି ଆଉ
ହସି ଦେଉଛି ମନକୁ ମନ
କାରଣ...



ମୋର ଆଉ କିଛି ହେଲେ
କହିବାର ନାହିଁ କାହାରିକୁ...
ଉତ୍ତର ଦେବାର ଅଧିକାର
ଦେଇ ଦେଇଛି ମୁଁ
ସମୟକୁ...
କେବେଠୁ... ।

■■■

କଟକ
ମୋ : ୯୯୩୭୧ ୭୩୦୨୦

ଈପତ୍ରିକା
୦୧ ନଭେମ୍ବର ୨୦୨୨

# ସ୍ମୃତି

**ସରୋଜ କୁମାର ଶତପଥୀ**





ବଡ଼ ଜଟିଳ ଏ ଜୀବନର ଚଲାପଥ
ଅତିକ୍ରମ ପଥରେ ମହକୁଛି ସ୍ମୃତିଫୁଲ
ମଧୁର ଓ ତିକ୍ତତାର ଶୁଭେ ସେହି ଗୀତ
ସ୍ମୃତିସବୁ କ୍ଷତାକ୍ତ କରି ମାଗୁଥାଏ ମୂଲ୍ୟ ।

ସମୟ ସୁଅରେ କେତେ ଭଟ୍ଟା ଓ ଜୁଆର
ପଥହରା ପଥିକ ଖୋଜେ ଦ୍ୱୀପଟେ ନିର୍ଜନ
ବହୁଦୂରେ ମଉନେ ସ୍ମୃତି ଗାଉଛି ଗଜଲ
ନାହିଁ ବସନ୍ତ କିମ୍ବା ଶରତ କାଶତଣ୍ଡୀର ପାର୍ବଣ ।

ସ୍ମୃତିର ଇଲାକାରେ ଜୀବନଟା ଅତ୍ୟନ୍ତ ଦୁର୍ବଳ
ସ୍ମୃତିର ଇସାରାରେ ଜୀବନଟା ହୁଅଇ ଉନ୍ମନା
କେତେ ଅବା ତୋଳିହେବ ପଥଧାରେ ସ୍ମୃତିଫୁଲ
ସ୍ମୃତି ତୁମ ମହକରେ ଜୀବନ ଲାଗଇ ଆପଣା ।

■■■

ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ବୋଉ

**ସ୍ୱର୍ଣ୍ଣଲତା ମହାପାତ୍ର**



ମାନବୀ ରୂପରେ ଜନମ ନେଇ ତୁ
ହୃଦୟେ ଭରିଲୁ ଦୟା,
ସ୍ନେହରେ ଭଗିନୀ ପ୍ରେମରେ ସଙ୍ଗିନୀ
କନ୍ୟା ରୂପେ ମଧୁମାୟା।

ଜନନୀ ରୂପରେ ପୁଣ୍ୟ ମନ୍ଦାକିନୀ
ମମତାମୟୀ ତୁ ମାଆ,
ମାଂସ ପିଣ୍ଡୁଳାରେ ଜୀବନ୍ୟାସ ଦେଇ
ଗଢି ତୋଳିଲୁ ମୋ କାୟା।



ଅଜାଡି ଦେଇ ତୁ ନିଃସ୍ୱାର୍ଥ ସମ୍ଭାର
ସଜାଡିଲୁ ମୋ ଜୀବନ,
ଜଡବସ୍ତୁ ପରି ସହିଗଲୁ ସବୁ
ଶାନ୍ତ ଶୀତଳ ତୋ ମନ।

ଅଳିକଲେ ହାତେ ତୋଳି ଦେଉଥିଲୁ
ସରଗର ଚାନ୍ଦ ଆଣି,
ଶତ ଯନ୍ତ୍ରଣାର ସମ୍ମୋହନ ଶକ୍ତି
ସନ୍ତାନର ମନଜାଣି।

ନିଦାଘ ଖରାର ଶୀତଳ ଛାଇ ତୁ
ଆଦ୍ୟାଶକ୍ତି ଚିରନ୍ତନୀ,
ଗର୍ଭ ପାଉଣା ତୁ ମାଗିନାହୁଁ ଦିନେ
ମାତୃରୂପୀ ନାରାୟଣୀ।

ଦୂର ଗଗନରେ ଯେବେ ତୋ ମୁହଁଟି
ମୁରୁକି ମୁରୁକି ହସେ,
ଚୁନା ଚୁନା ହୋଇ ମାନସ ପଟରେ
ସ୍ମୃତିର ବାଦଲ ଭାସେ।

ହଜି ଯାଇଛି ତୋ ପଣତର ଛାଇ
ଶେଷ ଠିକଣାରେ ଯାଇ,
ଲୁହ ପିଇ ପିଇ ବରଷ ବିତିଲା
ବୋଉ ତୁ ଫେରିଲୁ ନାହିଁ।
ବୋଉ ତୁ ଫେରିଲୁ ନାହିଁ।

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

■■■

# ବର୍ତ୍ତମାନ

ମନୋରମା ମିଶ୍ର



ବର୍ତ୍ତମାନକୁ ଦେଖି କହି ହୁଏନି
ଅତୀତର ରୂପରେଖ ,
ଅତୀତର ଛାପ ନଥାଏ ବର୍ତ୍ତମାନରେ
ତା'ର ନିର୍ଯ୍ୟାସକୁ ଶୋଷିନେଇଥାଏ ସମୟ ।



ଖୋଲା ପୁସ୍ତକଟିଭଳି ଆପଣାକୁ ମେଲିଦେଇ
ଆଗକୁ ଧାଉଁଥାଏ ବର୍ତ୍ତମାନ
ପଛେଇଯାଏ ଅତୀତ
ହାତପାଆନ୍ତାଠୁ ଆଗକୁ ଥାଏ ଭବିଷ୍ୟତ ,
ଅତୀତ ନିୟନ୍ତ୍ରଣ କରିପାରେନି ବର୍ତ୍ତମାନକୁ ,
ବର୍ତ୍ତମାନ ନିର୍ଦ୍ଧାରଣ କରିପାରେନି ଭବିଷ୍ୟତକୁ ।

ଅତୀତ କୋଳରୁ ଓହ୍ଲାରି
ବର୍ତ୍ତମାନ ପାଦଥାପେ ଭବିଷ୍ୟତ ପିଠିରେ
ଅତିକ୍ରାନ୍ତ ମୁହୂର୍ତ୍ତରେ ବଦଳିଯାଏ
ତିନିକାଳର ସଂଜ୍ଞା  ।

ବର୍ତ୍ତମାନହିଁ ଯୋଗସୂତ୍ର
ଅତୀତ ଓ ଭବିଷ୍ୟତ ମଧ୍ୟରେ ,
ଗତକାଲି ହିସାବ ରଖେନି ଆସନ୍ତାକାଲିର ,
ଆସନ୍ତାକାଲିର ପରିଚୟ ନଥାଏ ଗତକାଲି ସହ ,
ଆଜି ହିଁ ଝୁରେ ଗତକାଲିକୁ
ଅପେକ୍ଷା କରେ ଆସନ୍ତାକାଲିକୁ
ଆଜି ଆଉ କ'ଣ କି ?
ଏଇ ସଂଘଟିତ ମୁହୂର୍ତ୍ତ ,
ନିଛକ ବର୍ତ୍ତମାନ ।


■■■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୭୧୫୬୮୫୩୨

# ଉତ୍କଳମଣି

ମୌସୁମୀ ଶୁକ୍ଳା





ପୂଣ୍ୟ ଉତ୍କଳର ପ୍ରଜ୍ଵଳିତ ବହ୍ନି
ଉତ୍କଳ ମଉଡମଣି
ବୀରା ଜନନୀର ସୁଯୋଗ୍ୟ ସନ୍ତାନ
ଧନ୍ୟ ହେ ଉତ୍କଳମଣି।

ଗୋପବନ୍ଧୁ ଦାଶ ନାମେ ତୁମେ ଖ୍ୟାତ
ଦୟାବନ୍ତ ଶାନ୍ତି ଦୂତ
ଅମୃତ ସନ୍ତାନ ଯୁଗଜନ୍ମା ଘେନ
କୋଟି କୋଟି ଦଣ୍ଡବତ ।

ପିତା ଦଇତାରୀ ମାତା ସ୍ଵର୍ଣ୍ଣମୟୀ
କୂଳନନ୍ଦନ ଯେ ଥିଲ
ତ୍ୟାଗ ଆଦର୍ଶର ନାହିଁ ପଟାନ୍ତର
ସୁଆଣ୍ଡୋ କୁ ଧନ୍ୟକଲ ।

ବିପନ୍ନ ପୀଡିତ,ହୃଦେ ଦୁଃଖରତ
ଦରିଦ୍ର ଜନର ବନ୍ଧୁ
ହସ ଫୁଟାଇଛ ଦୁଃଖୀର ମୁହଁରେ
ଇନ୍ଦୁ ତୁମେ ଗୋପବନ୍ଧୁ ।

ପର ଆପଣାର ଭେଦଭାବ ନାହିଁ
ସେବାର ପ୍ରତୀକ ସାଜି
ମହାନତା ଭରା ହୃଦୟ ପସରା
ପର ଦୁଃଖେ କାନ୍ଦେ ନିତି।

କାଳଜୟୀ ଲେଖା ନୂଆ ନୂଆ ରାହା
ଦିଗଦର୍ଶନ ସମାଜକୁ
ମାନବ ଜୀବନ କର୍ମ ମଧ୍ୟେ ସାର
ବାର୍ତ୍ତା ଅମର ଯୁଗକୁ।

ଅବକାଶ ଚିନ୍ତା,ବନ୍ଦୀଆତ୍ମକଥା
ଧର୍ମପଦ ଆଦି ଲେଖି
ଓଡ଼ିଆ ସାହିତ୍ୟ ସମୃଦ୍ଧ କରିଛ
ଭାଷାର ମହତ୍ତ୍ଵ ରଖି।

କୋଟି ପ୍ରାଣ ଝୁରେ ତ୍ୟାଗୀପୁରୁଷଙ୍କୁ
ସୁମରି ଅମୃତବାଣୀ
"ମିଶୁମୋରଦେହ ଏଦେଶ ମାଟିରେ"
ଧନ୍ୟ ହେ ଉତ୍କଳମଣି।

ଏକାମ୍ର ବିହାର, ଭୁବନେଶ୍ୱର

■■■

# ଉଦିତ ଚେତନା

**ଗୀତା ପଟ୍ଟନାୟକ**



ଜୀବନ ପଥରେ କେତେ କଂଟା ଝଂଟା
କେତେ ଯେ ପାହାଡ଼ ନଈ,
ବଂଚିବାର କଳା ଶିଖି ଏବେ ଗଲି
ତୁମ ନାମ ଗାଇ ଗାଇ ।
ଖାଲି ଆସିଥିଲି  ଖାଲି ଚାଲିଯିବି
ଏ କଥା ତ ଥିଲି ଭୁଲି,
ମୋହର ଚାଦର ଘୋଡେଇ ହୋଇ ମୁଁ
ମାୟା କୁ କୋଳେଇ ନେଲି ।
ମାୟା ବଟବୃକ୍ଷ ଡାଳ ମେଲିଥିଲା
ବିସ୍ତାରି ତା କଳେବର,
ବୁଝିବାକୁ ମୋର ସମୟ ନ ଥିଲା
ମିଛ ମାୟା ଏ ସଂସାର ।
ଦୁନିଆଁ ହାଟରେ ଘୁରି ବୁଲୁଥିଲି
ପାଗଳ ବଣିକ ପରି,
ରଂଗ ବେରଂଗର  ଖେଳନା ମୋହର
କରିଥିଲା ମନ ଚୋରି ।
ମୋହଗ୍ରସ୍ତ ହୋଇ ମଦ୍ୟପ ସମ
ଦେଖିଲି ନାନା ସପନ,
ଅଳିକ ଏ ସବୁ ମରୁ ମରୀଚିକା
ମନେ ମୋ ନ ଥିଲା ଧ୍ୟାନ ।
ତନୁ ମନ ମୋର ଏବେ ଅବସନ୍ନ
ନଇଁ ଆସିଲାଣି ସଂଜ,
ବୟସ କୋରଡେ ମୁଣ୍ଡ ଟେକିଲାଣି
ମୃତ୍ୟୁ ରୂପି ଅହିରାଜ ।
ଛାଡି ଗଲେ ନିଶା ମଦ୍ୟପ କାନ୍ଦେ
ଅସହାୟ ଶିଶୁ ପରି,
କୃତ କର୍ମ ପାଇଁ ମୁଁ ଏବେ କାନ୍ଦୁଛି
ନିତି ଗୁମୁରି ଗୁମୁରି ।
ମାୟା ମୋହେ ପଡି କଳୁଷ କାଳିମା
ହୋଇଛି ମୋ ଦେହେ ବୋଳି
ତୁମ ଦରଶନ ପାଇବି କେମିତି
ସେହି କଥା ହୁଏ ଭାଳି ।
ପବନ ସୁଅରେ ସତେ ଅବା କାନେ
କିଏ ଦେଲା ମୋର କହି
ଚେତନା ରୂପରେ ତୋ ଦେହେ ରହିଛି
ବାହାରେ ଖୋଜୁଛୁ  କାହିଁ ?



■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର
ମୋ-୭୯୭୮୯୦୨୩୭୩

# ବାଜିରାଉତ

କବିତା ନାୟକ





ମୁଁ ବାଳକ ବାଜି ରାଉତ
　　　　ଅପରାଧ ମୋର ଅପରାଧ
ନୌକା ନେଲିନି　　　　ପାରି କରାଇନି
　　　　କରିଲିନି ତାକୁ ସ୍ୱାଗତ ।
　　　　ପ୍ରଜା ମେଳିର ସେ ଇଙ୍ଗିତ
ସବୁରି ମନରେ　　　　ସାହସ ଦେଲିମୁଁ
　　　　ରଖିଛି ଜାତିର ମହତ ।
ବ୍ରିଟିସ୍ ଫୌଜର　　　　ଗୁଳିଆଘାତରେ
　　　　ଯାଇଛି ମୋ କ୍ଷୁଦ୍ର ଜୀବନ
　　　　ଦୁଃଖ ନାହିଁ ମୋର ଦୁଃଖନାହିଁ
ମୋ ପାଇଁ ରହିଛି　　　　ଶତ ଜନତାର
　　　　ନିରୀହ ନିଷ୍ପାପ ଜୀବନ ।
ମୋ ରକ୍ତ ବିନ୍ଦୁରେ　　　　ଶାଣିତ ହୋଇଛି
　　　　କୋଟି ହୃଦୟର ପ୍ଲାବନ,
ଦେଶ ଜାତି ପାଇଁ　ପ୍ରାଣବଳୀ ଦେଇ
　　　　ହୋଇ ନ ପାରେ　ମୁଁ ମହାନ ।
ମୋ ରକ୍ତ ବିନ୍ଦୁରେ　　　　ପ୍ରତି ରକ୍ତବିନ୍ଦୁ
　　　　ପାଉ ଦେଶ ପ୍ରିତି ଆହ୍ୱାନ ॥

■■■

ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର୍ - ୧୭
ମୋ : ୭୭୩୫୯୧୭୧୧୧

# ଚିତ୍ରିତ ଛବି

ଡ. ପ୍ରବୀଣା ପରିଡ଼ା



ପାର୍ବଣ  ଆସିବାର ଖୁସିରେ
ମସଗୁଲ ହୁଏନା କି
ନୂଆ ପିନ୍ଧି
ଭୁରି ଭୋଜନରେ
ମଜିବାର  ଇଛା କରେନା,
ଆଲୋକର ଲୁଚକାଳି
ଝିଲିମିଲି  ନୃତ୍ୟରତା ରମଣୀ
ବାଘ ଛବି,
ହାତଠାରି ଡାକିଲେ ବି
ଖୁସି ହେବା ସାତ ସପନ।
ଅଗଣିତ
ମିଶାଣ ଫେଡାଣରେ
ଛନ୍ଦି ହୁଏ ସିନା,
ଖୋଜି ଖୋଜି  ପାଏନା ଠିକଣା,
ମୁଣ୍ଡ  ଉପରେ ନିଅଣ୍ଟିଆ  ଛାତ
ପେଟକୁ ମୁଠାଏ ନଥାଏ ଭାତ
ସାତସିଆଁ  କନାରେ ଲୁଚାଇ ଯୌବନ,
 ପୂଜା ପାର୍ବଣ ର  ସମ୍ଭାର
ନାଚଗୀତ କାନଫଟା ଗୀତର ସୁର।
ତା ପାଇଁ ସବୁ ଅର୍ଥ ହୀନ
ଚିତ୍ରିତ ଛବି ,
ମଥାପିଟି  ମାଟିର ମୋହରେ
ଖୋଜିଚାଲେ ବିବର୍ଣ୍ଣ  ରସଶୂନ୍ୟ
ଜୀବନେ ଆଶାର ରବି।



■■■

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ଆତ୍ମ ପ୍ରତାରଣା

ଯଦୁନାଥ ଜେନା

ରାସ୍ତା ଯଦି ହସି କେବେ
ପଚାରି ବସିଲା
ବନ୍ଧୁ ମିଛଟାରେ ସେପାଖକୁ
କାହିଁକି ଧାଉଁଛ ?
ତୁମ ଲକ୍ଷ୍ୟ ଥିଲା ପରା
ବୟସର ଏ ପାଖରେ
ମିଛଟାରେ ସେପାଖକୁ
କାହିଁକି ଧାଉଁଛ ?
ବୟସତ ଚାଲିଯିବ
ଚୁପଚାପ୍ ତା' ବାଟରେ
ତୁମେ ଖାଲି ଜଳୁଥିବ
ବସି ଏକା ଏକା ।
ଆହତ ହୃଦୟୁ ତୁମ
ଯନ୍ତ୍ରଣାର ଶର କେହି କାଢିବେନି
ତୁମେ ଖାଲି ଜଳୁଥିବ
ବସି ଏକା ଏକା ।
ସାଇତା ସ୍ୱପ୍ନକୁ ଖିନ୍ ଭିନ୍ କରିବାର
ମାନେ କିଛି ନାହିଁ,
ଚୁପ ଚାପ୍ ଜଳି ଜଳି
ହଜିଯିବା ପାଇଁ
ଚୁପ ଚାପ୍ ହଜି ହଜି
ଜଳିଯିବା ପାଇଁ ।



■■■

ଏନ. ସି. କଲେଜ ରୋଡ୍, ଯାଜପୁର ଟାଉନ୍

# ସାଥୀ ହୋଇ ରହିବାରେ ଜନ୍ମ ଜନ୍ମାନ୍ତର

**ନୀଳମଣି ଚାନ୍ଦ**



ଭାବନାରେ ରୁହ ତୁମେ
ସ୍ମୃତିରେ ନ ରୁହ
କଥାଦିଅ ତୁମପାଇଁ
ନ ଝରୁ ମୋ ଲୁହ ।

ଆସିବ ସ୍ୱପ୍ନରେ ଆଉ
ସ୍ୱଷ୍ଟ ଦିବାଲୋକେ
ଅମରାବତୀକୁ ଭୁଲି
ଆସିବ ଭୂଲୋକେ ।

ଜହ୍ନରୁ ଆଣିବ ତୋଳି
ଜ୍ୟୋସ୍ନାର ସୁମନ
ପରିକ୍ରମା କରିଯିବ
ଭବନୁ ଭୁବନ ।

ସମ୍ପର୍କ ଜାଲରେ ଛନ୍ଦି
ଦେବ ଗୋଟେ ଥର
ସାଥୀ ହୋଇ ରହିବାରେ
ଜନ୍ମ ଜନ୍ମାନ୍ତ ର।



■■■

୨୭, ମନ୍ତ୍ର ମାନୋର, ଗୋଠପାଟଣା,
ଭୁବନେଶ୍ୱର - ୨୯
ମୋ - ୯୫୮୩୨ ୦୨୩୫୭

# କବିର ଭାବନା

ପ୍ରଭାତୀ କୁମାରୀ ମିଶ୍ର



କବିର କଳ୍ପନା ତା ମନ ଭାବନା
କବିତା ଛନ୍ଦରେ ଥାଏ,
ଯିଏ ବୁଝି ଥାଏ ତାର ଗୁଣ ଗାଏ
ପଢି ତାର ମନ ମୋହେ।
କବିର ଚାହାଁଣି କବିର ନିଃଶ୍ୱାସେ
ପ୍ରଶ୍ୱାସେ ଥାଏ ବାରତା,
ଜଣାଇ ଦିଏ ସେ ସତ୍ୟର ମହକ
ବିଶ୍ୱାସେ ରଖେ ଭରସା।
କଲମ ମୂନରେ ଭାସିଆସେ ତାର
ଅକୁହା ବେଦନା ଯେତେ,
ଖୋଜି ଶବ୍ଦ ପୁଂଜ ସଜାଡି ଦେଇ ସେ
କବିତା ରୂପେ ପରଶେ।
ଯହିଁ ଥାଏ କବି ଆଙ୍କିଥାଏ ଛବି
ମନର କାଗଜ ପରେ,
ଛବିରୁ ଲେଖାଟି ହୁଅଇ ପ୍ରକଟ
ପାଠକର ମନ ହରେ।
କବି ପାଇଁ ସିନା ଲାଗଇ ସମାନ
କିବା ରାତି ଆଉ ଦିନ,
ନ ଲେଖିବା ଯାଏ ମନକଥା ତାର
କେଉଁଠି ନ ଲାଗେ ମନ।
ଲେଖା ମାଧ୍ୟମରେ ଫୁଟିଉଠେ ତାର
କେତେ ଯେ ଅମର ଗାଥା,
ନୀତିବାଣୀ ଆଉ ମନଲୋଭା କଥା
ପଢି ଦୂର ହୁଏ ବ୍ୟଥା।
ଭାସିଆସେ କେତେ ପ୍ରଶଂସାର ବାର୍ତ୍ତା
ତା ପ୍ରିୟ ପାଠକ ଠାରୁ,
କବିତା ପାଇଁ ସେ ହୁଏ ପରିଚିତ
ଜିଇଁ ଥାଉ ଅବା ମରୁ।



■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର
ଫୋନ୍:୮୯୧୭୫୩୮୫୬୧

# ଗୋଧୂଳି ର ବର୍ଣ୍ଣ ବିଭା

ମାନଗୋବିନ୍ଦ ବାରିକ





ଗୋଧୂଳି-ସନ୍ଧ୍ୟାର ପ୍ରତୀଚୀ-ଦିଗନ୍ତେ
ରଙ୍ଗ-ତରଙ୍ଗର ଚିତ୍ର ,
ଅସ୍ତାଚଳ ସୂର୍ଯ୍ୟ ସ୍ୱର୍ଣ୍ଣ ବର୍ଣ୍ଣାଳୀରେ
ଚାରୁ-ଚାତୁର୍ଯ୍ୟ ବୈଚିତ୍ର୍ୟ।

କାନ୍ତ କମନୀୟ ଶାନ୍ତ ନମନୀୟ
ରମଣୀୟ ସୌମ୍ୟଆଭା,
ବାରୁଣୀ ଗଗନେ ପ୍ରକୃତି ସୁଷମା
ହୀରଣ୍ମୟ ବର୍ଣ୍ଣବିଭା।

ଗୋଗୋଷ୍ଠ ବାହୁଡା ଗୋଧୂଳି ପରାଗେ
ଧୂମମୟ ଗ୍ରାମାଙ୍ଗନ,
ଗୋପାଳ ବାଳକ ସ୍ୱର ଲହରୀରେ
ପୁଲକ ସଙ୍ଗୀତ ସ୍ୱନ।

ଦିବାବସାନରେ ବିବସ-ମନରେ
ତୃପ୍ତିମୟ ଭାବାବେଗ,
ଭାବ-ତନ୍ମୟର ଚିନ୍ମୟ ତନ୍ତ୍ରୀରେ
ଫଗୁଣର ଫଗୁରଙ୍ଗ।।

ସାୟଂ ଅସ୍ତରାଗ ମିଠା ଅନୁରାଗେ
ଚିତ୍ତେ ସମ୍ମୋହନ ମନ୍ତ୍ର,
ପ୍ରକୃତି ସୁନ୍ଦରୀ ଲାବଣ୍ୟ ମାଧୁରୀ
ସୌମ୍ୟକାନ୍ତି ଚାରୁଚିତ୍ର।

ଅସ୍ତାଚଳୁ ଭାନୁ ହୋଇ ନତଜାନୁ
ତେଜିଛନ୍ତି ସିଂହାସନ।
ପ୍ରାଚୀ ଭାଲପଟେ ଚନ୍ଦ୍ରମା ପ୍ରକଟେ
କୌମୁଦୀ ଶୋଭାସଂପନ୍ନ।

ଗୈରିକ-ବସନା ସନ୍ଧ୍ୟା ଦିଗାଙ୍ଗନା
ରୂପଶ୍ରୀ ଲାବଣ୍ୟବତୀ,
ରୂପା-ରୋଷଣିର ରୂପ-ମାଧୁରୀରେ
ମର୍ତ୍ତ୍ୟରେ ଅମରାବତୀ ।

ଅର୍ଘ୍ୟଥାଳି ଘେନି ଗ୍ରାମ୍ୟ ସିମନ୍ତିନୀ
ଜାଳେ ମଙ୍ଗଳ ଆଳତୀ,
ସଞ୍ଜଦୀପ ଦେଇ ଭକ୍ତିରେ ବନ୍ଦଇ
କୃପାମୟୀ ବୃନ୍ଦାବତୀ ।

ଦେବ ମନ୍ଦିରରେ ଶଙ୍ଖ ଘଣ୍ଟା ଧ୍ୱନି
ଅଗୁରୁ ଚନ୍ଦନ ବାସ୍ନା,
ପୁଣ୍ୟ ଦେବପୀଠେ ନାମ ସଂକୀର୍ତ୍ତନ
ଦିବ୍ୟ ଦୈବିକ ଚେତନା।

ତାରାଭରା ନଭେ କୁଆଁରୀ ଜହ୍ନର
ସ୍ନିଗ୍ଧ ରୋମାଂଚିତ ଜ୍ୟୋତ୍ସ୍ନା,
ନୀଳ ଗଗନର ସୁନିର୍ମଳ ଆଭା
ପ୍ରାଣେ ଭରେ ପ୍ରୀତି ତୃଷ୍ଣା।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

ଇପତ୍ରିକା
୦୧ ନଭେମ୍ବର ୨୦୨୨

# ମା' ଜଗତ ଜନନୀ

ରଞ୍ଜିତା ତ୍ରିପାଠୀ





ରୂପେଲି ଚାଦର ବିଛାଇ ଧରାରେ
ଜହ୍ନ କିରିକିରି ହସିଲାଣି
ନଈପଠା ଧାରେ କାଶତଣ୍ଡୀ ଫୁଲ
ଆଲଟ ଚାମର ଢାଳିଲାଣି ।
ସିଂହ ବାହାନରେ ମାଆ ଦଶଭୂଜା
ସ୍ୱର୍ଗରୁ ଓହ୍ଲାଇ ଆସିଲେଣି
ତାଙ୍କରି ତେଜରେ ଏ ମରତ ଧାମ
ଆଲୋକିତ ପରା ହୋଇଲାଣି ।
ଚନ୍ଦନ କର୍ପୂର ଧୂପ ଦୀପ ବାସେ
ଚତୁର୍ଦ୍ଦିଗେ ବାସ ବସିଲାଣି ।
ଢୋଲ ପେଁକାଳି ଘଣ୍ଟ ଘଣ୍ଟା ଶବ୍ଦେ
ପୃଥିବୀ ଦୁଲୁକି ଉଠିଲାଣି ।
ଦୈତ୍ୟ ବିନାଶିନୀ ଦୁର୍ଗତିନାଶିନୀ
ଆସ ମା' ଅମ୍ବେ କାତ୍ୟାୟିନୀ
ଦୁଷ୍ଟ ସଂହାରୀ ପାପ ନାଶକରି
ରକ୍ଷ ସଂସାର ମା' ଜଗତ ଜନନୀ ।

■■■

ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ :୮୮୯୫୨ ୭୭୮୧୫

# ପାର୍ବଣେ ନବଦୁର୍ଗା

ନିକୁଞ୍ଜ କୁମାର ଘୋଷ



ଶରତ ଋତୁର କାଶତଣ୍ଡୀ ଫୁଲେ
ମାଆଙ୍କର ଆଗମନ
ପାର୍ବଣେ ନବଦୁର୍ଗାଙ୍କୁ ପାଇ ମିଳେ
ଉଲ୍ଲାସିତ ଏ ଜୀବନ ।।

ଭିନ୍ନ ଭିନ୍ନ ନାମେ ମାଆ ପରିଚିତ
ଭକତଙ୍କ ପାଖେ ସିଏ
ଦୁର୍ଗତି ନାଶି ଯିଏ ସୁଖ ବାଣ୍ଟି ଦିଏ
ନବଦୁର୍ଗା ଆଉ କିଏ ??



ପାର୍ବଣେ ନବଦୁର୍ଗାଙ୍କ ଆରଧନା
ଜଗତେ ମିଳଇ ମୁକ୍ତି
ଦୁଷ୍ଟଙ୍କୁ ନାଶି ଧରମ ପ୍ରତିଷ୍ଠାରେ
ଭକତଙ୍କୁ ମିଳେ ଶାନ୍ତି ।।

ଜଗତେ ମାଆ ତୁମେ ଶକ୍ତି ସମ୍ଭୁତା
ତୋ ପାଖେ କେ ନୁହେଁ ସରି
ଆନନ୍ଦ ଉଲ୍ଲାସେ ଭକତଙ୍କ ମେଳେ
ବଜାଇ ମହୁରୀ ତୁରୀ ।।


ତବ ଦରଶନ ପାଇଁ ମୁଁ ଆକୁଳ
ଭକତ ମୁଁ ଅତି ଛୋଟ
ତୁମରି ଆଶିଷ ଲଭିବା ପାଇଁ କି
ଧାଇଁଛି ଅନେକ ବାଟ ।।

■■■

ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

# ମଶାଣିର କ୍ଷୁଧା

ସିଦ୍ଧାର୍ଥ କୁମାର ମହାପାତ୍ର



କେଡ଼େ ଅନାହାରେ ଅଛୁ ରେ ମଶାଣି
ହେଉନି ତୋ ମନ ତୃପ୍ତି
ପିଲା ଟୋକା ବୁଢା କରନ୍ତି ଶୟନ
କରାଳ କୋଳରେ ନିତି ।

କାଳର କରାଳ ତୁହି ରଙ୍ଗମଞ୍ଚ
ଜୀବନେ ଅପ୍ରିୟ ସତ୍ୟ
ରାମନାମ ହରିନାମ ର ଶବଦେ
ଅଧୀର ହୁଅଇ ମର୍ତ୍ତ୍ୟ ।



କେଉଁ ଜନମ ର ଦୁଷ୍କୃତି କାରଣୁ
ତୋ ପାଶେ ଜୀବନ ଶେଷ
ଛୋଟ ବଡ଼ ଜ୍ଞାନୀ ଅଜ୍ଞାନ ଲଭନ୍ତି
ଜୁଇ ଅନଳେ ପାଉଁଶ ।

ଭୂତ ପିଶାଚ ଙ୍କ ତୁହି ଚରାଭୂଇଁ
ଆତଙ୍କ ର ପ୍ରିୟ ସ୍ଥଳ
ତୋ ନାମ ଶ୍ରବଣେ ହୃଦ ଥର ହର
ଜୀବନ ହୁଏ ବିକଳ ।

ଶବର ଶୟନ ତୁହିରେ ଶ୍ମଶାନ
କ୍ଷୁଧାରେ ବିତେ ତୋ ଦିନ
କେତେ କେତେ ଜୀବ କରିଲେ ଦହନ
ପରିତୃପ୍ତ ହେବ ମନ ?

ଶିକ୍ଷକ, କଣ୍ଟିଲୋ, ନୟାଗଡ
ମୋ: ୯୮୫୩୦ ୩୬୧୭୨

# ଜନନୀ

ପଞ୍ଚାନନ ତାଣ୍ଡି





ଜନମିଲି ଯେବେ ତୋ ଗରଭୁ
କୁଆଁ କୁଆଁ ଡାକ ଦେଇ
ପ୍ରାବୃଟର ବାରିଧାରା
ଝରିଗଲା ତୋ କୋଲରେ
ଗଲି ଶୋଇ
ଆନନ୍ଦରେ ଉଲ୍ଲସିଲୁ
ଦେଖି ମୋ ବଦନ
ମୋ ସୁନା  ମୋ ସୁନା
ବୋଲି କେତେ ପ୍ରବୋଧିଲୁ
ଏନ୍ତୁଡ଼ି ଶାଳରୁ ନେଇ
ଷଷ୍ଠୀ ଦେବୀଙ୍କୁ କହିଲୁ
କରିବାକୁ ମୋ ମଙ୍ଗଳ ବିଧାନ
ସତ୍ୟ ନାରାୟଣ ପୂଜିଲୁ
ଏକୋଇଶା ଦିନେ
ଅରଖ ଦୁଦୁରା ବେଲ ପତର
ଦେଇ ପୂଜା କଲୁ ଶିବ ଶଙ୍କର
ହର ହର ମହାଦେବ
ଦୁଃଖ କଷ୍ଟ ହର
ନିବେଦିଲୁ ଶିବ ସନ୍ନିଧାନେ
ସୋରିଷଠୁ ଢାଳ ଏଡ଼େ କଲୁ
ତୋ ସ୍ନିଗ୍ଧ ସ୍ନେହ ମମତା
ନବନୀତ କୋମଳତା
ମଧୁବୋଳା ସମ୍ବୋଧନରେ
ବାତ୍ସଲ୍ୟ ପ୍ରେମ ଝରାଇ
ଜୀବନ ଅମୃତ ଭରିଦେଲୁ
ପୂଣ୍ୟ ଶ୍ଳୋକୀ ମାତେଶ୍ୱରୀ
ତୋ ପ୍ରାଣ ନିର୍ଯ୍ୟାସ
ମୋତେ ସମର୍ପିଲୁ
ମୋ ଜନନୀ ଗର୍ଭଧାରୀ
ପୃଥିବୀ ଠୁ ବଡ଼
ତୋ କୋଳରେ ଶୋଇଥିଲେ
ଛଡ଼ାଇ ପାରିବନି ମୋତେ
କାଳ ରୂପୀ ଝଡ଼
ତୋ ଋଣ ପାରିବିନି ସୁଝି ମାତ
ଜୀବଥିବା ଯାଏ
ତା  ପାଇଁ ଢାଳିବି ଅଶ୍ରୁ
ନିର୍ଜନ ବେଳାରେ
ଅସ୍ରାଏ ଅସ୍ରାଏ ।

■■■

ହିସାବ ଅଧିକାରୀ, ନର୍ଲା ବ୍ଲକ୍, କଳାହାଣ୍ଡି,
ମୋ : ୮୯୯୫୨ ୫୫୬୭୨

# ଲୁହ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



କୋଳାହଳ ଓ ଚିତ୍କାର ଶୁଭେ
ବିଳାପର, କରୁଣର
ଲୁହ ଜମେ ସ୍ତର ସ୍ତର,
ବୁକୁଫଟା କୋହରେ,
ସତେ ଯେମିତି
ପ୍ରତିବଦ୍ଧତା ନେଇ
ସଭିଏଁ ସଭିଙ୍କର
ଆଳାପ ବିଳାପ
ମଧ୍ୟରେ ପ୍ରାଳପର
ଅହେତୁକ ପ୍ରଶ୍ନବାଚୀ
ଏକ ଆରେକକୁ
କାହାପାଇଁ
ନିତ୍ଯ, ସତ୍ୟ,
ଶାଶ୍ଵତ ବାଣୀ ରେ
ଉଦ୍ଧାର କେବଳ
ରହିଯାଏ,
ହୃଦ ଓ ମନରେ
ଲୁହର ଶୀତଳତା,ଶିଥିଳତା,
ତପ୍ତହୋଇ ଝରିପଡ଼େ
ଅବାରିତ ଧାର ଧାର ହୋଇ
ଅଜାଣତ,ଅଜାଚିତ  ଭାବେ
ବାରମ୍ବାର ଟୋପା ଟୋପା ଲୁହ,
କେବଳ,
ଅସମୟ ଓ ଏକାନ୍ତରେ ।



■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୭୫୮୮୨୭୫୫୨

# ତିନୋଟି କବିତା

ଭିକାରୀ ଚରଣ ମିଶ୍ର



## ପଥର

ମୁଁ ଅହଲ୍ୟା ନୁହେଁ
ଦିଅଁ କି ଦେଉଳ ନୁହେଁ
ମୁଁ କୌଣସି ଯୁଗ କି ସଭ୍ୟତା ନୁହେଁ
ଅସ୍ତ୍ର ନୁହେଁ କି ଶସ୍ତ୍ର ନୁହେଁ
ମୁଁ କେବଳ ଆହତ ଖେଳନାଟିଏ
ଏ ବିଶ୍ୱର ବିଶ୍ୱକର୍ମାଙ୍କର ।





## ଫୁଲର ଇଚ୍ଛା

ତମ୍ଭର ଫଣାରେ ମୋତେ
ଜନ୍ମଦେବ ପ୍ରଭୁ
ତୁମ ପାଦଚିହ୍ନ ପରେ
ଯେଉଁଠି ନଥିବ ଭୟ
ଫୁଟିବା ଆଗରୁ
ଯେମିତି ଫୁଲଟିଏ ମରେ ।

## ଈଶ୍ୱର

ମୋ ନାଆଁରେ ସବୁ ଚାଲୁ
ମୁଁ ଚାଲିବିନି
ମୋତେ ପାଇଥିବା ଲୋକ
ଚାଲୁଥିବେ ଯୁଗଯୁଗ ଧରି
ସେମାନଙ୍କ ପଛରେ ତୁମେ ଚାଲୁଥିବ
ତା ନହେଲେ ପୃଥିବୀ ଘୁରିବ କିପରି ।



■■■

ତାରା ଭବନ,
ଟିଟିଲାଗଡ଼,ବଲାଙ୍ଗିର
ମୋ - ୯୭୬୮୮୫୫୯୭୬



# ବିଶ୍ୱାସ

ପ୍ରଭାତ କୁମାର ମିଶ୍ର

ବିଶ୍ୱାସର ଦ୍ୱାହି ଦେଇ
ପ୍ରତାରଣା କର ନାହିଁ
ଭାଇଚାରା ହଜିଯିବ
ସବୁଦିନ ପାଇଁ ॥

ଲୋଭ ମୋହ ଦୁନିଆରେ
ବିଶ୍ୱାସ ହିଁ ଗୋଟିଏ ସମ୍ପଦ
ଯାହାକୁ ପାଥେୟ କରି
ଚାଲିଛି ଏହି ସାରା ଜଗତ ॥



ସେଇ ବିଶ୍ୱାସ ପାଇଁ ନାରୀଟିଏ
ସର୍ବସ୍ୱ ତ୍ୟାଗ କରେ କମାନ୍ଧ ପୁରୁଷ
ପାଖରେ
ସେ ନିଯେ ବି ଜାଣିନଥାଏ ...
କେତେବେଳେ ପ୍ରତାରିତ ହୋଇଯାଏ
ଲମ୍ପଟ ପୁରୁଷର କୂଟକ୍ରାନ୍ତରେ ॥

କଥାଦେଇ କଥାରଖି ପାରୁ ନଥିବା
ମଣିଷ ଯେ ଅବିଶ୍ୱାସୀ ହୁଏ
ସେହି ମଣିଷକୁ ବିଶ୍ୱାସ କରୁଥିବା
ନୀରିହ ବ୍ୟକ୍ତିତ୍ୱ
ଧୋକାର ଶିକାର ହୋଇଯାଏ ॥

ବିଶ୍ୱାସ ହେଉଛି ପରବ୍ରହ୍ମହଙ୍କର
ସର୍ବଶ୍ରେଷ୍ଠ ଦାନ
ଏହାର ଅପବ୍ୟବହାର ନକରିବାକୁ
କରହେ ପଣ ॥

■■■

ଭି ଏସ ଏସ ନଗର, ଭୁବନେଶ୍ୱର
ମୋ-୯୦୪୦୦୨୫୭୩୪

# ସମ୍ପର୍କ

ଯଜ୍ଞଦତ୍ତ ସାମନ୍ତରାୟ





ସମ୍ପର୍କର  ସଜ୍ଞା
ବୋଧେ ଏବେ
ବଦଳିଯାଇଛି ।
ସ୍ୱାର୍ଥ  ସାଧନ ପାଇଁ
ଲୋକେ ପାଖେଇ ଆସନ୍ତି
ସ୍ୱାର୍ଥ  ସାଧନ ହୋଇଲେ
ଦୂରେଇ ଯାଆନ୍ତି।
ହଁ,ଏମିତି କିଛି
ପାଖକୁ ଆସିବେ
ଆଉ କିଛି ବି ଦୂରେଇ ଯିବେ।
ଖୁବ୍ କମ୍ ଲୋକ
ଯେଉଁମାନେ ନିଃସ୍ୱାର୍ଥ
ସମ୍ପର୍କ  ରଖିବେ ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ବୁଆ

(କୋଶଲୀ)

ଯୋଗେଶ ମିଶ୍ର



ତୁଇ ଗଲା ଦିନୁ
ଉଲ୍ ଟି ନି ଦେଖି ଲୁ ତୋର୍ ଜନମ କଲା
ରକତ ମାଂସର ପୁତ୍ ଲି କେ
ଥରେବି ନି ଭାବ୍ ଲୁ
କେତେ ଝୁର୍ବା ତତେ ଆଖିର୍ ଲହ ଢାଲି
ଜାକି ଜୁକି ସୁଇବାକେ
ଖୁଜ୍ ବା ତୋର୍ ପେଟ୍ ତଲ୍ କେ
ତୁଇ ଗଲା ଦିନୁ
ଡୁଙ୍ଗରି ପତ୍ରା ଝାର୍
ଖେଡ୍ ଖଲିଆ ନଲିଆ
ଯାହିଁ ଦେଖି ଲେ ଦିସି ଜଉଛେ ତୋର୍ ମୁହୁଁ
ଆଏଖି ମୁଜ୍ ଲେ ଲମି ଅଉଛେ
ମୋର୍ ମୁଡ୍ କେ ତୋର୍ ହାଡ୍
ସୁଭି ଜଉଛେ ପୁତା ଭଲେ ଥା
ତୁଇ ଗଲା ଦିନୁ
ଭଲ୍ କଥାଟେ ସୁନ୍ ବାକେ
କାନ୍ ଦୁଇଟା ତର୍ସି ଯାଏସି
ଖଁଣିଆ ଖାବରା ହେଲେ
କେହି ନିନ ଆହା କହେ ବାକେ
ସବୁ କିଛି କେ ପାସ୍ ରି ଆ ଘାଏ ଫିରି
ହସେଇଦେ ଖେଲେଇଦେ ଚୁମିଦେ
ପେଟ୍ ତଲେ ଜାକି ସୁଏଇଦେ
ତୋର୍ ଇ ପୁତ୍ ଲି କେ ।



■■■

ଟିଟିଲାଗଡ଼,ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ଘାଟ୍

(କୋଶ୍‌ଲୀ)

ନୀରଜ ଦାଶ ଶର୍ମା



ଘାଟ୍ ନୁରୁଥିସି ମୁନୁଷ୍ କେ
କି
ମୁନୁଷ୍ ନୁରୁଥିସି ଘାଟ୍‌କେ !
ନିଶାସ୍ ଟିକ୍‌କ ଥିବାର୍ ତକ୍
ଘାଟ୍ ଡାକୁଥିସି
ଆ' ଆ'
ନିଶାସ୍ ଟିକ୍‌କ ସରିଗଲେଁ
କେନ୍‌ଟା ଘର୍ ଆର୍ କେନ୍‌ଟା ଘାଟ୍
କିଛି ଫରକ୍ ନାଇପଡ଼େ
ଘରୁଁ ଘାଟ୍ ତକ୍
ସବୁ ତ ପବନ୍ ଟିକ୍‌କର୍ ଖେଲ୍
ଘରୁଁ ଉଠି ଘାଟେଁ ସରି ଯାଏସି
ହାର୍ – ଜିତ୍, ସଁଖିଲା – ସଁଖିଲି
କିଛି ହିସାବ୍ ନାଇଁ ରଖେ
ଘାଟ୍ ତ ତାର୍ ଠାନେ ଠିଆ
ଖାଲି ଆ' ଆ' ପନ୍‌ଟେ
ଇଥିଁ ଆବ୍‌ରି ନେସି
ସବୁ ଖେଲ୍ କେ
ରଜାନୁ ରଁକ୍ ତକ୍
କିଛି ଫରକ ନାଇଁ ପଡ଼େ ।।



■■■

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬

# ସରକାରୀ ଜୁଏଁ
(କୋଶ୍‌ଲୀ)

ଅନୀଲ୍ ସାହୁ





ଦରକାରୀ ଆଏ ସରକାରୀ ଜୁଏଁ
ଯାହା କେ ଦେଖବୁ ଆଏଜ୍
ଚାଷ୍ କରୁଥିଲେ ନାକ୍ ଟେକା ଟେକି
କେତେ ଦେଖବୁ ବାଏଜ୍

ପଢ଼ିଥିଲେ ପିଠି ସରକାରୀ ଛାପ
ସାତ ଖୁନ୍ ଆଏ ମାଫ୍
ନେହେଲେ ଜେତକି ନିଖୁନ୍ ହେଲେ ଭି
କହେବେ ଗୁଡା କେ ଖାପ୍

ହଜାରେ ପିଲା ଥି ପୋଷ୍ଟ ପଚାଶ
କାଣା କରମୁ ଯେ କହ
ନଅଶ ପଚାଶ ଆଶ ଛାଡିକରି
ବସିଦେଲୁ ଦହଦହ

ବିନ ଚାକରି ଥି ଚାକରିଆ କାଣା
ସରଗୁ ଆଏବେ ଥିପି
ବିଏ ପଢ଼ିଦେଲେ ବୁଆର୍ ଚଏଣ୍ କେ
କେନୁଁ ହେଉଛେ ହୋ ଟିପି

ପଚାଶ ଭିତରେ ଯଦରି ରହେଲୁ
ଚଲ୍'ବା ଖେଲ୍'ଲେ ଜୁଆ
ମହୁଲି ସୁରପି ଘେଁସରିଲେ ଭିଲ
କହେମୁଁ ହୋ ଉଆ ଉଆ

ଯେତେ ଭଲଗୁନ୍ ଲୁଦରେ ଥିଲେ ବି
ସମକୁ ଲାଗସି ପିତା
ବଢେ ହିତକାରୀ ହେଲେ ଭିଲ କହ
କିଏ ପଢୁଛେ ହୋ ଗୀତା

ଜୁଏଁ ଦରକାର ଖାଣ୍ଟି ସରକାରୀ
ପୁଓ ପଛେ ନାଇଁ ଥାବେ
ଏନତା ବତରେ ଚଲାଲେ ଦୁନିଆଁ
ଚଲବା କାଏଁ କେନ୍ ଭାବେ ?

■■■

ଗର୍ଭଣା, ବରଗଡ଼

# ଖେଳ ଅନନ୍ତ କାଳ

ତୁଳସୀଦାସ ମିଶ୍ର





ତୁମେ ଅନ୍ତରୀକ୍ଷରେ ସର୍ବଦା ବିଦ୍ୟମାନ
ମୁଁ ମୋ ପରିଧିରେ ଶତତ ଚଳମାନ
ତୁମେ ଆକୁଳ
ମୁଁ ବ୍ୟାକୁଳ
କିନ୍ତୁ ଆମ ମଧ୍ୟରେ ବ୍ୟାପ୍ତ ଦୂରତା
ସ୍ଥିର, ଅପରିବର୍ତ୍ତିତ
ଆମେ ନିଜେ ନିଜେ ବଂଚୁଛେ
ନା ଦିହେଁ ଦିହିଁଙ୍କ ପାଇଁ ଜିଇଁଛେ?
ଏଇଟା ମିଳନର ପ୍ରତୀକ୍ଷା
ନା ପ୍ରେମର ପ୍ରହସନ?
ଆକର୍ଷଣ ନା ବିତୃଷ୍ଣା?

ଆମେ ଆମ ଅଜ୍ଞାତରେ
ଅଭିଶପ୍ତ ନୁହେଁ ତ?
ଆମେ ଚିର ବିରହରେ
ନାହୁଁ ତ?

■■■

ଭୁବନେଶ୍ୱର
ମୋ- ୯୮୭୧୫୫୨୭୯୩

# ଗୁରୁ କୃପା

ମଧୁସୂଦନ ନାଗ





ଗୁରୁ ହିଁ ବ୍ରହ୍ମା ଗୁରୁ ହିଁ ବିଷ୍ଣୁ
ଗୁରୁ ହିଁ ମହେଶ୍ୱର ।
ଗୁରୁମାନଙ୍କୁ ଭକ୍ତି ଭାବର ଧାରେ
କରୁଥିବ କୋଟି ଜୁହାର ।

ଗୁରୁହିଁ ଦେଖାସନ ମୁକତିର ବାଟ
ଗୁରୁ ତ ଗ୍ୟାନର ମୂଳ
ଗୁରୁହିଁ ଦେଖାସନ ଗ୍ୟାନର ଉକିଆ
ଇକଥା ନାଇ ଭୁଲ ।

ଗୁରୁକୃପା ଲାଗି ଦସ୍ୟୁରତ୍ନା କର
ହେଇଥିଲେ ବାଲ୍ମୀକି
ସାତଖଣ ରାମାୟଣ ଲେଖି ଦେଇ
ରଖି ଯାଇଛନ ସାକ୍ଷୀ,,,

ଗୁରୁ ସେବାକରି ଶବରି ମାତା ବି
ପାଇ ଗଲେ ଗତି ମୁକ୍ତି
ଭାବେ ଖୁଏ ଥିଲେ ରାମ କେ ଅଏଁଠା
ହେଇକରି ଭକ୍ତିମତି ।

ଗୁରୁମୂର୍ତ୍ତି ସେବି ବୀର ଏକଲବ୍ୟ
ହେଇଥିଲେ ଧନୁର୍ଦ୍ଧର
ମୂଳା ଆଙ୍ଗୁଟ କେ ଗୁରୁ ଦାନ ଦେଇ
ହେଇଗଲେ ଦାନୀ ବୀର ।

ଚବିଶ ଗୁରୁ କରି ରଜା ଅବଧୂତ
ପାଇଥିଲେ ବ୍ରହ୍ମଜ୍ଞାନ
ସବୁ ଜିବ କେ ଗୁରୁ ମାନିଥିଲେ
ନାଇଁ ଭାବି ବଡ ସାନ ।

ଗୁରୁ କୃପା ଲାଗି ଅନ୍ଧ ଭୀମ ଭୋଇ
ସନ୍ଥ କବି ହେଇଗଲେ
ଅଜ୍ଞାନ ଅନ୍ଧାରେ ଜ୍ଞାନ ର ଉକିଆ
ସଂସାର କେ ଦେଖେଇ ଦେଲେ ।

ଗୁରୁଜ୍ଞାନ ଧରି ବାଟ ଚାଲୁଥିବ
କରୁଥିବ ସତ କାମ
ଇ ମାୟା ସଂସାରେ ସତ ଗୁରୁ ପାଏଲେ
ମିଳିଯିବା ମୁକ୍ତିଧାମ ।

■■■

ମୁରିବାହାଲ, ବଲାଙ୍ଗିର

# ନିଜର ଉପରେ ନଜର

ବାଲ୍ମୀକି ପାତ୍ର



ଭିଡ ଭିତରେ ସବୁ ଲାଗେ ଆଜି ଅତି ନିଜର
ତେବେ କିଏ ସେହି ଏଠି ନିଜର ଭିତରେ ନିଜର
ହେ ଈଶ୍ୱର ମୁଁ ପଚାରୁଛି ଆଜି ପ୍ରଶ୍ନ
ମତେ ଦିଅ ତୁମେ ଉତ୍ତର
ଆଜି ବାଟବଣା କିଆଁ ନିଜର?
କି ହେଲା ଆଜି ଏ ଯୁଗର?
କିଏ ସେହି ମୋର ନିଜର?
କିଂବା ଏହି ସେହି ମହାସମରର
ବାକି ଥିବା କିଛି ପ୍ରହର?



ଏଠି ପିତା ବି ନିଜର , ମାତା ବି ନିଜର
ଭ୍ରାତା, ଭଗ୍ନୀ ଆଉ ପତ୍ନୀ ସବୁ ଏଠି ଅତି ନିଜର,
ଏଠି ମମିତା ମାନେ ବି ନିଜର, ଆଉ ଶର୍ମିଷ୍ଠା ମାନେ ବି ନିଜର
କିନ୍ତୁ ଅଳିକ ସ୍ୱାର୍ଥ ଭୁଲିଯାଏ ସବୁ ନିଜର!
ଆଉ ଯଶିପୁର ର ସରୋଜର ମା ' ସାଳନ୍ଦୀ ବି ଥିଲା ନିଜର
କିନ୍ତୁ ଛାର ମଦ ନିଶା ପାଇଁ ଜନ୍ମ କଲା ପୁଅ ଭୁଲିଗଲା ସବୁ ନିଜର
ହେ ଈଶ୍ୱର ମୁଁ ପଚାରୁଛି ପ୍ରଶ୍ନ ମତେ ଦିଅ ତୁମେ ଉତ୍ତର
ନିଜର କି ଆଜି ସତ୍ତା ହରାଇଛି ନିଜର?
ନିଜର କି ଆଜି ସଂଜ୍ଞା ହରାଇଛି ନିଜର?
କିମ୍ବା ଏହି ସେହି ମହାଭାରତର....
ବାକି ଥିବା କିଛି ପ୍ରହର?

କିନ୍ତୁ ହେ ଈଶ୍ୱର , ଅର୍ଜୁନ ରଥରେ ତୁମେ ରଖିଥିଲ ଉତ୍ତର
ମଣିଷ ହେଉଛି ଶ୍ରେଷ୍ଠ ଜୀବ ଏ ବିଶ୍ୱର
ତୁମେ କଥା ଦେଇଥିଲ ଗଢିବାକୁ ନୂଆ ଯୁଗର
ଏହିକି ସେ ଯୁଗ ତୁମେ ଦେଖିଥିବା ସ୍ୱପ୍ନର
ଏହିକି ସେ ଯୁଗ ତୁମେ ଦେଇଥିବା କଥାର
ଯହିଁ ଏ ମଣିଷ ସତ୍ତା ହରାଇଛି ନିଜର
ମୋ ପ୍ରଶ୍ନର ଉତ୍ତର ଦିଅହେ ଈଶ୍ୱର
ସତରେ କି ଏହି ମହାସମରର ବାକି ଥିବା କିଛି ପ୍ରହର?

■■■

ଭୁବନେଶ୍ୱର

# ସାଗର ବେଳାରେ

ଶ୍ରୀମତୀ ବସନ୍ତ ମିଶ୍ର

ସାଗର ବେଳାରେ ନିରୋଳା ବେଳାରେ
ଏକା ଏକା ଥିଲେ ବସି
ଦୁଇ ହାତେ ମୋର ଆଖି ଚାପିଧର
ଛପି ଛପି ତୁମେ ଆସି।

ବସି ପାଖେ ମୋର ଖୋଲିଦିଅ କେତେ
ଅଛିଣ୍ଡା କାହାଣୀ ପେଡି
କୋଠି କୋଠି କରି ସୁନେଲି ସପନ
ବାଲିଘର ବସ ଗଢି
କେବେ ଲାଉ ହୋଇ କେବେ କୋଳେ ଶୋଇ
ଲୋଟିଯାଅ ହସି ହସି।
ସାଗର ବେଳାରେ ...।



ଆମ ପୀରତିର ମୂକସାକ୍ଷୀ ଅଛି
ଆଜି ବି ସାଗର ତଟ
କରିଥିଲେ ସାଥେ ଶପଥ ଜଳିବ
ସରଗଦୁଆରେ ଘଟ
ପାଣିଗାର ହେଲା ତୁମ କଥା ଗଲ
ପ୍ରତାରଣା ସୁଏ ଭାସି।
ସାଗର ବେଳାରେ ...।

ଫେରୁଛି ଆଜି ବି ଦରିଆ କୂଳରୁ
ଖୋଜି ତୁମ ପାଦଚିହ୍ନ
ପାସୋରି କେମିତି ଏତେ ସବୁ ସ୍ମୃତି
ଅରପିଲ ଆନେ ମନ
ମୋ ବିରହ ନିଆଁ ତୁମ ଲଲାଟରେ
ଦାଉ ଦାଉ କରୁ ଖୁସି।
ସାଗର ବେଳାରେ ...।

■■■

ସମ୍ପାଦିକା, ଆମ ବ୍ୟଙ୍ଗ ପସରା,
ମଣିସାହି, ମାଧବ ନଗର, ଭଦ୍ରକ
ମୋ- ୯୪୩୯୫ ୫୪୯୬୪

# ଏଇ ତ' ଜୀବନ

କରିସ୍ମା ତ୍ରିପାଠୀ



ଏଇ ତ ଜୀବନ...
ସମୟ ଆଗରେ କିଏ ବା ଜିତି ପାରିଛି !
ଜୀବନ ନୌକା ବି
ସମୟର ତାଳେ ତାଳେ ଗଡି ଚାଲିଛି...
କେବେ ଉଚ୍ଚା ଢେଉ ଆସୁଛି
ତ କେବେ ନିଚ୍ଚା...
କେବେ ଖରା ତ କେବେ ପୁଣି ବର୍ଷା...
କେବେ ସୁଖ ତ କେବେ ପୁଣି ଦୁଃଖ...
କେବେ ନୂଆ ଜନମ ତ
କେବେ ମୃତ୍ୟୁ ର ଖେଳ...
କେବେ ସବୁଜ ପତର ଡାଳେ
ବାନ୍ଧି ହୁଏ ନୂଆ ଝିଲ ମିଲ ଆଶା...
ସାତ ରଙ୍ଗ ରେ ଭରା ଏ ଜୀବନ ,
କିଏ ଜାଣେ
ଏ ଜୀବନେ କେବେ ଆସିବ କେଉ ଝଡ଼?
ବାଇ ଚଢେଇ ପରି ବାନ୍ଧିଚୀ ବସା,
ମନ କୁ କରି ଦୃଢ଼...
ଏ ତ ଜୀବନ...



■■■

ମୋ- ୭୦୦୮୨୭୨୧୩୫

# ଶ୍ରାବଣୀ କନ୍ୟା

ପୁଷ୍ପଲତା ମିଶ୍ର



ଶ୍ରାବଣୀ କନ୍ୟା ଗୋ ମୋ ମନ ବୁକୁ ରେ
ଅଟ ଚଞ୍ଚଳ ଝରଣା,
ଦିନ ରାତି ମୁହିଁ ଭାବୁ ଥାଏ ସଦା
ସତେ ମୋ ମନ ମଇନା ।
ଟୋପାଏ ଲୁହ କୁ ସାଇତି ପାରୁନି
ଝର ଝର ବୋହି ଯାଏ,
ତୁମେ ଆହ୍ଲାଦିତ ପାଣି ରେ ଭରଣା
ନାରୀ ଠାରୁ ନଦୀ ଯାଏ ।
ଚପଳ ବର୍ଣିଳ ଜ୍ୟୋତି ରଶ୍ମି ମାଳ
ହସ ର ଝରାଏ ମୋତି,
ପ୍ରୀତି ପରଶ ରେ ଲିପି ଦିଅ ବାରି
ଶ୍ରାବଣୀ ମ ହ୍ଲାର ଗୀତି ।
ଶ୍ରାବଣୀ ଗୋ ତୁମେ ମୋ ମନ ନାୟିକା
ଅବୁଝା ଓଠ ର ଭାଷା ,
ପ୍ରେମ ପ୍ରଣୟ ର ପୂର୍ଣ୍ୟ ଶ୍ଳୋକ ତୁମେ
ଅଟ ଗଣିତ ର କଷା ।
ତୁମକୁ ବାନ୍ଧିବା ଶକ୍ତି ନାହିଁ କାର
ପ୍ରେମ କରିବା ଟା ମନା,
ଝର ଝର ହୋଇ ଶ୍ରାବଣୀ କନ୍ୟା ଲୋ
ଆଖି ଠାର କୁ ଯେ ଅନା ।
ଫେରି ଯାଅ ତୁମେ ଶ୍ରାବଣୀ କନ୍ୟା ଲୋ
ଉପେକ୍ଷିତ କର ନାହିଁ,
ସୃଷ୍ଟି ର ଉଲଗ୍ନ ଚିରା ଚର ସତ୍ୟ
ବିଶ୍ୱାସ କୁ ଭରି ତହିଁ ।
ବୃକ୍ଷ ଲତା ଆଜି ଶ୍ୟାମଳ ଦିଶନ୍ତି
ପାଇ ଶ୍ରାବଣ ପରଶ ,
ଚାତକ ପକ୍ଷୀ ଟି ଚାହିଁ ରହି ଥାଏ
ମେଣ୍ଟେଇବ ତାର ଶୋଷ ।



■■■

ଭୁବନେଶ୍ୱର
ମୋ- ୯୩୩୮ ୨ ୯୪୬୫୭

# କିଛି ଫରକ ପଡୁନି

ନିହାରିକା ରାୟ ବରାଳ



ସତରେ!ଏବେ କିଛି ଫରକ ପଡୁନି
କିଏ ମୋ ପାଖରେ ଥାଉ  କି ନଥାଉ
କାହାର ସମବେଦନାର କଥା  ପଦେ,
କି ସ୍ନେହବୋଳା ଆପଣାପଣ ର ହାତ
କିଏ ଆଲିଙ୍ଗନ କରି ପିଠି ଥାପୁଡ଼େଇବା
ଅବା ଲୁହ ବିନ୍ଦୁ ସବୁ କୁ ପାପୁଲିରେ ଧରିନେବା
କାହାର କୁମ୍ଭୀର କାନ୍ଦଣାରେ
ସମ୍ପର୍କର ବଳୟ  କୁ ପ୍ରକମ୍ପିତ କରୁଥିବା
କି  ଧୂର୍ତ୍ତତାର ପଶାପାଲିରେ
ଅଭିନୟର ମୁଖା ତଳୁ
ଛଦ୍ମବେଶ ସ୍ପଷ୍ଟ ଦିଶୁଥିବା
ସତରେ ଏବେ କିଛି  ଫରକ ପଡୁନି
ସ୍ତବ୍ଧ ପାଲଟି ଯାଇଥିବା ହୃଦୟ କୁ
ଆଉ ଆଘାତ ଲାଗୁନି କିଛି
ଭାଙ୍ଗି ଗଲେ  କି ଉଜୁଡି ଗଲେ
ଜୀବନ ଜୀଇଁବାର କଳା  ଶିଖିଗଲା ପରେ
ଆଉ ଏକଲା ପଣକୁ ବିଲକୁଲ ଡର ଲାଗୁନି
ରାତି ପାଇଁ ସାଇତି ଥିବା ସ୍ୱପ୍ନ ସବୁ
ଭଙ୍ଗା କାଚର ଟୁକୁଡା ପରି
ଇତସ୍ତତଃ ବିଛୁଡ଼ି ହେଇ ଗଲେ ବି
ଆଉ ନିଃସ୍ୱ ଲାଗୁନି
ମିଛ ସୁଖ ବିଛଣାରେ
ଘୋଡ଼ିହୋଇ ଥିବା  ଦୁଃଖର ଚାଦର
ଏବେ ଆଉ ନିଅଣ୍ଟିଆ ହେଉନି
ସମୟର ସୋହାଗ ପଣରେ
କି ବାକରୁଦ୍ଧ କରୁଥିବା  ଶବ୍ଦ ଙ୍କର
ଆଙ୍କା ମାଙ୍କା ପ୍ରୟାସ ରେ
ଏବେ ଆଉ କିଛି  ଫରକ ପଡୁନି।



ଅନୁରାଗ, ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ଆଳାପ

ଅପରାଜିତା

ତୁମେ ମୋର କଳ୍ପନାର
କବିତା ଆଳାପ
କିଛି ଉଚ୍ଚାରିତ
କିଛି ନିଃଶବ୍ଦ ସଂଳାପ ।

କେବେ ସେ ପ୍ରଗଳ୍ଭା ନଦୀ
ନୀରବ ନିର୍ଝରା
ଆବେଗରେ ଅନୁରାଗେ
ପ୍ରୀତି ପଦ୍ମଝରା ।

ବସନ୍ତର ବର୍ଣ୍ଣବିଭା
ଶବ୍ଦର ସମ୍ଭାରେ
ବୟସର କୃଷ୍ଣଚୂଡ଼ା
ନିତି ରଙ୍ଗ ଭରେ ।

ସ୍ମୃତି ବିଜଡ଼ିତ ରହୁ
ଆୟୁଷ ସବାରୀ
ସ୍ପନ୍ଦନେ ଝଙ୍କୃତ ହେଉ
ରାଗ ଆଶାବାରୀ ।



■■■

ଭୁବନେଶ୍ୱର

# ମୁଁ ଗୋଟିଏ ପଥର

ଜାହ୍ନବୀ ଚୌଧୁରୀ



କାହା କୁହାଟରେ,
ଈଶ୍ୱର ନୀରବି ଯାଆନ୍ତିନି,
ସେ କାନ୍ଦିବା ଜାଣନ୍ତିନି,
କି ହସିବା ବି ଜାଣନ୍ତିନି,
ପ୍ରତାରଣା ବି ଜାଣନ୍ତିନି,
କିନ୍ତୁ ଯୁଗରୁ ଯୁଗ ଯାଏ,
ଅପେକ୍ଷା କରି ସେ ଜାଣିଥାନ୍ତି।



ଅବିଶ୍ୱାସର ପ୍ରତିଛବି
ଆଙ୍କି ନଥାନ୍ତି,
କେଉଁ ପୃଥିବୀର ଦେହରେ,
ସେ ଦେଖୁଥାନ୍ତି ନିରବ ଭଙ୍ଗୀରେ,
କହୁଥାନ୍ତି ଅସ୍ପଷ୍ଟ ସ୍ୱରରେ,
ହାୟରେ ମଣିଷ...
ତୁମରି ଭିତରେ କଂସ
ପୁଣି ତୁମରି ଭିତରେ କୃଷ୍ଣ !

ଅବତାର ନିଅନ୍ତି ବେଳେ ବେଳେ,
ରଚିବାକୁ ଧର୍ମର ସ୍ଥାପନ ଓ ଅଧର୍ମର ନିଧନ ।
ମୁଁ କେବେ ଦିଏ ନାହିଁ କାହା ଉତ୍ତର,
ମୁଁ ପରା ଈଶ୍ୱର,
ସହିଷ୍ଣୁତାର, ଧୈର୍ଯ୍ୟର
ତୁମ ବିଚାରରେ ହୁରି ପକାଅ,
ମୁଁ ଗୋଟିଏ ପଥର !!

■■■

ଭୁବନେଶ୍ୱର
ମୋ :୯୪୩୮ ୧୮୪୭୯୫

# କଳା ସୁନ୍ଦର

ବିନୋଦିନୀ ଗଉଡ଼



କଳା କାଉଟିର        କା.. କା.. ରାବ
    ସକାଳର ନିଦ ଭାଙ୍ଗେ
ପୂର୍ବାଶା କପାଳେ        ଅମଳ ସୁରୁଜ
    ନାଲି ବିନ୍ଦି ପରି ସାଜେ ।

କଳା କୋଇଲିର        କୁହୁ କୁହୁ ସ୍ୱନ
    ମନରେ ପୀରତି ଜାଗେ
ଚୋରା ଚଇତାଳି        ମନ୍ଦ ମନ୍ଦ ଛୁଏଁ
    କାହା ଭାବନାରେ ହଜେ ।



କଜଳପାତିଟି        ଚିକ୍କଣ କଳା
    ସୌନ୍ଦର୍ଯ୍ୟରେ ମନ ଜିତେ
ଯୁଗଳ କଜଳ        ଦେଖିଲେ ସତରେ
    ଦିନଟି ଶୁଭରେ ବିତେ ।

କଳା ହାତୀପଲ        ଜଙ୍ଗଲ ଭିତରେ
    ଧାଡି ବାନ୍ଧି ଯେବେ ଆସେ
କୁନି ହାତୀ ଛୁଆ        ମାଆ ପଛେ ପଛେ
    କେତେ ମନୋହର ଦିଶେ ।

କଳା ମେଘ ଦେଖି        ମୟୂର ନାଚଇ
    ବରଷା ନୂପୁର ବାଜେ
ଧରିତ୍ରୀ ସୁନ୍ଦରୀ        ଆକାଶ ଛୁଆଁରେ
    ସବୁଜିମା ରଙ୍ଗ ମାଖେ ।

କଳା ଭଅଁରଟି        ଗୁଣୁଗୁଣୁ ହୋଇ
    ଗୀତଗାଏ ଫୁଲ ପାଶେ
ମଧୁପ ସ୍ପର୍ଶରେ        ପୁଲକିତା ହୋଇ
    ଲାଜରେ ସୁମନ ହସେ ।

କଳା କଳେବର        କଳା କହ୍ନେଇର
    ଅଧରୁ ଅମୃତ ଝରେ
କଳା ବଦନର        କେତେ ଆକର୍ଷଣ
    ଦେଖିବାକୁ ମନ ଝୁରେ ।

■■■

କ୍ୱାଟର୍ ନଂ – ଭି୧-୧ / ୧
ନିଉ୍ ଗଭର୍ନମେଣ୍ଟ କଲୋନୀ, ଭୁବନେଶ୍ୱର୍
ଫୋନ୍ ନଂ – ୯୪୩୭୭୩ ୩୭୯୫୫

# ଅଂଶୀ

ପ୍ରଜ୍ଞା ମହାନ୍ତି



ତମେ ସପ୍ତ ସିନ୍ଧୁ
ମୁଁ ତହିଁରେ ଏକ ବିନ୍ଦୁ,
ମୋ ଭାବନାରେ ତୁମେ
ତୁମ ଭୁବନରେ ମୁଁ
ତମେ ଅଖଣ୍ଡ ନିରାକାର,
ଖଣ୍ଡ ଖଣ୍ଡ ମୋହର ଆକାର
ମୁଁ ଏକମାତ୍ର ନାମ,
ତମେ ସର୍ବନାମ
ମୁଁ ବ୍ରହ୍ମ ତମେ ବ୍ରହ୍ମାଣ୍ଡ,
ମୁଁ ଆତ୍ମା ତମେ ପରମାତ୍ମା,
ମୁଁ ଆକାର ତମେ ଓଁକାର,
ମୁଁ ଆନନ୍ଦ ଅଭିଳାଷି,
ତମେ ଆନନ୍ଦସାଗର ନିବାସୀ ।
ହେ ପ୍ରିୟବର ମୁଁ ଜାଣିଛି ଏତିକି,
ତମର ମୋହର ଅଶୀଂଭାବ,
ମୋ ଅଭାବ ସବୁକୁ
ନିଜର ଭାବି ଚଳାଇ ନେଉଥିବ।



■■■

ସମ୍ବଲପୁର
ମୋ : ୯୪୩୭୩ ୬୨୪୭୩



# ମୁଁ ଶ୍ରମଜୀବୀ

ପଦ୍ମାଳୟା ସାମଲ



ମୁଁ ବାହାରିଯାଏ ପ୍ରତିଦିନ
ବଡ଼ି ସକାଳୁ, ଖୋଜିବାକୁ କାମ
କାଳେ ମିଳିଯିବ କିଛି ଆଜିର ସେ ଗୁଜୁରାଣ
କାଳେ ପଡ଼ିଯିବ କିଛି ପାଟିରେ ମୋ ଭୋକିଲା
ଛୁଆର
ଜର, ବଥା, ରୋଗ, ବଇରାଗ
ଯାହା କିଛି ଥାଉ ନା କାହିଁକି
ମୁଁ କିନ୍ତୁ ବାହାରେ ନିର୍ଦ୍ଦିଷ୍ଟ ବେଳାରେ
ଜୀବନ ତୀର୍ଥରେ ମୋ ଠାକୁର ବୋଇଲେ
ମୋର ଦୁଇ ହାତ, ତାକୁ ଆଶ୍ରା କରି
କାଟିବାକୁ ହୁଏ ରାତି ଦିନ ସମସ୍ତ ପ୍ରହର ।

ମୁଁ ଜାଣେନି ଆଦୌ
କେମିତି ବୋଲିବାକୁ ହୁଏ ଜାତୀୟ ସଂଗୀତ
କେଉଁପରି ଧରିବାକୁ ହୁଏ ଜାତୀୟ ପତକା
ମୁଁ ଜାଣେନି କେଉଁ ଛନ୍ଦେ
ଆନ୍ଦୋଳିତ ହୁଏ ହାତ, ଗୋଡ଼, ଦେହ, ମନ
ସ୍ବଦେଶପ୍ରେମରେ ।

ମୁଁ ଜାଣେନି ବଡ଼ବଡ଼ ବଜାରର କିଣାବିକା
ମୁଦ୍ରାସ୍ଫିତୀ, ବ୍ୟାଙ୍କସୁଧ, ସ୍ୱାସ୍ଥ୍ୟବୀମା
ବିମାନ ଟିକଟ, ଆଜିଯାକେ
ମୁଁ ଖାଲି ତ ନିଃଶବ୍ଦ ଜୁଆରଟିଏ
ମୁଣ୍ଡପିଟେ ସମାଜର ବାଲୁକା ତଟରେ ।

ଏବେ ଲାଗେ, ମୋ ଦାୟିତ୍ୱ, ମୁହିଁ ତ ନିଜେ
ପ୍ରତିଦିନ ମତେ ଯାହା ବୁଝିବାକୁ ହୁଏ
ଖାଉନ୍ଦମୁହଁର ଭାଷା
ମତେ ଶୁଣିବାକୁ ହୁଏ
ପ୍ରାତ୍ୟହିକ ଆଦେଶର ମୁନିଆଁ ସଂଗୀତ
କାନେଇବାକୁ ବି ପଡେ ପ୍ରତି ମୁହୂର୍ତ୍ତରେ
ମୁନିବଙ୍କ ହାତ ଆଉ ଆଙ୍ଗୁଠିଙ୍କ
ନିର୍ଦ୍ଦେଶର ଫର୍ଦ୍ଦ ।
ଶୁଣିବାକୁ ପଡୁଛି ମତେ
ଚୋରଠୁ, ଡକାୟତଙ୍କଠୁ,
କୌଣସି ପରିସ୍ଥିତିରେ ସୁଦ୍ଧା
ଚୋରି ନ କରିବାକୁ ।

ଆସିଛି ଏଇ ପୃଥିବୀକୁ
ରହୁଛି ବି ଏଇ ପୃଥିବୀରେ
ଅଥଚ ହିସାବ ରଖନ୍ତିନି କେହି
କେବେହେଲେ ମୋରି ବିଷୟରେ ।

■■■

ଭୁବନେଶ୍ୱର

# କାନ୍ଦିବୁ ଏକା ଏକା

ବିଜୟଲକ୍ଷ୍ମୀ ପଟ୍ଟନାୟକ





ହସିପାରିବୁ ସଭିଙ୍କ ସାଥିରେ
କିନ୍ତୁ, କାନ୍ଦିବୁ ଏକା ଏକା
କବାଟ କିଳି ବା କାନ୍ଥକୁ ମୁହଁ କରି
କାନ୍ଦିଲେ ଆହା ପଦେ ଶୁଣିବୁ
କିନ୍ତୁ ହସିଲେ କ୍ରୋଧ, ହିଂସାର ଅଗ୍ନିରେ
ଖାଲି ଛଟପଟ ହେବୁ ରେ ପାଗଳ
ଛାତିରୁ ଛାତିଏ କୋହକୁ ଢାଳିଦେ
ଅଜାଡି ଦେ ଭୂଇଁ ଉପରେ
ଏଇଟା ସଂସାର ପରା
ଏଠି ଭଲପାଇବାର ଛଳନାରେ
ଗଜୁରି ଉଠନ୍ତି ଦ୍ବିଜପତ୍ରମାନେ
ନାହିଁ ନ ଥିବା କଥା ସବୁ ଯୋଡି ହୁଏ
ବୃକ୍ଷ ପାଲଟିଯାଏ ଫଳ ଫୁଲ ହୁଏ
ମୃତ୍ୟୁକୁ ଆଗରେ ଦେଖିଲା ପରି
କ୍ୟାନସର ରୋଗୀମାନଙ୍କ ମୁହଁ ଦିଶେ
ଭଲରେ ବଞ୍ଚିଛୁ ବୋଲି କହିଦେଲେ
ମରିବା ଛଡା ଆଉ କିଛିବି ବାଟ ନାହିଁ
ପୃଥିବୀ ! ଏତେ ବିଚିତ୍ର କାହିଁକି ତୁ
ଲୁହ ଲୁଚେଇବାକୁ ହସିବାକୁ ହୁଏ
ବହୁତ ହସିଲେ ଧରାପଡିଯାଏ ଛଳନା
ଆଖିର ଲୁହ ଓଠ ପିଇଯାଏ ସିନା
ମନର କୋହ ନିଜକୁ ଭୋଗିବାକୁ ହୁଏ
ଅତି ବେଶୀରେ କଣ ହୁଏ, ହୃଦଘାତ
ନଚେତ୍ ଆଉ କିଛି ଆଉ କିଛି
କହି ହୁଏନା କି ସହି ହୁଏନା
ଶ୍ରାବଣର ବାରିଧାରାରେ ମିଶିଯାଏ
ଅସୁମାରୀ ବିଷର୍ଣ୍ଣ ମନର ଗୋପନତା
ଦେଖ ! କାଟିଦେଲି ମନର ଡେଣା
ହୃଦୟକୁ ବି ଥାପିଲି ବଟପତ୍ର ପରେ
ଭସେଇଦେଲି ମହୋଦଧିରେ
ଯେଉଁଠି ଲାଗିବ ଲାଗୁ
ସେଇଠି ଉଠିବ ବଟବୃକ୍ଷଟିଏ
ଛାୟା ଓ ଆଶ୍ରାର ପ୍ରତିଶ୍ରୁତି ମିଳିଯିବ
କାହାର ଉଦାର ଚକ୍ଷୁ ତ ପଡିବ ତା ପରେ
ଆଉ ଦୁଇ ହାତ ଉଠିଆସିବ
ରୁମାଲ ହୋଇ ପୋଛିଦେବ ଓଦା ଆଖି
ଆଉଜେଇ ନେବ ଛାତିକୁ ଅସମୟରେ ।

■■■

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୧୬

# "ଇ ପତ୍ରିକା" ର ଅକ୍ଟୋବର ସଂଖ୍ୟା, ଯୁ-୧୯ ର ଡିଜିଟାଲ୍ ପ୍ଲାଟ୍‌ଫର୍ମ ଓ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୱେବ୍‌ସାଇଟ୍ ଉନ୍ମୋଚନ ସମୟର କିଛି ସ୍ମୃତି

## ୦୧.୧୦.୨୦୨୨ (ଶନିବାର)

















# "ଇ ପତ୍ରିକା" ର ଅକ୍ଟୋବର ସଂଖ୍ୟା, ଯୁ-୧୯ ର ଡିଜିଟାଲ୍ ପ୍ଲାଟ୍‌ଫର୍ମ ଓ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୱେବ୍‌ସାଇଟ୍ ଉନ୍ମୋଚନ ସମୟର କିଛି ସ୍ମୃତି

## ୦୧.୧୦.୨୦୨୨ (ଶନିବାର)










# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ର
# ୪୪ ତମ ଅଧିବେଶନ ର  କିଛି ସ୍ମୃତି

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ 'ସ୍ୱର୍ଗାଦପୀ ଗରୀୟସୀ' (ନାଟକ), 'ତିନୋଟି ଔପନ୍ୟାସିକା', କବୀ ଶାନ୍ତିଲତା ପଲାଇଙ୍କ କବିତା ପୁସ୍ତକ "ସ୍ମୃତିର ପ୍ରତିଧ୍ୱନୀ", ଗାଳ୍ପିକା ପ୍ରଭାତୀ ଜେନାଙ୍କର କ୍ଷୁଦ୍ରଗଳ୍ପ ସଂକଳନ "ଅନୁରାଗର ଆକାଶ" ର
ଲୋକାର୍ପଣ ପର୍ବ ।

## ୦୯.୧୦.୨୦୨୨ (ରବିବାର)










# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ର
# ୪୩ ତମ ଅଧିବେଶନ ର କିଛି ସ୍ମୃତି

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ 'ସ୍ୱର୍ଗାଦପୀ ଗରୀୟସୀ' (ନାଟକ), 'ତିନୋଟି ଔପନ୍ୟାସିକା', କବୀ ଶାନ୍ତିଲତା ପଲାଇଙ୍କ କବିତା ପୁସ୍ତକ "ସ୍ମୃତିର ପ୍ରତିଧ୍ୱନୀ", ଗାଳ୍ପିକା ପ୍ରଭାତୀ ଜେନାଙ୍କର କ୍ଷୁଦ୍ରଗଳ୍ପ ସଂକଳନ "ଅନୁରାଗର ଆକାଶ" ର
ଲୋକାର୍ପଣ ପର୍ବ ।

## ୦୯.୧୦.୨୦୨୨ (ରବିବାର)








ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ଅଧିବେଶନ

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ଅଧିବେଶନ

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ପଞ୍ଚମ ସଂଖ୍ୟା ୧ ନଭେମ୍ବର ୨୦୨୨

Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି II ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Email : epatrika.cspursahityasansad@gmail.com

Website: www.cspursahityasansad.com